CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- Vol.- 46, Issue No. 97
- Tuesday, 07 July 2026
- ମଙ୍ଗଳବାର, ୦୭ ଜୁଲାଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ବିକାଶ ଯାତ୍ରାରେ ଯୋଡ଼ି ହେଲା ନୂଆ ଅଧ୍ୟାୟ



★ ଦୁଇ ଟ୍ରେନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ, ରେଳ ମନ୍ତ୍ରୀ

★ ପୁରୀ-କୋରାପୁଟ, ବ୍ରହ୍ମପୁର-ଉଧନା ଅମୃତ ଭାରତ

★ ଦେଶରେ ପରିବର୍ତ୍ତନର ଯୁଗ ଆସିଛି: ମୁଖ୍ୟମନ୍ତ୍ରୀ

★ ଉତ୍ତର ଓଡିଶା ପାଇଁ ଆସିବ ନୂଆ ଟ୍ରେନ: ରେଳ ମନ୍ତ୍ରୀ


★ ବ୍ରହ୍ମପୁର ରେଳ ଷ୍ଟେସନ ହେବ ବିଶ୍ୱସ୍ତରୀୟ ଖର୍ଚ୍ଚ ହେବ ୩୦୦ କୋଟି

ଭୁବନେଶ୍ୱର,୬।୭: ଓଡ଼ିଶାର ବିକାଶ ଯାତ୍ରାରେ ସୋମବାର ଯୋଡ଼ି ହୋଇଛି ଗରିମାମୟ ଅଧ୍ୟାୟ। ରାଜ୍ୟରେ ପୁରୀ-କୋରାପୁଟ-ପୁରୀ ନୂତନ ଟ୍ରେନ ଏବଂ ବ୍ରହ୍ମପୁର-ଉଧନା (ସୁରଟ) ଅମୃତ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରାଯାଇଛି। ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ ସୋମବାରଠାରୁ ଦୈନିକ ଟ୍ରେନ ରୂପେ ଚଳାଚଳ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପତାକା ଦେଖାଇ ଏହି ନୂଆ ଟ୍ରେନର ଶୁଭାରମ୍ଭ କରିଛନ୍ତି।ପୁରୀ ରେଳ ଷ୍ଟେସନଠାରେ ପୁରୀ-କୋରାପୁଟ-ପୁରୀ ନୂତନ ଟ୍ରେନର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ଏବେ ଏକ ପରିବର୍ତ୍ତନ (ଟ୍ରାନସଫର୍ମେସନ)ର ଯୁଗ ଆସିଛି। ସଡକ ଠାରୁ ଆରମ୍ଭ କରି ରେଳ, ବିମାନସେବା ସବୁ କ୍ଷେତ୍ରରେ ପରିବର୍ତ୍ତନ ଆସିଛି । ଏହି ଟ୍ରେନ ସପ୍ତାହକୁ ତିନି ଦିନ ଚାଲିବ । ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଓଡିଶାକୁ ଯୋଡି ସମସ୍ତଙ୍କ ପାଇଁ ଏକ ସୁଖଦ ଯାତ୍ରାର ଅନୁଭବ ଆଣିବ। ଓଡ଼ିଶାର ୫୯ ରେଳ ଷ୍ଟେସନକୁ 'ଅମୃତ ଭାରତ' ଯୋଜନାରେ ଆଧୁନିକୀକରଣ କରାଯାଉଛି। ସେଥିରେ ୧୮୪ କୋଟି ଟଙ୍କା ଖର୍ଚ୍ଚରେ ପୁରୀ ଷ୍ଟେସନର କାମ ମଧ୍ୟ ଚାଲୁ ରହିଛି। ଆସନ୍ତା ବର୍ଷ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଧାର୍ଯ୍ୟ କରାଯାଇଛି । ସେହିପରି ବ୍ରହ୍ମପୁର ରେଳ ଷ୍ଟେସନରେ ଅମୃତ ଭାରତ ଏକ୍ସପ୍ରେସର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୁରଟ ସହ ଓଡ଼ିଶାର ଭାବଗତ, ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଅତି ନିବିଡ଼। ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମିକ ଓ ବ୍ୟବସାୟୀ ଭାଇମାନେ ସୁରଟରେ ରହି ସେଠାକାର ଟେକ୍ସଟାଇଲ ଓ ଡାଇମଣ୍ଡ ଶିଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଅତ୍ୟାଧୁନିକ ଟ୍ରେନ ଗୁଜରାଟ ସହ ଓଡିଶାର ସମ୍ପର୍କ ଆହୁରି ନିବିଡ ହେବ । ଗୋପାଳପୁର ବନ୍ଦରର ସମ୍ପ୍ରସାରଣ ସହ ଆଗାମୀ ଦିନରେ ବାହୁଦା ଠାରେ ଏକ ବୃହତ୍ ବନ୍ଦର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବ୍ରହ୍ମପୁର ସହରକୁ 'ଗ୍ରେଟର ବ୍ରହ୍ମପୁର ସିଟି' ଭାବେ ବିକଶିତ କରିବା ସହ ବ୍ରହ୍ମପୁର-ଜୟପୁରକୁ ସଂଯୋଗ କରୁଥିବା ଏକ ୬-ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ, ଦୁଇ ବର୍ଷ ତଳେ ଆମେ ଓଡିଶାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ୫ ବର୍ଷରେ ଏକ ଲକ୍ଷ କୋଟି ଟଙ୍କା ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବିନିଯୋଗ କରିବୁ । ଦୁଇ ବର୍ଷରେ ୯୭ ହଜାର କୋଟି ଟଙ୍କାରେ ପହଞ୍ଚିଲାଣି। ଜାତୀୟ ରାଜପଥ କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳଜୀଙ୍କ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ପରି ରେଳବାଇ କ୍ଷେତ୍ରରେ ସମଗ୍ର ଦେଶକୁ ଯୋଡିବା ପାଇଁ ମୋଦିଜୀ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାର ଲକ୍ଷ୍ୟ ରଖିଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ଉତ୍ତର ଓଡିଶା ପାଇଁ ଏକ ଟ୍ରେନ ଆରମ୍ଭ କରାଯିବ ବୋଲି ଘୋଷଣା କରିଥିଲେ।ଅମୃତ ଭାରତ ଏକ୍ସପ୍ରେସ ବର୍ତ୍ତମାନ ଠାରୁ ପ୍ରତିଦିନ ବ୍ରହ୍ମପୁରରୁ ସୁରଟ ଅଭିମୁଖେ ଚଳାଚଳ କରିବ । ବ୍ରହ୍ମପୁର ରେଳ ଷ୍ଟେସନକୁ ବିଶ୍ୱ ସ୍ତରୀୟ ରେଳ ଷ୍ଟେସନ କରିବା ପାଇ ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ଓ ଏହାର କାମ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଘୋଷଣା କରିଥିଲେ ।

### ବଦଳିଲା ସ୍କୁଲ ପରୀକ୍ଷା ବ୍ୟବସ୍ଥା

## ତୃତୀୟରୁ ଅଷ୍ଟମ: ବର୍ଷକୁ ୪ ପରୀକ୍ଷା

### ଶିଶୁବାଟିକାରୁ ଦ୍ୱିତୀୟ ଯାଏଁ ଲିଖିତ ପରୀକ୍ଷା ମନା



ଭୁବନେଶ୍ୱର, ୬।୭(ନିପ୍ର): ରାଜ୍ୟର ସ୍କୁଲ ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆସୁଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଛାତ୍ରଛାତ୍ରୀଙ୍କ ମୂଲ୍ୟାୟନ ପ୍ରଣାଳୀକୁ ଅଧିକ ବୈଜ୍ଞାନିକ ଓ ନିରନ୍ତର କରିବା ପାଇଁ ନୂଆ ଆସେସ୍‌ମେଣ୍ଟ ଫ୍ରେମ୍‌ୱର୍କ ଲାଗୁ କରିଛି। ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ ହେବ ଏବଂ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପାଳନ କରାଯିବ। ନୂଆ ନିୟମ ଅନୁସାରେ ତୃତୀୟରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନେ ବର୍ଷକୁ ମୋଟ ୪ଟି ପରୀକ୍ଷା ଦେବେ। ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଗୋଟିଏ ଫର୍ମେଟିଭ୍ ଆସେସ୍‌ମେଣ୍ଟ (ଏଫଏ୧) ଓ ଗୋଟିଏ ସମେଟିଭ୍ ଆସେସ୍‌ମେଣ୍ଟ (ଏସଏ୧) ହେବ। ସେହିପରି ଅକ୍ଟୋବରରୁ ମାର୍ଚ୍ଚ ମଧ୍ୟରେ ଏଫଏ-୨ ଓ ଏସଏ-୨ ଅନୁଷ୍ଠିତ ହେବ। ଏହି ବ୍ୟବସ୍ଥା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାର ଅଗ୍ରଗତିକୁ ବର୍ଷସାରା ନିୟମିତ ଭାବେ ମୂଲ୍ୟାୟନ କରାଯିବ। ପ୍ରତ୍ୟେକ ବିଷୟରେ ଫର୍ମେଟିଭ୍ ପରୀକ୍ଷା ୨୫ ନମ୍ବର ଲେଖାଏଁ ହେବ। ସମେଟିଭ୍ ପରୀକ୍ଷା ୫୦ ନମ୍ବରର ରହିବ। ଏହାବ୍ୟତୀତ ଶିକ୍ଷକଙ୍କ ନିରନ୍ତର ପର୍ଯ୍ୟବେକ୍ଷଣ ଓ ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ସକ୍ରିୟତାକୁ ଆଧାର କରି ପ୍ରତ୍ୟେକ ବିଷୟରେ ଆଉ ୨୫ ନମ୍ବର ଦିଆଯିବ। ଏହିପରି ଭାବେ ସମ୍ପୂର୍ଣ୍ଣ ଶିକ୍ଷାବର୍ଷରେ ମୋଟ ୧୨୦୦ ନମ୍ବରର ମୂଲ୍ୟାୟନ କରାଯିବ।ଅନ୍ୟପକ୍ଷେ ଶିଶୁବାଟିକାରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ କୌଣସି ଲିଖିତ ପରୀକ୍ଷା ରହିବ ନାହିଁ। ସେମାନଙ୍କ ଶିକ୍ଷାଗତ ଅଗ୍ରଗତି କେବଳ ଶିକ୍ଷକଙ୍କ ପର୍ଯ୍ୟବେକ୍ଷଣ, ଶ୍ରେଣୀକକ୍ଷ କାର୍ଯ୍ୟକଳାପରେ ଅଂଶଗ୍ରହଣ ଏବଂ ଶିଖିବାର ଦକ୍ଷତାକୁ ଆଧାର କରି ମୂଲ୍ୟାୟନ କରାଯିବ। ଏଥିପାଇଁ ସ୍ୱତନ୍ତ୍ର 'ଲର୍ଣ୍ଣିଂ ଲ୍ୟାଡର ରେଜିଷ୍ଟର' ବ୍ୟବହାର କରାଯିବ, ଯେଉଁଥିରେ ପ୍ରତି ମାସର ଶିକ୍ଷାଗତ ଅଗ୍ରଗତି ଲିପିବଦ୍ଧ ହେବ।ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଗଣିତ ଓ ଭାଷା ବିଷୟରେ ସେମାନଙ୍କ ମାସିକ ଅଗ୍ରଗତିକୁ ନଜରରେ ରଖି ଆବଶ୍ୟକ ହେଲେ ରିମେଡିଆଲ୍ ପାଠଦାନ ଓ ଶିକ୍ଷାଦାନର ଗତି ନିର୍ଦ୍ଧାରଣ କରାଯିବ।

## ଆସନ୍ତା ୯ରେ ହୀରାକୁଦରୁ ଛଡ଼ାଯିବ ପ୍ରଥମ ବନ୍ୟାଜଳ

ସମ୍ବଲପୁର,୬।୭: ସମ୍ବଲପୁର ଜିଲ୍ଲା ହୀରାକୁଦ ଜଳଭଣ୍ଡାର ଉପର ମୁଣ୍ଡରେ ବର୍ଷା ଯୋଗୁଁ କ୍ରମାଗତ ଭାବରେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି । ଏହା ଦ୍ୱାରା ହୀରାକୁଦ ବନ୍ଧ ତଳ ମୁଣ୍ଡରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଆସନ୍ତା



ଜୁଲାଇ ୯ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ହୀରାକୁଦ ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯିବ । ଏଥିଯୋଗୁଁ ମହାନଦୀ ଓ ତା'ର ଶାଖା ନଦୀ ଗୁଡିକର ଜଳସ୍ତର ବୃଦ୍ଧି ପାଇବ। ତେଣୁ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । କୌଣସି ଦୁର୍ଘଟଣା ପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

### ରଥଯାତ୍ରାର ସୁପରିଚାଳନା ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ସୁରକ୍ଷିତ ରଥଯାତ୍ରା ସମସ୍ତଙ୍କ ନୈତିକ ଦାୟିତ୍ୱ

### ସମନ୍ୱୟ ଓ ସମର୍ପଣର ଦେଲେ ମନ୍ତ୍ର

### ଗୁଜବ ସୃଷ୍ଟିକାରୀଙ୍କ ଉପରେ କଡ଼ା ନଜର ରହୁ

### ୧୦ ସୂତ୍ରୀର ଦେଲେ ନିର୍ଦ୍ଦେଶ




ଭୁବନେଶ୍ୱର/ପୁରୀ,୬।୭(ନିପ୍ର):ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷ ରଥଯାତ୍ରାର ସୁପରିଚାଳନା ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକରେ ଅଧ୍ୟକ୍ଷତା କରି ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସୋମବାର ପୁରୀ ଟାଉନ ହଲ୍ ଠାରେ ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଆମର ବୁଦ୍ଧି, ଜ୍ଞାନ, ଦକ୍ଷତା ଓ ଅଭିଜ୍ଞତା- ଏସବୁକୁ ଏକାଠି କରି ସମର୍ପଣ ମନୋଭାବ ନେଇ ସମସ୍ତ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ତଥା ସେବକ ବନ୍ଧୁମାନେ ରଥଯାତ୍ରା ପରିଚାଳନା କରିବା ଆବଶ୍ୟକ। ଏହାଦ୍ୱାରା ରଥଯାତ୍ରା ତ୍ରୁଟିଶୂନ୍ୟ ଭାବେ ସମ୍ପନ୍ନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୋଟ ଉପରେ ମୁଖ୍ୟମନ୍ତ୍ରୀ ୧୦ ସୂତ୍ରୀର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକ ସୁରକ୍ଷିତ ରଥଯାତ୍ରା କେବଳ ଏକ ସରକାରୀ କର୍ତ୍ତବ୍ୟ ନୁହେଁ, ଏହା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁରକ୍ଷା ଓ ଭିଡ଼ ପରିଚାଳନା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ସେହିପରି ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣ ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଗତ ଦୁଇ ବର୍ଷରେ ଯେଉଁ ଅଭିଜ୍ଞତା ମିଳିଛି ସେସବୁକୁ ଦୃଷ୍ଟିରେ ରଖି ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମସ୍ତ କାର୍ଯ୍ୟର ଉପଯୁକ୍ତ ମନିଟରିଂ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ମହାପ୍ରଭୁଙ୍କ ନୀତିକାନ୍ତି, ଅନ୍ୟାନ୍ୟ ସେବା, ଟ୍ରାଫିକ ଚଳାଚଳର ସଦ୍ୟତମ ସ୍ଥିତି ଏବଂ ଅନ୍ୟାନ୍ୟ ଜରୁରୀ ସୂଚନା ଏଫ୍.ଏମ୍ ରେଡିଓ, ସାମାଜିକ ଗଣମାଧ୍ୟମ, ବିଭାଗୀୟ ଓ୍ୱେବ ସାଇଟ ତଥା ଟେଲିଭିଜନ ମାଧ୍ୟମରେ ପ୍ରଦାନ କରାଗଲେ ଅନେକ ସମସ୍ୟାକୁ ଏଡାଇ ହେବ ବୋଲି ସେ କହିଥିଲେ। ଗୁଜବ ସୃଷ୍ଟିକାରୀଙ୍କ ଉପରେ କଡା ନଜର ରଖି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ, ସମସ୍ତ ଭକ୍ତ ଯେପରି ଏକ ସୁଖଦ ଆଧ୍ୟାତ୍ମିକ ଅନୁଭବ ନେଇ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ, ସେଥିରେ ଆମ ସମସ୍ତଙ୍କର ସଫଳତା ଓ ଆମ ସମସ୍ତଙ୍କର ପୁଣ୍ୟ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ 'ରୂପରେଖ- ରଥଯାତ୍ରା ୨୦୨୬' ପୁସ୍ତିକାର ଉନ୍ମୋଚନ କରିଥିଲେ।

### ସମ୍ବଲପୁରରେ ବର୍ଷାଜଳର ପ୍ରବଳ ସ୍ରୋତ

## ଗାଡ଼ି ସହ ଭାସିଗଲେ ୨, ଜଣେ ଉଦ୍ଧାର

ସମ୍ବଲପୁର, ୬।୭: ସମ୍ବଲପୁରରେ ଗତ ୫ ଦିନ ଧରି ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି । ଗତକାଲି ରାତି ତମାମ ଲଗାଣ ବର୍ଷା ଫଳରେ ସହରର ବିଭିନ୍ନ ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡିଛି। ସ୍ଥିତିର ସମୀକ୍ଷା ପାଇଁ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରି ବିଭିନ୍ନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ। ଏହାସହ ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରି ସମସ୍ୟା ବୁଝିବା ସହ ଜଳନିଷ୍କାସନ ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବର୍ଷା ଓ ଜଳମଗ୍ନ ଅଞ୍ଚଳକୁ ଦୃଷ୍ଟିରେ ରଖି ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ଏବଂ ଧନକଉଡା ବ୍ଲକର ସମସ୍ତ ବିଦ୍ୟାଳୟକୁ ସୋମବାର ପାଇଁ ଛୁଟି ଘୋଷଣା କରାଯାଇଛି। ଅନ୍ୟପକ୍ଷେ ସେଣ୍ଟଜୋନ୍ସ ସ୍କୁଲ ସଙ୍କର୍ମା ରାସ୍ତା ତଥା ରେଙ୍ଗାଲୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିବାଗଡ଼ିଆପଡ଼ା ନିକଟରେ ଗତକାଲି ଦୁଇ ଜଣ ଏକ ବାଇକ୍‌ରେ ଆସୁଥିବା ବେଳେ ବର୍ଷାର ସୁଅ ରାସ୍ତା ଅବରୋଧ କରିଥିଲା । ଏପରିକି ଗାଡ଼ି ସହ ଦୁଇ ଜଣ ଗଭୀର ସ୍ରୋତରେ ଭାସି ଯାଇଥିଲେ । ଗଛଲଟା ଧରି ଜଣେ ଗୋବର୍ଦ୍ଧନ ନାମକ ବ୍ୟକ୍ତି ନିଜକୁ ପାଣି ସ୍ରୋତରୁ ଅଟକାଇ ରଖିଥିବା ବେଳେ



ସୁରେଶ ମହାରଣା ନାମକ ଅନ୍ୟ ଜଣଙ୍କର କୌଣସି ପତ୍ତା ମିଳିପାରିନଥିଲା । ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଖୋଜଖବର କରିବା ପରେ ପାଣି ମଝିରେ ଲଟକି ରହିଥିବା ଯୁବକକୁ ଉଦ୍ଧାର କରିଥିଲା ବେଳେ ସୋମବାର ଅପରାହ୍ନରେ ସୁରେଶଙ୍କ ମୃତଦେହ ଉଦ୍ଧାର ହୋଇଛି ।

### ସମ୍ଭାବ୍ୟ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ

## ମହାନଦୀ, ଦେବୀ, ଜଳକା, ଋଷିକୁଲ୍ୟା ଆଦିର ଜଳସ୍ତର ବିପଦ ସ୍ତରଠୁଁ କମ୍

■ ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ

■ କ୍ଷୟକ୍ଷତିର ଚବିଶ ଘଣ୍ଟାରେ ମିଳିବ କ୍ଷତିପୂରଣ

ଭୁବନେଶ୍ୱର,୬।୭: ବୈତରଣୀ ନଦୀ ଅବବାହିକାରେ ଲଗାଣ ବର୍ଷାଜନିତ ଉଚ୍ଚ ଜଳସ୍ତର ଏବଂ ସେ ପ୍ରଭାବରୁ ଆଶଙ୍କା କରାଯାଉଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ରାଜୀବ ଭବନଠାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ମହାନଦୀ, ଦେବୀ, ଜଳକା, କୁଶଭଦ୍ରା, ଋଷିକୁଲ୍ୟା, ଇବ୍ ଆଦି ନଦୀର ଜଳସ୍ତର ବିପଦ ସ୍ତରଠୁଁ କମ୍ ଅଛି । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଓଡ଼ିଶାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ଅଛି । କୌଣସି ପ୍ରକାର ବିପଦ ନିମନ୍ତେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ବିଭିନ୍ନ ନଦୀର ଜଳପତ୍ତନ ସ୍ତର ଉପରେ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି । ବିଭିନ୍ନ ବିଭାଗ ସହିତ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷା ସହ କୌଣସି ବି ପରିସ୍ଥିତିର ମୁକାବିଲା କରିବା ପାଇଁ ସରକାର ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛନ୍ତି। ତେବେ, କିଛି ଅଞ୍ଚଳରେ ଚାଷଜମି କ୍ଷତିଗ୍ରସ୍ତ ହେବାର ସୂଚନା ମିଳିଛି । ଏଥିସହିତ କ୍ଷୟକ୍ଷତିର ଚବିଶ ଘଣ୍ଟା ପୂରଣ ହେବା ପୂର୍ବରୁ ହିଁ କ୍ଷତିପୂରଣ ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜଳସ୍ତର ହ୍ରାସ ପରେ ସମ୍ଭାବ୍ୟ ସାପ କାମୁଡ଼ା ଜନିତ ବିପଦ ହ୍ରାସ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ରଥଯାତ୍ରା ପରେ ତିରିଶଟି ଜିଲ୍ଲା ସହିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଡ଼ାକି ଆଗାମୀ ଦିନରେ ଲଗାଣ ବର୍ଷାଜନିତ ସମ୍ଭାବ୍ୟ ସମସ୍ତ ପ୍ରକାର ବିପଦର ପରିଚାଳନା ନିମନ୍ତେ ବିସ୍ତୃତ ଆଲୋଚନା କରାଯିବ ।

## ମହାରାଷ୍ଟ୍ରରେ ମୌସୁମୀ ବର୍ଷାର ତାଣ୍ଡବ

● ଭୂସ୍ଖଳନ ଓ ଗଛପଡ଼ି ୧୫ରୁ ଅଧିକ ଲୋକଙ୍କ ମୃତ୍ୟୁ

● ବହୁ ରାସ୍ତାରେ ଛୁଟୁଛି ଆଣ୍ଠୁଏ ପାଣିର ସୁଅ

● ଭୂସ୍ଖଳନ, କୃତ୍ରିମ ବନ୍ୟା ଓ ଜଳବନ୍ଦୀ ସ୍ଥିତି

● ଜନଜୀବନ ହୋଇପଡ଼ିଛି ଅସ୍ତବ୍ୟସ୍ତ

● ସ୍କୁଲ ଓ କଲେଜରେ ଛୁଟି ଘୋଷଣା

ମୁମ୍ବାଇ,୬।୭: ମହାରାଷ୍ଟ୍ରରେ ମୌସୁମୀ ବର୍ଷାର ତାଣ୍ଡବ ଫଳରେ ମୁମ୍ବାଇ ଓ ପୁଣେରେ ସ୍ଥିତି ବେହାଲ ହୋଇଛି। ବହୁ ରାସ୍ତାରେ ଆଣ୍ଠୁଏ ପାଣି ଭିତରେ ଲୋକେ ଯାଆସ କରୁଛନ୍ତି। ଚାରିଆଡ଼ ଜଳାର୍ଣ୍ଣବ ହୋଇପଡ଼ିଛି। ଭୂସ୍ଖଳନ, କୃତ୍ରିମ ବନ୍ୟା ଓ ଜଳବନ୍ଦୀ ସ୍ଥିତି ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରେଳ ଓ ସଡ଼କ ଯୋଗାଯୋଗ ଠପ୍ ହୋଇଥିବା ବେଳେ ଗତ ୩ରୁ ୪ ଦିନ ମଧ୍ୟରେ ବର୍ଷାଜନିତ ଅଘଟଣରେ ବିଶେଷ କରି ଭୂସ୍ଖଳନ ଓ ଗଛପଡ଼ି ୧୫ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଆଗକୁ ଆହୁରି ବର୍ଷା ରହିଛି। ମୁମ୍ବାଇ ପାଇଁ ଅରେଞ୍ଜ ଆଲର୍ଟ ଓ ପୁଣେ ପାଇଁ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ଲଗାଣ ବର୍ଷା ଯୋଗୁଁ ମହାରାଷ୍ଟ୍ରରେ ସାଧାରଣ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗତ ୩ରୁ ୪ ଦିନ ମଧ୍ୟରେ ବର୍ଷାଜନିତ ଅଘଟଣରେ ୧୫ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବା ବେଳେ ମୁମ୍ବାଇ, ପୁଣେ, ପାଲଘର ଓ ରାଇଗଡ଼ରେ ରେକର୍ଡ ବର୍ଷା ହୋଇଥିବା କହିଛନ୍ତି ମହାରାଷ୍ଟ୍ର ମନ୍ତ୍ରୀ ଗିରୀଶ ମହାଜନ। ପ୍ରବଳ ବର୍ଷାର ପ୍ରଭାବରେ ମୁମ୍ବାଇ-ପୁଣେ ରେଳ ଓ ସଡ଼କ ଯୋଗାଯୋଗ ପ୍ରାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଭୋର ପ୍ରାୟ ୩.୦୫ ମିନିଟ କରଜତ-ଲୋନାଭାଲାର ଭୋର ଘାଟ ରେଳପଥର ଠାକୁରୱାଡ଼ି ନିକଟରେ ଗୋଟିଏ ବଡ଼ ଭୂସ୍ଖଳନ ଘଟିଛି। ଏହାପରେ ଖଣ୍ଡାଲା ଓ ମଙ୍କି ହିଲ୍ ମଧ୍ୟରେ ଆଉ ଏକ ଭୂସ୍ଖଳନ ହୋଇଥିବା ସୂଚନା ଦେଇଛି ସେଣ୍ଟ୍ରାଲ ରେଲୱେ। ସେଣ୍ଟ୍ରାଲ ରେଳର ମୁଖ୍ୟ ଜନସମ୍ପର୍କ ଅଧିକାରୀ ସ୍ୱପ୍ନିଲ ନିଳାଙ୍କ କହିବା କଥା ଯେ ଭୂସ୍ଖଳନ ଯୋଗୁଁ ଭୋର ଘାଟର ତିନୋଟି ରେଳପଥ-ମୁମ୍ବାଇ ଅପ୍ ଲାଇନ୍, ପୁଣେ ଡାଉନ୍ ଲାଇନ୍ ଓ ମିଡିଲ୍ ଲାଇନ୍ ପ୍ରଭାବିତ ହୋଇଛି। ଦକ୍ଷିଣ-ପୂର୍ବ ଘାଟ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ଏପରି ସ୍ଥିତି ସୃଷ୍ଟି ହୋଇଛି।ଏଥିଯୋଗୁଁ ସେଣ୍ଟ୍ରାଲ ରେଲୱେ ଅନେକ ଦୂରଗାମୀ ଟ୍ରେନ୍ ବାତିଲ୍ କରିଥିବା ବେଳେ କିଛି ଗାଡ଼ିର ରୁଟ୍ ପରିବର୍ତ୍ତନ ଓ ସମୟସୂଚୀରେ ପରିବର୍ତ୍ତନ କରିଛି। ମୁମ୍ବାଇ-ପୁଣେ ଏକ୍ସପ୍ରେସୱେ ଓ ପୁରୁଣା ମୁମ୍ବାଇ-ପୁଣେ ଜାତୀୟ ରାଜପଥରେ ଭୂସ୍ଖଳନ ଓ ଜଳବନ୍ଦୀ ସ୍ଥିତି ଯୋଗୁଁ ଯାତାୟାତ ବନ୍ଦ ରଖାଯାଇଛି। ଖୋପୋଲି-କୁସଗାଓଁ ମିସିଂ ଲିଙ୍କର ଟନେଲ୍-୨ ନିକଟରେ ଭୂସ୍ଖଳନ ଓ କଂକ୍ରିଟ୍ ଖୁଣ୍ଟ ରାସ୍ତା ଉପରେ ଭୁଶୁଡ଼ି ପଡ଼ିବାରୁ ଯାନବାହନ ଚଳାଚଳ



ବାଧାପ୍ରାପ୍ତ ହୋଇଛି। ପୁଲିସ ପକ୍ଷରୁ ଅତ୍ୟାବଶ୍ୟକ ନ ହେଲେ ମୁମ୍ବାଇ-ପୁଣେ ମଧ୍ୟରେ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଛି। ମାଓ୍ୱାଲ ଓ ତାମହିନି ଘାଟ ଅଞ୍ଚଳରେ ମଧ୍ୟ ବନ୍ୟା ପରିସ୍ଥିତି ଦେଖାଦେଇଛି। ଆଗକୁ ଆହୁରି ପ୍ରବଳ ବର୍ଷାର ଆଶଙ୍କା ଥିବାରୁ ମୁମ୍ବାଇ, ପୁଣେ, ଥାଣେ ଓ ପାଲଘର ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ଏବଂ ପୌର ସଂସ୍ଥା ପରିଚାଳିତ ସ୍କୁଲ ଓ କଲେଜରେ ସୋମବାର ଛୁଟି ଘୋଷଣା କରାଯାଇଛି।

CMYK



# ବିନା ମାପ ଫିତାରେ ତିଆରି ହୁଏ ରଥ



ପ୍ରତିବର୍ଷ ଅକ୍ଷୟ ତୃତୀୟା ଆସିଲେ ଶ୍ରୀକ୍ଷେତ୍ରରେ ଆରମ୍ଭ ହୁଏ ଏହି ଅଦ୍ଭୁତ ପରମ୍ପରା । କେବଳ କିଛି କାଠଗଣ୍ଡିରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ମାତ୍ର ୫୮ ଦିନ ମଧ୍ୟରେ ରୂପ ନିଏ ତିନୋଟି ବିଶାଳ ରଥରେ । ଏହା କେବଳ କାରିଗରୀର କାହାଣୀ ନୁହେଁ; ଏହା ଭକ୍ତି, ପରମ୍ପରା ଓ ସେବାର ଏକ ଅନନ୍ୟ ଅଧ୍ୟାୟ। କାଠଗଣ୍ଡି ପୂଜାରୁ ଆରମ୍ଭ ହୁଏ ରଥ ନିର୍ମାଣ । ବୈଶାଖ ମାସର ପବିତ୍ର ଅକ୍ଷୟ ତୃତୀୟା ଦିନ ଶ୍ରୀମନ୍ଦିର ସମ୍ମୁଖରେ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ। ନୟାଗଡ଼, ବୌଦ୍ଧ ଓ ଅନ୍ୟାନ୍ୟ ଜଙ୍ଗଲରୁ ଆଣାଯାଇଥିବା ପବିତ୍ର କାଠଗଣ୍ଡିଗୁଡ଼ିକର ବିଧିବତ ପୂଜା କରାଯାଏ । ଚନ୍ଦନ, ସିନ୍ଦୂର ଓ ପୁଷ୍ପ ଅର୍ପଣ ସହ ଶଙ୍ଖଧ୍ୱନି, ଓ ହୁଳହୁଳି ମଧ୍ୟରେ ଆରମ୍ଭ ହୁଏ ରଥ ନିର୍ମାଣର ପବିତ୍ର ପର୍ବ। ଏହା ପରେ ଆରମ୍ଭ ହୁଏ ରଥ ନିର୍ମାଣର ପ୍ରକ୍ରିୟା ଯେଉଁଠାରେ ଆରମ୍ଭ ହୁଏ ସେହି ସ୍ଥାନକୁ ରଥଖଳା କୁହାଯାଏ । ବଡ଼ଦାଣ୍ଡର ରଥଖଳାରେ ପ୍ରାୟ ୨୦୦ରୁ ୨୨୦ ଜଣ ସେବାୟତ କାରିଗର ନିୟୋଜିତ ହୁଅନ୍ତି। ପିଢ଼ି ପରେ ପିଢ଼ି ଏହି ସେବା କରିଆସୁଥିବା ମହାରାଣା, ଭୋଇ ସେବାୟତ, ଓଝା ମହାରାଣା, ରୂପକାର ଓ ଦର୍ଜୀ ସେବାୟତମାନେ ମିଳିତ ଭାବେ ରଥ ନିର୍ମାଣ କରନ୍ତି। ମହାରାଣାମାନେ କାଠର ଆକୃତି ଗଢ଼ନ୍ତି, ଭୋଇ ସେବାୟତମାନେ ଭାରୀ କାଠ ଓ ଚକ ସ୍ଥାନାନ୍ତର କରନ୍ତି, କମାର ସେବାୟତମାନେ ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତ କରନ୍ତି ଏବଂ ରୂପକାର ଓ ଦର୍ଜୀ ସେବାୟତମାନେ ରଥକୁ ସୁନ୍ଦର ଅଳଙ୍କାର ଓ ରଙ୍ଗିନ ବସ୍ତ୍ରରେ ସଜାନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଫିତା ନାହିଁ, ଆଧୁନିକ ନକ୍ସା ନାହିଁ ତଥାପି ତିଆରି ହୁଏ ବିଶାଳ ରଥ । ରଥ ନିର୍ମାଣର ସବୁଠାରୁ ଆଶ୍ଚର୍ଯ୍ୟଜନକ ଦିଗ ହେଉଛି ଏଠାରେ ଆଧୁନିକ ମାପଫିତା କିମ୍ବା କମ୍ପ୍ୟୁଟର ଡିଜାଇନର ବ୍ୟବହାର ହୁଏନାହିଁ । କାରିଗରମାନେ



ପାରମ୍ପରିକ 'ହାତ' ଓ 'ଆଙ୍ଗୁଠି' ମାପ ପ୍ରଣାଳୀରେ ସମସ୍ତ କାଠକୁ ମାପନ୍ତି। କାଠର ଖାଞ୍ଜା ଓ ଗୁଞ୍ଜି ପ୍ରଣାଳୀରେ ରଥର ବିଭିନ୍ନ ଅଂଶକୁ ସଂଯୋଗ କରାଯାଏ। ଏହି ପାରମ୍ପରିକ କୌଶଳ ଆଜି ମଧ୍ୟ ରହିଛି। ୫୮ ଦିନ ପରେ ଠିଆ ହୁଏ ତିନୋଟି ମହାରଥ । ପ୍ରାୟ ଦୁଇ ମାସର ଅବିରତ ପରିଶ୍ରମ ପରେ ପ୍ରସ୍ତୁତ ହୁଏ । ପ୍ରତ୍ୟେକ ରଥ ନିର୍ଦ୍ଦିଷ୍ଟ ରଙ୍ଗର ବସ୍ତ୍ର ଓ ପାରମ୍ପରିକ ଅଳଙ୍କାରରେ ସଜାଯାଏ।

**ନନ୍ଦିଘୋଷ** – ମହାପ୍ରଭୁ ଜଗନ୍ନାଥଙ୍କ ରଥ; ଉଚ୍ଚତା ପ୍ରାୟ ୪୫.୬ ଫୁଟ, ୧୬ଟି ଚକ।

**ତାଳଧ୍ୱଜ** – ପ୍ରଭୁ ବଳଭଦ୍ରଙ୍କ ରଥ; ଉଚ୍ଚତା ପ୍ରାୟ ୪୫ ଫୁଟ, ୧୪ଟି ଚକ।

**ଦର୍ପଦଳନ** – ଦେବୀ ସୁଭଦ୍ରାଙ୍କ ରଥ; ଉଚ୍ଚତା ପ୍ରାୟ ୪୪.୬ ଫୁଟ, ୧୨ଟି ଚକ।

ରଥ ନିର୍ମାଣ ପାଇଁ ପ୍ରାୟ ୮୬୫ଟି କାଠଗଣ୍ଡି ବନ ବିଭାଗ ପକ୍ଷରୁ ଦିଆଯାଇଥାଏ । ଯାହାର ବଜାର ମୂଲ୍ୟ କୋଟି କୋଟି ଟଙ୍କା ହେଲେ ମଧ୍ୟ ଏହି କାଠ ମହାପ୍ରଭୁଙ୍କ ସେବା ପାଇଁ ମନ୍ଦିରକୁ ନିଃଶୁଳ୍କରେ ଦିଆଯାଏ । ରଥ ନିର୍ମାଣରେ ନିୟୋଜିତ ସେବାୟତମାନେ ଏହାକୁ କେବଳ ଚାକିରି ଭାବେ ନୁହେଁ, ବରଂ ଆଜୀବନ ସେବା ଭାବେ ଗ୍ରହଣ କରନ୍ତି । ସେମାନଙ୍କୁ ପାରମ୍ପରିକ ଖୋରାକୀ ସହ ପ୍ରତିଦିନ ମହାପ୍ରସାଦ ପ୍ରଦାନ କରାଯାଏ। କାର୍ଯ୍ୟ ଶେଷରେ ମୁଖ୍ୟ ସେବାୟତମାନଙ୍କୁ 'ଶାଢ଼ୀ ବନ୍ଧା' ସମ୍ମାନ ଓ ପାରମ୍ପରିକ ପାରିଶ୍ରମିକ ଦିଆଯାଏ। ରଥଯାତ୍ରା ପରେ ଶେଷ ହୁଏନି ରଥର ଯାତ୍ରା । ବାହୁଡ଼ା ଯାତ୍ରା ଓ ନୀଳାଦ୍ରି ବିଜେ ପରେ ରଥଗୁଡ଼ିକୁ ବିଧିବତ ଭାବେ ଖୋଲାଯାଏ। ରଥର ବିଶାଳ ଚକଗୁଡ଼ିକୁ ନିଲାମ କରାଯାଇ ମନ୍ଦିର ପାଣ୍ଠିକୁ ଅର୍ଥ ସଂଗ୍ରହ କରାଯାଏ। ବଳକା କାଠ ଶ୍ରୀମନ୍ଦିର ରୋଷଘରକୁ ପଠାଯାଏ। ସେହି କାଠରେ ବର୍ଷସାରା ମହାପ୍ରସାଦ ପ୍ରସ୍ତୁତ ହୁଏ । ଅର୍ଥାତ୍, ଯେଉଁ କାଠ ଦିନେ ମହାପ୍ରଭୁଙ୍କୁ ରଥରେ ବୋହିଥିଲା, ସେହି କାଠ ପରେ ହଜାର ହଜାର ଭକ୍ତଙ୍କ ପାଇଁ ମହାପ୍ରସାଦ ରାନ୍ଧିବାରେ ବ୍ୟବହୃତ ହୁଏ। ଏହିପରି ପ୍ରତିବର୍ଷ ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଚାଲିଥାଏ ଏକ ଅନନ୍ୟ ପରମ୍ପରା ଯେଉଁଠାରେ କାଠ କେବଳ ରଥ ହୁଏନି, ଭକ୍ତି, ସେବା ଓ ସଂସ୍କୃତିର ଜୀବନ୍ତ ପ୍ରତୀକରେ ପରିଣତ ହୁଏ।

## ଜଗନ୍ନାଥଙ୍କ ସ୍ଥାପନ କର୍ତ୍ତା

ଜଗନ୍ନାଥଙ୍କର ପ୍ରଥମ ସ୍ଥାପନ କର୍ତ୍ତା ବ୍ରହ୍ମାଙ୍କର ପଞ୍ଚମପୁରୁଷ, ସୂର୍ଯ୍ୟବଂଶର ରାଜା ଇନ୍ଦ୍ରଦ୍ୟୁମ୍ନ, ସେ ଅବନ୍ତୀ ଦେଶର ରାଜା ଥିଲେ । ସତ୍ୟଯୁଗରେ ଇନ୍ଦ୍ରଦ୍ୟୁମ୍ନଙ୍କଦ୍ୱାରା ପ୍ରଥମେ ଜଗନ୍ନାଥ ପ୍ରକଟ ହେଲେ ବୋଲି ସ୍କନ୍ଦପୁରାଣ କହନ୍ତି । ଯସ୍ତୁ ସାକ୍ଷାତ ଜଗନ୍ନାଥଃ ଆବିର୍ଭୂତଃ କୃତେନ (୨୧ ଅଧ୍ୟାୟ) ସତ୍ୟ ଯୁଗରେ ଏହି ପୌରାଣିକ ପୁରୁଷ ପୂଜା ଖ୍ୟାତ ପାଇଁ ଚେଷ୍ଟା କରିଥିଲେ। ତ୍ରେତୟା ଯୁଗର କ୍ଷେତ୍ରଥିଲା, ମାତ୍ର ପୂଜା ଋଷିମାନଙ୍କଦ୍ୱାରା ହିଁ ହେଉଥିଲା । ରାଜା ରତ୍ନଗ୍ରୀବ ତ୍ରେତାଯୁଗରେ ଦର୍ଶନ କରିବାକୁ ଆସିଥିବା ପଦ୍ମପୁରାଣ କହନ୍ତି । ଏହି ଇନ୍ଦ୍ରଦ୍ୟୁମ୍ନଙ୍କ ସମୟ ହେଲା, ଦ୍ୱିତୀୟ ପରାର୍ଦ୍ଧ ସ୍ୱାୟମ୍ଭୁବ ମନୁଙ୍କ ରାଜତ୍ୱ କାଳର ଶ୍ୱେତ ବରାହକଳ୍ପ । ଏତେ ବେଳକୁ ଦାରୁପୂଜା ଆରମ୍ଭ ହୋଇଥିଲା। । ଏହି ଇନ୍ଦ୍ରଦ୍ୟୁମ୍ନଙ୍କୁ ଶ୍ରୀମନ୍ଦିରର ଶ୍ରାଦ୍ଧ ପରମ୍ପରାନୁସାରେ ଆଶ୍ୱମେଧି ଇନ୍ଦ୍ରଦ୍ୟୁମ୍ନ କହନ୍ତି, କେହି କେହି ଇନ୍ଦ୍ରଭୂତି, କେହିକେହି ବା ଇନ୍ଦ୍ରବୋଲି ମଧ୍ୟ କହନ୍ତି । ମାତ୍ର ଯାହା ଜଣାଯାଏ ଯେତେବେଳେ ଯେଉଁ ରାଜା ଜଗନ୍ନାଥଙ୍କ ପୂଜାରେ ନିକଟତମ ବ୍ୟକ୍ତି ରୂପରେ ଆସିଛନ୍ତି ସେ ନିଜକୁ ଇନ୍ଦ୍ରଦ୍ୟୁମ୍ନ ବୋଲାଇଥିବା ମାଦଳାପାଞ୍ଜିର ଯଯାତି କେଶରୀଙ୍କ ଇତିହାସରୁ ଜଣାଯାଏ । କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ମତରେ ତାହା ୧୫୬ କୋଟି ବର୍ଷ ତଳର କଥା । (ପୁରୁଷୋତ୍ତମ କ୍ଷେତ୍ରର ଇତିବୃତ୍ତ ପୁସ୍ତକ) ବାସ୍ତବରେ ସ୍ୱାୟମ୍ଭୂବ ମନୁଙ୍କ କାଳକୁ ଧରିଲେ ଏହା ସ୍ମରଣାତୀତ କାଳର କଥା ହେବ ।





## ଧାର୍ମିକ ଅର୍ଥାନୁବାଦ

**ଶ୍ରୀ** – 'ଶ୍ରୀ'ର ଅର୍ଥ ଲକ୍ଷ୍ମୀ, ଐଶ୍ୱର୍ଯ୍ୟ, ବିଭବ, ଆଲୋକ । ସେ ଭକ୍ତି, ପ୍ରୀତି ଓ ଶୋଭା ପ୍ରଦାୟିନୀ ଶକ୍ତି । ସେ ଜଗନ୍ମୟ ଜ୍ୟୋତି ସ୍ୱରୂପ, ସେ ସର୍ବ ପ୍ରକାଶ୍ୟ, ସେ ହିଁ ପଥ ପ୍ରଦର୍ଶକ ।

**ଜ** – 'ଜ'ର ଅର୍ଥ ଉତ୍ପତ୍ତି, ବିଷ୍ଣୁ, ପିତାମାତା, ତେଜଃ । ସକଳ ସୃଷ୍ଟିର କାରଣ ହେଉଛନ୍ତି ଭଗବାନ ଜଗନ୍ନାଥ । ସର୍ବ ଦେବତା ତାଙ୍କଠାରୁ ସୃଷ୍ଟି । ସେ ବେଦ, ମନ୍ତ୍ର, ଯୋଗ, ଜ୍ଞାନ ଆଦିର ଉତ୍ପତ୍ତିସ୍ଥଳ । ସେ ହିଁ ଆରାଧ୍ୟ ଦେବତା ବିଷ୍ଣୁ, ସେ ହେଉଛନ୍ତି ସକଳ ପ୍ରାଣୀ ଜଗତର ପିତାମାତା । ସେ ସଂସାରର ସର୍ବକାରିଣୀ ଶକ୍ତିରୂପେ ବିଦ୍ୟମାନ ।

**ଗ** – 'ଗ'ର ଅର୍ଥ ଗଗନ, ସ୍ୱର୍ଗ, ଗୁରୁ । ଅର୍ଥାତ୍ ସେ ହେଉଛନ୍ତି ଅନନ୍ତ, ସାଗର ପରି ଗଭୀର, ଗୋଲାପ ପରି କୋମଳ । ସେ ସମସ୍ତଙ୍କର ଗୁରୁ, ତାଙ୍କର ଶ୍ରୀଚରଣ ତଳେ ଆଶ୍ରୟ ପାଇବା ସମସ୍ତଙ୍କର କାମ୍ୟ ।

**ନ୍ନା(ନ)** – 'ନ'ର ଅର୍ଥ ନିରାକାର, ନିର୍ବିକାର, ଅବିନାଶୀ, ସ୍ଥାନାତୀତ, ନିର୍ମାୟା, ନିରୀହ, ନିର୍ମଳ । ନିରାକାର, ନିର୍ଗୁଣ, ନିତ୍ୟ, ଅବିନାଶୀ ପରମାତ୍ମା ପରମେଶ୍ୱରଙ୍କର ସାକାର, ସଗୁଣ ସ୍ୱରୂପ ହିଁ ଶ୍ରୀଜଗନ୍ନାଥ ।


**ଥ** – 'ଥ'ର ଅର୍ଥ ପର୍ବତ, ଭୟତ୍ରାତା, ମଙ୍ଗଳ, ରକ୍ଷଣ । ସେ ଅଜୟ, ଅନାଥର ନାଥ, ଭୟ ନାଶକ, ସର୍ବ ମଙ୍ଗଳକାରକ । ସେ ଦ୍ରୌପଦୀଙ୍କର ମାନ ରକ୍ଷଣ, ଗଜ ଉଦ୍ଧାରଣ ପରି ସମସ୍ତଙ୍କର ଦୁଃଖ ଦୂର କରନ୍ତି ।




## ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ୧୨୦ ବିଭାଗ

ଶ୍ରୀଜଗନ୍ନାଥ, ଯିଏ ସାରା ବ୍ରହ୍ମାଣ୍ଡକୁ ଚଳାଉଛନ୍ତି, ତାଙ୍କ ହାତରେ ୧୨୦ ବିଭାଗ । ସବୁ ତାଙ୍କରି ସେବାରେ , ସକାଳର ନିତ୍ୟକର୍ମର ସେବାଠାରୁ ଆରମ୍ଭ କରି ଦ୍ୱିପହର, ରାତିରେ ଶୋଇବା ଯାଏଁ ସବୁ ପାଇଁ ଗୋଟେ ଗୋଟେ ନୀତି । ସେ ନୀତି କରିବାକୁ ଗୋଟେ ଗୋଟେ ବିଭାଗ, ସ୍ୱତନ୍ତ୍ର ସେବାୟତ । ଏମିତି ମହାପ୍ରଭୁଙ୍କର ପ୍ରତିଟି ସେବା ପାଇଁ ଅଛନ୍ତି ୧୨୦ ସେବାୟତ ଗୋଷ୍ଠୀ । ଶ୍ରୀ ଜଗନ୍ନାଥ ଏମିତି ଠାକୁର ଯାହାଙ୍କର ପାଖରେ ୧୨୦ ପ୍ରକାର ସେବକ ସେବା ସମର୍ପଣ କରୁଛନ୍ତି ।ଏଥିରୁ ଅନେକ ସେବା ବିଲୁପ୍ତ ହେବାକୁ ବସିଥିବାବେଳ ଅନେକ ଏବେବି ରହିଛି । ଯେମିତିକି ଶଂଖୁଆ ସେବକ, ଏବେ ଆଉ ନାହାନ୍ତି, ତେଣୁ ଶ୍ରୀମନ୍ଦିରରେ ବାଜୁନି ଶଂଖ । ଆଗରୁ ଥିବା ବୀଣାକାର ସେବା ମଧ୍ୟ ଆଉ ନାହିଁ । ମାହାରି ସେବା ମଧ୍ୟ ଏପରି ଏକ ସେବା ଯାହା ଏବେ ଲୁପ୍ତ ପାଇଗଲାଣି । ଅନେକ ସେବା ଏବେ ଲୁପ୍ତ ପାଇଥିଲେ ବି ଏବେବି ରହିଛି ଶତାଧିକ ସେବା ଓ ସେବକ । ସବୁଠାରୁ ଆଦ୍ୟ ସେବକ ହେଉଛନ୍ତି ପରମପୂଜ୍ୟ ଗଜପତି ମହାରାଜା । ସ୍ନାନଯତ୍ରାରେ ସ୍ନାନବେଦୀରେ ,ରଥଯାତ୍ରାଠାରୁ ଆରମ୍ଭ କରି ବାହୁଡ଼ା ଦିନ ରଥରେ ଛେରାପହଁରା କରିଥାନ୍ତି ଗଜପତି । ସେହିପରି ହେଉଛନ୍ତି ପୂଜାପଣ୍ଡା ସେବକ । ସେମାନେ ପାଳି କରି ଶ୍ରୀମନ୍ଦିରରେ ୬୦ ପଉଟି ଭୋଗକୁ ମହାପ୍ରଭୁଙ୍କ ପାଖରେ ଉତ୍ସର୍ଗ କରନ୍ତି । ସେହିପରି ସିଂହାରି ସେବକ ବା ପୁଷ୍ପାଳକ ସେବକ, ମହାପ୍ରଭୁଙ୍କ ବିଭିନ୍ନ ବେଶରେ ବେଶ କରିଥାନ୍ତି । ଆଉ ଜଣେ ସେବକ ହେଉଛନ୍ତି ବିତରଚ୍ଛୁ ମହାପାତ୍ର ଯିଏ ଆସିଲେ ହିଁ ଶ୍ରୀମନ୍ଦିର ଦ୍ୱାର ଖୋଲିବ । ସେହିପରି ମହାପ୍ରଭୁଙ୍କ ପ୍ରସାଦ ରାନ୍ଧିବାକୁ ନିୟୋଜିତ ହୋଇଛନ୍ତି ସୁଆର ସେବକ, ଚନ୍ଦନ ଘୋରିବାକୁ ଅଛନ୍ତି ଘଟୁଆରି ସେବକ । ଅନ୍ୟ ସେବକ ହେଉଛନ୍ତି ଦଇତା ସେବକ ଏବଂ ପତି ମହାପାତ୍ର ସେବକ, ଯିଏ କି ବର୍ଷର ୩୬୫ ଦିନ ମନ୍ଦିର ସେବା ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଏବଂ ବିଶେଷ କରି ମହାପ୍ରଭୁଙ୍କୁ ଜ୍ୱର ହୋଇଥିବା ସମୟରେ ତାଙ୍କର ଗୁପ୍ତ ସେବା କରିଥାନ୍ତି ଦଇତା ସେବକ । ଏମିତି ଦିଅଁ କୋଉଠି ଦେଖିଛନ୍ତି ? ନିଇତି ବେଶ, ନିଇତି ଘଣ୍ଟାକୁ ଘଣ୍ଟା ଅଲଗା ଅଲଗା ନୀତି । ଅଲଗା ଅଲଗା ସେବକ...

> ମାହାରି ସେବା ମଧ୍ୟ ଏପରି ଏକ ସେବା ଯାହା ଏବେ ଲୁପ୍ତ ପାଇଗଲାଣି । ଅନେକ ସେବା ଏବେ ଲୁପ୍ତ ପାଇଥିଲେ ବି ଏବେବି ରହିଛି ଶତାଧିକ ସେବା ଓ ସେବକ



ଠାକୁରଙ୍କ ପାଇଁ ଖଞ୍ଜା ୧୨୦ ବିଭାଗ ... ଆମ କଳାଠାକୁରଙ୍କ ଠାଣି କିଏ ପାରିବ ଜାଣି ...।



## ଜଗନ୍ନାଥଙ୍କ ତତ୍ତ୍ୱ ବିଚାର

ଶ୍ରୀଜଗନ୍ନାଥ ସଂସ୍କୃତିରେ ଅନ୍ୟ ବହୁ ମତବାଦ ପରି ତନ୍ତ୍ରର ମଧ୍ୟ ବିପୁଳ ପ୍ରଭାବ ପଡିଛି । ଐତିହାସିକ ଦୃଷ୍ଟିରୁ ଓଡ଼ିଶା ଏକଦା ତନ୍ତ୍ରର ଏକ ପ୍ରଧାନ ପୀଠ ଥିଲା । 'ବଜ୍ରତନ୍ତ୍ର' ଗ୍ରନ୍ଥ ତନ୍ତ୍ରର ଚାରିପୀଠ ମଧ୍ୟରେ ଉଡ୍ଡୀୟାନପୀଠକୁ ଗ୍ରହଣ କରିବା ସହ, ଏହାକୁ ତନ୍ତ୍ର ସାଧନାର ମୁଖ୍ୟପୀଠ ରୂପେ ବର୍ଣ୍ଣନା କରିଛି । କାଳିକା ପୁରାଣରେ ଏହି ପୀଠ 'ଓଡ୍ରାଖ୍ୟଂ' ରୂପେ ବର୍ଣ୍ଣିତ ଏବଂ ପ୍ରଥମ ପୀଠ ଭାବରେ ସ୍ୱୀକୃତ । ହରପ୍ରସାଦ ଶାସ୍ତ୍ରୀ, ଡ. ବିନୟତୋଷ ଭଟ୍ଟାଚାର୍ଯ୍ୟ ଆଦି ଗବେଷକମାନେ ଉଡ୍ଡୀୟାନପୀଠ ଓ ଓଡ଼ିଶାକୁ ଏକ ବୋଲି ପ୍ରମାଣ କରିଛନ୍ତି । ଏହି ପୀଠ ମଧ୍ୟରେ ଅବସ୍ଥିତ ଶ୍ରୀକ୍ଷେତ୍ରକୁ ତନ୍ତ୍ରପୀଠ ରୂପେ ପ୍ରାଧାନ୍ୟ ଦିଆଯାଇଛି । ତନ୍ତ୍ର ଶାସ୍ତ୍ର ଉଲ୍ଲେଖ କରେ 'ଶ୍ରୀଜଗନ୍ନାଥ ସାକ୍ଷାତ୍ ଦକ୍ଷିଣ କାଳୀକା' । ଅର୍ଥାତ ଶ୍ରୀ ଜଗନ୍ନାଥ ସାକ୍ଷାତ ଦକ୍ଷିଣ କାଳୀକା ଅଟନ୍ତି । ଅନ୍ୟ ଏକ ମତାନୁସାରେ ଏହି ପୀଠର ଇଷ୍ଟଦେବୀ ବିମଳାଙ୍କୁ ଅନେକ ଗ୍ରନ୍ଥରେ ଭୈରବୀ ରୂପେ ଗ୍ରହଣ କରାଯାଇ ଶ୍ରୀ ଜଗନ୍ନାଥଙ୍କୁ ଭୈରବ ରୂପେ ବର୍ଣ୍ଣନା କରାଯାଇଛି । ତନ୍ତ୍ର ଅନୁସାରେ ପ୍ରତ୍ୟେକ ତନ୍ତ୍ରପୀଠର ରକ୍ଷା ନିମନ୍ତେ ଅଷ୍ଟଶକ୍ତି ଓ ଅଷ୍ଟରୁଦ୍ର ରହିବା ଆବଶ୍ୟକ । ଏହି ଦୃଷ୍ଟିରୁ ଶ୍ରୀ କ୍ଷେତ୍ରର ଅଷ୍ଟଶକ୍ତି ରୂପେ ବଟମୂଳ ଅଗ୍ନିକୋଣରେ ମଙ୍ଗଳା, ପଶ୍ଚିମରେ ବିମଳା, ବାୟୁକୋଣରେ ସର୍ବମଙ୍ଗଳା, ଉତ୍ତରରେ ଅର୍ଦ୍ଧଶୋଷିନୀ, ଈଶାନରେ ଆଲାମଚଣ୍ଡୀ, ଦକ୍ଷିଣରେ କାଳରାତ୍ରୀ, ପୂର୍ବରେ ମରୀଚିକା, ନୈଋତରେ ଚଣ୍ଡରୂପା ବିରାଜିତା । ଶ୍ରୀକ୍ଷେତ୍ରର ଅନ୍ତର୍ବେଦୀର ରକ୍ଷା ନିମନ୍ତେ ଏହି ଅଷ୍ଟଶକ୍ତିଙ୍କ ପରିକଳ୍ପନା କରାଯାଇଛି ବୋଲି କୁହାଯାଏ । ସେହିପରି ଅଷ୍ଟରୁଦ୍ର ମଧ୍ୟ ସମସ୍ତ ଦିଗରେ ବିରାଜିତ । ସେମାନେ ହେଲେ କପାଳମୋଚନ, ଯମେଶ୍ୱର, ଈଶାନେଶ୍ୱର, ମାର୍କଣ୍ଡେଶ୍ୱର, ବିଲେଶ୍ୱର, ନୀଳକଣ୍ଠ, ବଟେଶ ଓ ମହେଶ ବା ଲୋକନାଥ । ଶ୍ରୀ ମନ୍ଦିରରେ ବିମଳାଙ୍କୁ ଭୈରବ ରୂପୀ ଜଗନ୍ନାଥଙ୍କ ଉଚ୍ଛିଷ୍ଟ ସମର୍ପଣ କରାଯାଉଥିବାରୁ ଏହା ଉଚ୍ଛିଷ୍ଟପୀଠ ଭାବେ ବର୍ଣ୍ଣିତ । ଏଠାରେ ଦେବୀ ସତୀଙ୍କ ପାଦ ପଡିଥିବାରୁ ଏହା ପାଦପୀଠ ରୂପେ ମଧ୍ୟ ପରିଚିତ । ଶ୍ରୀ ମନ୍ଦିର ମଧ୍ୟରେ ଅନେକ ତାନ୍ତ୍ରିକ ଦେବୀ ଯଥା କୁତାମଚଣ୍ଡୀ, ମଶାଣି ଚଣ୍ଡୀ, ଖମ୍ବକାଳୀ, ବେଢାକାଳୀ, କମଳା ଆଦି ପୂଜା ପାଆନ୍ତି ।





# ଘରପଟା ନ ଥିବାରୁ ମଂଜୁରି ସତ୍ତ୍ୱେ ମିଳୁନି ଆବାସ



ରାୟଗଡା,(ନି:ପ୍ର): ରାୟଗଡା ସଦର ବ୍ଲକ ସ୍ଥିତ ପେଣ୍ଟା ପଞ୍ଚାୟତ ଅନ୍ତର୍ଗତ ଡ଼ଙ୍ଗରପଡା ଏବଂ ଗାନ୍ଧିପଡ଼ାବାସୀଙ୍କ ପକ୍ଷେ ଆବାସ ସମସ୍ୟା ନୁହେଁ, ଜିଲ୍ଲାର ଅନେକ ବ୍ଲକ ଓ ପଞ୍ଚାୟତ ବାସିନ୍ଦାଙ୍କ ଘରପଟ୍ଟା ନାହିଁ। ଫଳରେ ପ୍ରଧାନମନ୍ତ୍ରୀ ଜନମନ ଆବାସ ଯୋଜନାରେ ମଞ୍ଜୁରୀ ମିଳିଥିବା ସତ୍ତ୍ୱେ ହିତାଧିକାରୀ ଘର ପାଉନାହାନ୍ତି।

ସେମାନେ ନିଜ ଗୁହାରି, ସମସ୍ୟା ଜଣାଇବା ପାଇଁ ଅନେକ ଦୂରଦୂରାନ୍ତରୁ ଟଙ୍କା ଖର୍ଚ୍ଚ କରି ନିଜ ସମସ୍ୟାର ଆଶୁ ସମାଧାନ ପାଇଁ ଜିଲ୍ଲା ସଦର ମହକୁମାକୁ ଆସି ଜିଲ୍ଲାପାଳଙ୍କୁ ଅଭିଯୋଗ କକ୍ଷରେ ଭେଟି ନିଜ ଅସୁବିଧା କଥା ଅବଗତ କରାଇଥାଆନ୍ତି। ହେଲେ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ନିଜ କାମ ସାରିଦେଇଥାନ୍ତି। ଲୋକଙ୍କ ସମସ୍ୟା ଅସମାହିତ ହୋଇ ରହିଯାଏ, ଏ କଥା କହିଛନ୍ତି ଏକାଧିକ ମହିଳା ହିତାଧିକାରୀ। ବର୍ତ୍ତମାନ ବର୍ଷାଦିନ। ଝଡିବର୍ଷା ପବନ ହେବ। ପବନରେ ଘର ଉପରେ ପଲିଥିନ ସିଟ୍ ଉଡିଯାଇ ଘରେ ପାଣିଗଳିବ। ଛୁଆପିଲା ନେଇ ଆମେ କେତେ ହଇରାଣ ହେଉଛୁ। କେତେ ପଲିଥିନ ଯୋଗାଡ଼ କରିବୁ। ସରକାର ଜାଗାହୀନ ପରିବାରଙ୍କୁ ଘରଡିହ ଜମିପଟ୍ଟା ଦେବାକୁ କହି ଆଜି ପର୍ଯ୍ୟନ୍ତ ଦେଲେନାହିଁ। ଘୋଷଣାର ବିତିଲାଣି ଅନେକ ବର୍ଷ। ଘରପଟ୍ଟା ନ ଥିବାରୁ ଆମେ ଜାତିଗତ ପ୍ରମାଣପତ୍ର ପାଇପାରୁନାହିଁ। ଫଳରେ ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଇ ପାରୁନାହୁଁ। କାରଣ ବିଦ୍ୟାଳୟ କର୍ତ୍ତୃପକ୍ଷ ଜାତିଗତ ପ୍ରମାଣପତ୍ର ଜମା ଦେବାକୁ କହୁଛନ୍ତି। କାର୍ଯ୍ୟାଳୟରେ ଦରଖାସ୍ତରେ ଜମିପଟ୍ଟା ସଂଲଗ୍ନ କରିନଥିଲେ ଜାତିଗତ ପ୍ରମାଣପତ୍ର ମିଳୁନାହିଁ। ଆବାସ ଘର ଆମ ନାମରେ ଆସିଛି, ଆମେ ପ୍ରକୃତ ହିତାଧିକାରୀ, ହେଲେ ଜମିପଟ୍ଟା ନ ଥିବାରୁ ଆମେ ପାଇପାରିନୁ ଘର। ଆମେ କ'ଣ କରିବୁ। ଏପରି ସଂପୃକ୍ତ ଅଞ୍ଚଳର ଲୋକେ ଅଭିଯୋଗ କରିଛନ୍ତି। ସରକାରୀ ଘୋଷଣାକୁ ବିତିଲାଣି ଅନେକ ବର୍ଷ। କିନ୍ତୁ ପଟ୍ଟା ମିଳୁନଥିବା କୁହାଯାଇଛି। ସରକାର ଏଦିଗରେ ଆଶୁ ପଦକ୍ଷେପ ନେବା ଜରୁରୀ ହୋଇପଡିଛି ବୋଲି କହିଛନ୍ତି ୱାର୍ଡ ସଭ୍ୟ କରନ ତାଣ୍ଡି।

## ଲଗାଣ ବର୍ଷାରେ ଫୁଲୁଛି ମହାନଦୀ,ଚାଷଜମି ଜଳାର୍ଣ୍ଣବ - ପରିବା ଚାଷୀଙ୍କ ମୁଣ୍ଡରେ ହାତ

ଭାପୁର,(ନିପ୍ର): ଭାପୁର ବ୍ଲକରେ ପନିପରିବାର ପେଣ୍ଡସ୍ଥଳୀ କୁହାଯାଉଥିବା ମହାନଦୀ ଅବବାହିକା ଗ୍ରାମ କରବର, ମାଣିତ୍ରୀ, ନଣ୍ଡାବର,ଗୁଡୁପଡା ଗ୍ରାମର ପରିବାଚାଷୀଙ୍କ ରୋଜଗାର ଛଡେଇ ନେଇଛି ଏହି ଲଗାଣ ବର୍ଷା। ଚାଷୀମାନେ ଶହଶହ ହେକ୍ଟର ଜମିରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ବହୁ କଷ୍ଟରେ କରିଥିବା ପରିବା ଚାଷ ଉଜୁଡି ଯାଇଛି। ୩/୪ ଦିନ ଧରି ଚାଲିଥିବା ଲଗାଣ ବର୍ଷା ଯୋଗୁଁ କ୍ଷେତରେ ପାଣି ବୁଡିକି ଥିବାବେଳେ ଝୁଡ଼ଙ୍ଗ, ଭେଣ୍ଡି, ବାଇଗଣ,କଲରା,ଜହ୍ନି,କାକୁଡି, କଖାରୁ ଆଦି ଫସଲ ନଷ୍ଟ ହେବାକୁ ବସିଛି। ଏ ସବୁ ପନିପରିବା ଗଛରେ ବର୍ତ୍ତମାନ ଫୁଲକଷି ହେଉଥିବାବେଳେ ଗଛଗୁଡିକ ଦିନ ଦିନ ଧରି ବୁଡି ଯାଇଥିବାରୁ ପଚି ନଷ୍ଟ ହେବାଭଳି ସ୍ଥିତି ଉପୁଜିଛି। ଏହି ଲଗାଣ ବର୍ଷା ଧାନ ଚାଷୀଙ୍କ ପାଇଁ ଉପଯୋଗୀ ହୋଇଥିବାବେଳେ ପରିବା ଚାଷୀଙ୍କ ପାଇଁ ସର୍ବନାଶ ହୋଇଛି। ବ୍ଲକ କୃଷି ବିଭାଗ ପରିବା ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି।

## ବିଦ୍ୟାଳୟରେ ଚାରାରୋପଣ

ଡାବୁଗାଁ,(ନିପ୍ର): ଡ଼ାବୁଗାଁ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ୭୭ତମ ବନ ମହୋତ୍ସବ ସପ୍ତାହ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା। ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବନଖଣ୍ଡ ଅଧିକାରୀ ରାମଚନ୍ଦ୍ର ଭତ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଗଛ ଲଗାଇଲେ କିପରି ଆମର ପରିବେଶ ସନ୍ତୁଳନ ରକ୍ଷା ହେବ ସେ ବିଷୟରେ ବୁଝାଇଥିଲେ । ଏହା ପରେ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକ ବୃକ୍ଷରୋପଣ ଉପରେ ଏକ କବିତା ପାଠ କରିଥିଲେ । ଏବଂ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବନଖଣ୍ଡ ଅଧିକାରୀ ଶ୍ରୀ ଭତ୍ରା, ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ନାହାକଙ୍କ ସହ ସମସ୍ତ ଛାତ୍ରଛାତ୍ରୀମାନେ ମିଶି ହଷ୍ଟେଲ ପରିସରରେ ଚାରାରୋପଣ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ମୋଟ ୩୦୦ଟି ଚାରା ଲଗାଯାଇଥିଲା ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଂଚାୟତ ଜମରା ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତ ମହିଳା ଜଣକ ଉକ୍ତ ଗ୍ରାମର ସୁଷମା ସେଠି (୬୦)ବୋଲି ଜଣାପଡ଼ିଛି । ସୁଷମା ନିଜ ବାଡ଼ିରେ କାମ କରୁଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଅସହ୍ୟ ଯନ୍ତ୍ରଣା ହେବାରୁ ସେ ଚିତ୍କାର କରିଥିଲେ । ପରିବାର ଲୋକେ ତୁରନ୍ତ ତାଙ୍କୁ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମହିଳାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ୭୭ତମ ବନ ମହୋତ୍ସବ ସପ୍ତାହ

ଧର୍ମଗଡ଼(ନିପ୍ର): ୭୭ ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ତାଲୁକ ଆଇନ ସେବା ସମିତି ଧର୍ମଗଡ ଦ୍ୱାରା ବ୍ରାହ୍ମଣ ଛେଣ୍ଡିଆ ସ୍ଥିତ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲା ଜଜ ତଥା ଅଧ୍ୟକ୍ଷ ତାଲୁକ ଆଇନ ସେବା ସମିତି ଗୁଣ୍ଡିଚା ସମାନ୍ତସିଂହାରଙ୍କ ଅଧ୍ୟକ୍ଷ୍ୟତାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଧର୍ମଗଡ଼ ଦେୱାନୀ ବିଚାରପତି ଇସ୍ମି ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ଶ୍ରୀକାନ୍ତ ପାଢ଼ୀ,ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଚନ୍ଦନ ସେଠୀ, ରେଞ୍ଜର ଭବାନୀ ଶଙ୍କର କାଉର, ବନପାଳ ସୀମା ଧଙ୍ଗଡ଼ାମାଝୀ, ଝୁନୁମାଳା ସାହୁ , ରିଟେନର ସଂଯୁକ୍ତା ପଣ୍ଡା, ତାଲୁକ ଆଇନ ସେବା ସମିତିର ସଦସ୍ୟ ତଥା ଆଇନଜୀବୀ ମିହିର ରଞ୍ଜନ ପଟ୍ଟଯୋଶୀ, ବିନୋଦ ନାଏକ, କଲ୍ୟାଣୀ ନାଏକ ଓ ଗଙ୍ଗାଧର ମଙ୍ଗରାଜଙ୍କ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଞ୍ଚାନନ ନାଏକ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## କିଶୋର ସ୍ୱାକ୍ଷରର ୨୬ତମ ରାଜ୍ୟସ୍ତରୀୟ ଜୟନ୍ତୀ

ଭଦ୍ରକ(ନିପ୍ର): ଶିଶୁ କିଶୋର ସୃଜନଶୀଳ ସାହିତ୍ୟ ପତ୍ରିକା "କିଶୋର ସ୍ୱାକ୍ଷର"ର ୨୬ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଆଜି ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି। ଏହି ଉପଲକ୍ଷେ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମେଳନ ଓ ସମ୍ବର୍ଦ୍ଧନା ସଭା ହୋଇଥିଲା । ଏଥିରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଉଦ୍‌ଘାଟକ ଭାବେ ଡ଼େପୁଟି ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ, ମୁଖ୍ୟବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଓ ବିଶିଷ୍ଟ ବକ୍ତା ଡ଼ଃ ମନୀନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଦୀର୍ଘ ୨୬ବର୍ଷ ଧରି ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ଓଡ଼ିଆ ପ୍ରବାସୀ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରଚାର , ପ୍ରସାର ଓ ଅଧିକ କ୍ରିୟାଶୀଳ କରିବା ଦିଗରେ ପ୍ରତିଷ୍ଠାତା ମୁଖ୍ୟ ସମ୍ପାଦକ ଶିଶୁ ସାହିତ୍ୟିକ ଶଶଧର ମହନୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। କଣ୍ଠଶିଳ୍ପୀ ଦେବେନ୍ଦ୍ର ପ୍ରସାଦ ପଣ୍ଡା ଓ ସାଥି ବନ୍ଦେ ଉତ୍କଳ ଜନନୀଗାନ ସହିତ ଶିକ୍ଷାବିତ୍ ସଞ୍ଜୟ କୁମାର ଦାସ ବେଦପାଠ କରିଥିଲେ । ଦୀର୍ଘ ବର୍ଷ ଧରି ପତ୍ରିକା ସହ ଜଡ଼ିତ ସାରା ରାଜ୍ୟର ବାଲେଶ୍ୱରରୁ ଶିକ୍ଷାବିତ୍ ସୁରେନ୍ଦ୍ର ନାଥ ବାରିକ, ପରମାନନ୍ଦ ମଲ୍ଲିକ, ସୁରେନ୍ଦ୍ର କୁମାର ପଣ୍ଡା, ଡ଼ଃ ଜୟନ୍ତୀ କରଶର୍ମା, ଭଦ୍ରକରୁ ଡ଼ଃ ଚନ୍ଦ୍ର ପ୍ରସାଦ ପଣ୍ଡା, କେନ୍ଦୁଝରରୁ ମୋହନ କୁମାର ମହାନ୍ତି, କୈଳାସ ଚନ୍ଦ୍ର ରାଉତ, ଅଭୟ କୁମାର ସାମଲ, ନାରାୟଣ ଚନ୍ଦ୍ର ଲେଙ୍କା, ରମାକାନ୍ତ ଜେନା ପ୍ରମୁଖଙ୍କୁ ମୁଖ୍ୟ ଅତିଥି "କିଶୋର ସ୍ୱାକ୍ଷର" ସାରସ୍ୱତ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ ।

## ଇସ୍କନର ଅଦିନିଆ ରଥଯାତ୍ରାକୁ ଘୋର ବିରୋଧ

ଭଦ୍ରକ,(ନିପ୍ର): ଇସ୍କନର ବିଭିନ୍ନ ଦେଶରେ ପ୍ରଚଳିତ କରାଯାଉଥିବା ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାକୁ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକ ପକ୍ଷରୁ ଘୋର ବିରୋଧ କରାଯାଇଛି । ଶ୍ରୀଜଗନ୍ନାଥ ସଂସ୍କୃତି ଓ ଭାରତୀୟ ସଂସ୍କୃତିର ଦିଗ୍‌ଦର୍ଶକ ଭାବରେ ପ୍ରଚଳିତ ଥିବା ଭିନ୍ନ ପୁରାଣ, ପୋଥିର ନିର୍ଦ୍ଦେଶନାମାକୁ ବିରୋଧକରି ଅଦିନିଆ ରଥଯାତ୍ରା କରିବାର ଅଧିକାର ଇସ୍କନ ସଂସ୍ଥାର ନାହିଁ। ତେଣୁ ଏ ସଂପର୍କରେ ଆବ୍ୟଶକ ପ୍ରତିକାର କରିବାକୁ ଓଡ଼ିଶା ସରକାରଙ୍କ ମାଧ୍ୟମରେ ଭାରତ ସରକାରଙ୍କୁ ଜଣାଇବା ନିମନ୍ତେ ଓଡ଼ିଶା ପ୍ରଶାସନର ମୁଖ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରାଯାଇଛି। ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ବୈଠକ ଭଦ୍ରକସ୍ଥ ଶ୍ରୀବାଳଗୋପାଳ ମନ୍ଦିରର ପରିସରରେ ସମିତିର ମୁଖ୍ୟ ପରିଚାଳକ ପ୍ର:ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପଶ୍ଚିମବଙ୍ଗର ସରକାରଙ୍କ ପକ୍ଷରୁ ଦୀଘାଠାରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରର ନାମର ଧାମ ଉଚ୍ଛେଦ କରାଯାଇଥିବାରୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ବୈଠକରେ ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ, ସହ ଆବାହକ ନାରାୟଣ ଚନ୍ଦ୍ର ପ୍ରଧାନ, ବାବୁଲାଲ ଦାଶ, ଗୋପବନ୍ଧୁ ମିଶ୍ର, କୃପାସିନ୍ଧୁ ନାୟକ, ସୁବାସ ଚନ୍ଦ୍ର ବଳ, ଉମେଶ ଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ଖଟୁଆ, ସନେଇ ଶିଆଳ, ଅଜୟ ମିଶ୍ର ପ୍ରମୁଖ ବହୁ ସେବକ ଆଲୋଚନାରେ ଅଂଶ ଗ୍ରହଣ କରି ପ୍ରସ୍ତାବକୁ ଦୃଢ଼ ସମର୍ଥନ ଜଣାଇଥିଲେ । ବୈଠକ ପ୍ରାରମ୍ଭରେ ଶ୍ରୀ ସାହୁ ଶ୍ରୀଜଗନ୍ନାଥଙ୍କ ସ୍ତୁତି ପାଠ ପୂର୍ବକ ସମିତିର ପୁନଃନବୀକରଣ ଓ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ ।

## ପୌରପରିଷଦର ଅବହେଳା ଯୋଗୁଁ କୃତ୍ରିମ ବନ୍ୟା ଲଗାଣ ବର୍ଷାରେ ବେହାଲ୍ ସୋନପୁର ସହର



ସୋନପୁର,(ନିପ୍ର): ଗତ ପାଞ୍ଚ ଦିନ ହେଲା ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି । ସୁବର୍ଣ୍ଣପୁର ଜିଲ୍ଲାରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଲଗାତାର ବର୍ଷା ଯୋଗୁଁ ଜିଲ୍ଲାର ସଦର ମହକୁମା ସୋନପୁର ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସହରର ବିଭିନ୍ନ ସ୍ଥାନରେ ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ସେହିଭଳି ସହରର କେନ୍ଦ୍ରସ୍ଥଳୀ କୁହାଯାଉଥିବା ଆମ୍ବେଦକର ଛକ ଠାରେ ରାଜପଥ ଉପରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଥିବା ଦେଖିବାକୁ ମିଳିଛି । ସହରରୁ ବ୍ଲକ ଛକ ଆଡ଼କୁ ଯିବା ରାସ୍ତାରେ ଆମ୍ବେଦକର ଛକରେ ଏଭଳି ପରିସ୍ଥିତି ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ଏଭଳି କୃତ୍ରିମ ବନ୍ୟା ପରିସ୍ଥିତି ପାଇଁ ଲୋକେ ସୋନପୁର ପୌର ସଂସ୍ଥାକୁ ଦାୟୀ କରିଛନ୍ତି । ସହରର ଅଧିକାଂଶ ଡ୍ରେନ ଆବର୍ଜନାରେ ପୋତି ହୋଇଥିବା ବେଳେ ପୌର ସଂସ୍ଥା ତରଫରୁ ଏହାକୁ ସଫା କରାଯାଇନାହିଁ । ବର୍ଷା ଜଳ ନିଷ୍କାସନ ପାଇଁ ବାଟ ନାହିଁ । ତେଣୁକରି ରାସ୍ତା ଉପରେ ବର୍ଷା ଜଳ ଜମି ରହିଥିବା ଦେଖିବାକୁ ମିଳିଛି । ଏହା ସହରର ମୁଖ୍ୟ ରାସ୍ତା ହୋଇଥିବାରୁ ଲୋକେ ଉପାୟ ନ ପାଇ ପାଣି ଭିତରୁ ଗାଡ଼ି ନେଉଛନ୍ତି । ଏଥିରେ କିଛି ଲୋକଙ୍କ ଗାଡ଼ି ପାଣି ଭିତରେ ବନ୍ଦ ହୋଇଯାଉଥିବା ଦେଖିବାକୁ ମିଳିଛି । ପୌର ପ୍ରଶାସନ ତୁରନ୍ତ ଏହାର ସମାଧାନ କରିବାକୁ ସାଧାରଣରେ ଦାବି କରିଛନ୍ତି।

## ହରିଦ୍ୱାରରେ ଓଡ଼ିଆ ଅଧିକାରୀଙ୍କ ଦେହାନ୍ତ

ଆଠଗଡ଼,(ନିପ୍ର): ଆଠଗଡ଼ର ଜଣେ ଜଣାଶୁଣା କ୍ରୀଡ଼ାବିତ ତଥା ଉତ୍ତରାଖଣ୍ଡର ଯୁଫେଡରେ କାର୍ଯ୍ୟରତ ଅଧିକାରୀ ସବ୍ୟସାଚୀ ପଟ୍ଟନାୟକ ହୃଦଘାତରେ ୫୯ବର୍ଷ ବୟସରେ ହରିଦ୍ୱାର ଚିକିତ୍ସାଳୟରେଚିକିତ୍ସାଧିନ ଅବସ୍ଥାରେ ପରଲୋକ ଗମନ କରିଛନ୍ତି। ସେ ପ୍ରାକ୍ତନ ଦିଲ୍ଲୀ ଆକାଶବାଣୀର ଓଡ଼ିଆ ସମ୍ବାଦ ପାଠକ ସ୍ୱର୍ଗତ ବସନ୍ତ କୁମାର ପଟ୍ଟନାୟକଙ୍କ ଜ୍ୟେଷ୍ଠ ପୁତ୍ର ଓ ପ୍ରାକ୍ତନ ସମ୍ବାଦ ସାମ୍ବାଦିକ ପାର୍ଥସାରଥୀ ପଟ୍ଟନାୟକଙ୍କ ଜ୍ୟେଷ୍ଠ ଭ୍ରାତା ଥିଲେ। ଜଣେ ସ୍ନେହୀ, ଅମାୟିକ, ମିଷ୍ଟଭାଷୀ, ଆଧ୍ୟାତ୍ମିକ ସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ବିନୋଦିନୀ, ଏକମାତ୍ର କନ୍ୟା ଦିଶା, ସାନଭାଇ ପାର୍ଥସାରଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଲାମୁଣ୍ଡାରେ ବନ ମହୋତ୍ସବ

ଗୋଲାମୁଣ୍ଡା,(ନିପ୍ର): କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ ସଦରସ୍ଥିତ କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ୭୭ତମ ବନମହୋତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି।



ଏହି ଅବସରରେ ସହକାରୀ କୃଷି ଅଧିକାରୀ ଓ କୃଷି ବିଭାଗର ସମସ୍ତ କର୍ମଚାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣୀ ଏବଂ ତାଙ୍କ ସହକର୍ମୀମାନେ, ବରିଷ୍ଠ ବିଜେପି ନେତା ପ୍ରସନ୍ନ ରାଉତ, ପୂର୍ବତନ ଗୋଲାମୁଣ୍ଡା ମଣ୍ଡଳ ସଭାପତି ପ୍ରଦୀପ କୁମାର ପଣ୍ଡା, ଗୋଲାମୁଣ୍ଡା ବନପାଳ ରମେଶ ବାଗ ଓ ବନ ବିଭାଗର କର୍ମଚାରୀ, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲା, ସ୍ଥାନୀୟ ଚାଷୀ ଏବଂ ସର୍ବମଙ୍ଗଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା, ବୃକ୍ଷରୋପଣର ଆବଶ୍ୟକତା ଏବଂ ସବୁଜ ପରିବେଶ ଗଠନରେ ସମସ୍ତଙ୍କ ସକ୍ରିୟ ଭୂମିକା ଉପରେ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। ଶେଷରେ ଅଧିକରୁ ଅଧିକ ଗଛ ଲଗାଇ ସେଗୁଡ଼ିକର ଯତ୍ନ ନେବାକୁ ସମସ୍ତେ ସଂକଳ୍ପ ନେଇଥିଲେ।

## ୭୭ତମ ବନ ମହୋତ୍ସବରେ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ସାମିଲ

ନିମାପଡ଼ା,(ନି.ପ୍ର.): ସାମାଜିକ ଅନୁଷ୍ଠାନ ନୟା ସବେରା ନିମାପଡ଼ା ୟୁଥ୍ ଟ୍ରଷ୍ଟ ପକ୍ଷରୁ ୭୭ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ସ୍ଥାନୀୟ ପ୍ରାଣୀ ବିଭାଗ ଚିକିତ୍ସାଳୟ ପରିସରରେ ପାଳିତ ହୋଇଯାଇଛି । ପରିସରରେ ଥିବା ସମସ୍ତ ଅନାବଶ୍ୟକ ବୃକ୍ଷଲତା ସଫା କରାଯାଇ ନୂତନ ଗଛ ଲଗା ଯାଇଥିଲା। ବ୍ଲକ୍ ପ୍ରାଣୀ ଚିକିତ୍ସକ ଡ଼ାକ୍ତର ପ୍ରଦୀପ୍ତ କୁମାର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼ାକ୍ତର ଆକାଶ ମିଶ୍ର, ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ ମାନସ ରଂଜନ ସ୍ୱାଇଁ ବନ କର୍ମଚାରୀ ବଳଭଦ୍ର ନାୟକ, ବନରକ୍ଷୀ ଗୀତାଳୀ ବେହେରା, ଅମିତ ନନ୍ଦ ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନ ସଂପାଦକ ନିର୍ମଳ ପରିଜା, ଉପଦେଷ୍ଟା ଜୀବନଜ୍ୟୋତି ଶତପଥୀଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ସଦସ୍ୟ, ସଦସ୍ୟାବୃନ୍ଦ ଯୋଗ ଦେଇ ପ୍ରାଣୀ ଚିକିତ୍ସାଳୟ ଚତୁଃପାର୍ଶ୍ୱରୁ ସମସ୍ତ ପ୍ରକାର ଅନାବନା ଗଛ ସଫା କରିଥିବା ଲକ୍ଷ୍ୟ କରାଯାଇଥିଲା। ଡ଼ିଏଭି ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ସପ୍ତାହବ୍ୟାପି ବନ ମହୋତ୍ସବ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଏମଏମ୍ ହକ୍ ପ୍ରଥମେ ବୃକ୍ଷରୋପଣ କରି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଚତୁର୍ଥ-ପଂଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗୀତା, ଷଷ୍ଠ-ଅଷ୍ଟମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଇଁ ରଙ୍ଗୋଲି ପ୍ରତିଯାଗୀତା, ନବମ-ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଇଂରାଜି ତର୍କ ପ୍ରତିଯୋଗୀତା ମାନ ଆୟୋଜନ କରାଯାଇଥିଲା।

## ମରଣଯନ୍ତା ପାଲଟିଛି ଭଗୁଆବାଙ୍କ - ପିପିଲି ସେଲ୍‌ଫି ପଏଣ୍ଟ ଛକ

ପିପିଲି,(ନିପ୍ର): ପିପିଲି ବାଇପାସ ସେଲ୍ଫି ପଏଣ୍ଟ ଠାରୁ ଦାଣ୍ଡମକୁନ୍ଦପୁର ଭଗୁଆ ବାଙ୍କ ଛକ ପୂର୍ତ୍ତ ସଡ଼କ ରାସ୍ତା ପାଲଟିଛି ମରଣଯନ୍ତା। ସ୍ଥାନୀୟ ଲୋକେ ଏପରି ଅଭିଯୋଗ କରିଛନ୍ତି। ଏହି ରାସ୍ତା ଗତ ଦୁଇବର୍ଷ ପୂର୍ବେ ଲକ୍ଷାଧିକ ଟଙ୍କା ବ୍ୟୟବରାଦ ହୋଇ ସମ୍ପ୍ରସାରଣ ହୋଇଥିଲେ ମଧ୍ୟ ଉକ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏବେ ଧୀରେ ଧୀରେ ମରଣଯନ୍ତା ପାଲଟିଛି। ଉକ୍ତ ରାସ୍ତାରେ ଅହରହ ବସ, ଟ୍ରାକ୍ଟର, ଟ୍ରକ, ବାଇକ ଭଳି ଯାନବାହନ ଚଳାଚଳ କରିବାରୁ ଏହା ଦାଣ୍ଡମକୁନ୍ଦପୁର ଠାରେ ଅତି ଶୋଚନୀୟ ହୋଇଛି। ସେହି ଶୋଚନୀୟ ଗର୍ତ୍ତରେ ପଡି ଅନେକ ପଥଚାରୀମାନେ ଦୁର୍ଘଟଣାରେ ଗୁରୁତର ଆହତ ହେଉଥିବା ଯୋଗୁଁ ଏଥିରୁ ରକ୍ଷା ପାଇବା ନିମନ୍ତେ ଏକ କାଠ ଗଣ୍ଡି ସତର୍କ ସୂଚନା ପାଇଁ ରହିଛି। ଏହି ସମସ୍ୟା ଦୀର୍ଘ





ମାସ ମାସ ଧରି ଉପୁଜିଥିଲେ ମଧ ପୂର୍ତ୍ତ ବିଭାଗ ଏଥିପ୍ରତି ଆଖି ବୁଜି ଦେଇଥିବା କୁହାଯାଇଛି। ତେଣୁ ଏଦିଗରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ନଜର ଦେବାକୁ ପିପିଲି ଅଞ୍ଚଳବାସୀ ଦାବି କରିଛନ୍ତି।

## 'ବୃକ୍ଷ ହିଁ ଜୀବନ ଓ ମା ପାଇଁ ଗଛଟିଏ'



**ରଣପୁର,(ନିପ୍ର):** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ୭୭ ତମ ବନମହୋତ୍ସବ ସପ୍ତାହ -୨୦୨୬ ରଣପୁର ବନାଞ୍ଚଳ ଅଧୀନସ୍ଥ ନୂଆପଡା ବି ସଂରକ୍ଷିତ ଜଙ୍ଗଲରେ ପାଳିତ ହୋଇଯାଇଛି । ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିଲେ। ବନମହୋତ୍ସବର ଲକ୍ଷ୍ୟ ହେଉଛି ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଓ ବୃକ୍ଷ ବଡ ହେବା ପର୍ଯ୍ୟନ୍ତ ଠିକ୍ ଭାବରେ ଯତ୍ନ ନେବା ଏବଂ ସମାଜକୁ ବାର୍ତ୍ତା ଦେବା ଯେ ସମସ୍ତେ ମା ପାଇଁ ଗଛଟିଏ ଲଗାଇବା । ବୃକ୍ଷ ହିଁ ଜୀବନ ଓ ମା ପାଇଁ ଗଛଟିଏର ନାରା ଦିଆ ଯାଇଥିଲା । ବନ ବିଭାଗ ତରଫରୁ ୧୦୦୦ ରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଛି।

**କୁଚିଣ୍ଡା:** ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ କୁଚିଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନସ୍ଥ ତେଲିଟିଲେଇମାଲ ପଞ୍ଚାୟତର ଲଇଡାଗୁଣା ଠାରେ ବନଖଣ୍ଡସ୍ତରୀୟ ଅନୁଷ୍ଠିତ ହୋଇଯାଇଛି। ବନ୍ୟପ୍ରାଣୀ ଡିଏଫଓ ବିକ୍ରମଦେବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ। ପରିବେଶ ସନ୍ତୁଳନ ଓ ଆଗାମୀ ଭବିଷ୍ୟତ ପାଇଁ ସବୁଜ ପୃଥିବୀ ଗଢିବାକୁ ହେଲେ ବ୍ୟାପକ ଚାରାରୋପଣର ଆବଶ୍ୟକତା ରହିଛି। ପ୍ରତ୍ୟେକ ନାଗରିକ ଗଛଟିଏ ଲଗାଇ ତାର ଉପଯୁକ୍ତ ଯତ୍ନ ନେବାକୁ ଆହ୍ୱାନ ଦେଇଥିଲେ।

## ପଦ୍ମଶ୍ରୀ ଗୁରୁ ସୀମାଞ୍ଚଳଙ୍କୁ ସମ୍ମାନିତ କଲେ ପ୍ରହଲ୍ଲାଦ ନାଟକ ସଂଘ



ଶେରଗଡ଼(ନିପ୍ର): ଶେରଗଡ ଅନତି ଦୂରରେ ଥିବା ବୁଦ୍ଧେଶ୍ୱର ପୀଠରେ ପ୍ରହଲ୍ଲାଦ ନାଟକ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ପ୍ରହଲ୍ଲାଦ ନାଟକ ସଂଘ ସଭାପତି ପଙ୍କଜ ନୟନ ମିଶ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତୀ ଆଚାର୍ଯ୍ୟ, ଆଲୋକ ବିଷୋୟୀ, ପ୍ରଫୁଲ୍ଲ କୁମାର ପତି, ସୂର୍ଯ୍ୟ ପାତ୍ର, ପ୍ରଶାନ୍ତ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ପଦ୍ମଶ୍ରୀ ଗୁରୁ ସିମାଞ୍ଚଳ ପାତ୍ର କର୍ମମୟ ଜୀବନର ସଫଳ କାହାଣୀ ମାନ ବର୍ଣ୍ଣନା କରିଥିଲେ। ସିମାଞ୍ଚଳ ତାଙ୍କର ୨୦ବର୍ଷ ବୟସରୁ ପ୍ରହଲ୍ଲାଦ ନାଟକରେ ଅଭିନୟ କରିବା ଆରମ୍ଭ କରି ଆଜି ସେ ୧୦୦ ବର୍ଷ ରେ ପଦାର୍ପଣ କରିଛନ୍ତି। ପୂର୍ବରୁ ସେ ରାଷ୍ଟ୍ରପତି ପୁରସ୍କାର ପାଇଥିଲେ। ପ୍ରହଲ୍ଲାଦ ନାଟକର ସେ କିମ୍ବଦନ୍ତୀ ପୁରୁଷ ଅଟନ୍ତି କହି ସମସ୍ତ ସଂଘର କର୍ମକର୍ତ୍ତା ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ପଦ୍ମଶ୍ରୀ ପୁରସ୍କାର ପାଇଥିବା ସିମାଞ୍ଚଳଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢୌକନ, ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ସମସ୍ତ ସଂଘର କର୍ମକର୍ତ୍ତା ପାଦ ଛୁଇଁ ଆର୍ଶୀବାଦ ଗ୍ରହଣ କରିଥିଲେ। ବୈଠକରେ ପ୍ରହଲ୍ଲାଦ ନାଟକ ରାଜା ମାନେ ଯୋଗଦେଇ ଥିଲେ।

# କେନ୍ଦ୍ରାପଡ଼ାର ୧୨ ଓ ୧୩ ନମ୍ବର ୱାର୍ଡରେ ବନ୍ୟା ବିଭୀଷିକା

## ୩୦୦ରୁ ଅଧିକ ପରିବାର ଜଳବନ୍ଦୀ



କେନ୍ଦ୍ରାପଡ଼ା,(ନିପ୍ର): କେନ୍ଦ୍ରାପଡ଼ା ପୌରପାଳିକାର ୧୨ ଓ ୧୩ ନମ୍ବର ୱାର୍ଡରେ ବନ୍ୟା ପରିସ୍ଥିତି ଗୁରୁତର ରୂପ ନେଇଛି। ଆଣ୍ଠୁଏ ଆଣ୍ଠୁଏ ପାଣି ବାସଗୃହ ଭିତରକୁ ପଶିଯିବା ଫଳରେ ୩୦୦ରୁ ଅଧିକ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ବନ୍ୟା ପ୍ରଭାବିତ ଲୋକମାନଙ୍କ ପାଖରେ ଏପର୍ଯ୍ୟନ୍ତ ନା ଶୁଖିଲା ଖାଦ୍ୟ ପହଞ୍ଚିଛି, ନା ରନ୍ଧା ଖାଦ୍ୟ ମିଳିଛି। ଫଳରେ ଅନେକ ପରିବାର ଘରର ଛାତ ଉପରେ ଆଶ୍ରୟ ନେଇ ପ୍ରଶାସନର ସହାୟତାକୁ ଅପେକ୍ଷା କରି ରହିଛନ୍ତି। ୧୩ ନମ୍ବର ୱାର୍ଡର କାଉନ୍ସିଲର ସେକ୍ ଅସଲମଙ୍କ ଅଭିଯୋଗ ଅନୁସାରେ, ଏହି ସମସ୍ୟା ସମ୍ପର୍କରେ କେନ୍ଦ୍ରାପଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଆବଶ୍ୟକ ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନ ସୁଦ୍ଧା ୱାର୍ଡର ଶତାଧିକ ପରିବାର ଜଳମଗ୍ନ ଅବସ୍ଥାରେ ରହିଥିବାରୁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରଶାସନର ଅବହେଳାକୁ ବିରୋଧ କରି ଆସନ୍ତାକାଲି କେନ୍ଦ୍ରାପଡ଼ା ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ୧୩ ନମ୍ବର ୱାର୍ଡର ଶତାଧିକ ବାସିନ୍ଦା ଧାରଣାରେ ବସିବେ ବୋଲି କାଉନ୍ସିଲର ସେକ୍ ଅସଲମ ସୂଚନା ଦେଇଛନ୍ତି। ବନ୍ୟା ପୀଡ଼ିତଙ୍କୁ ତୁରନ୍ତ ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ସହାୟତା ଯୋଗାଇବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## ଘଣ୍ଟ ବଜାଇ ନିମ୍ନମାନର ରାସ୍ତା ନିର୍ମାଣକୁ ବିରୋଧ, ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା,(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟଶୈଳୀକୁ ନେଇ ଜଣେ ସଚେତନ ଯୁବକଙ୍କ ଅଭିନବ ପ୍ରତିବାଦ ଚର୍ଚ୍ଚାର ବିଷୟ ପାଲଟିଛି। ନିମ୍ନମାନର ରାସ୍ତା ନିର୍ମାଣ ଓ ପ୍ରଶାସନିକ ଉଦାସୀନତା ବିରୋଧରେ ସାମାଜିକ କର୍ମୀ ବାପିନ ମଲ୍ଲ ଘଣ୍ଟ ବଜାଇ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେ ସମ୍ପୃକ୍ତ ରାସ୍ତା ନିର୍ମାଣ କାମର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀ ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବାପିନ ମଲ୍ଲଙ୍କ ଅଭିଯୋଗ ଅନୁଯାୟୀ, ନିୟମାନୁସାରେ କାର୍ଯ୍ୟ ନ କରି ସମ୍ପୃକ୍ତ ଠିକାଦାର ଅତ୍ୟନ୍ତ ନିମ୍ନମାନରେ ରାସ୍ତା ନିର୍ମାଣ କରିଛନ୍ତି। ଏହି ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇନଥିବାରୁ ସେ ଘଣ୍ଟ ବଜାଇ ପ୍ରତିବାଦ କରିଥିବା କହିଛନ୍ତି। ତାଙ୍କ କହିବାନୁସାରେ, ଘଣ୍ଟର ଶବ୍ଦରେ ପ୍ରଶାସନ ନିଦରୁ ଉଠି ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବ ବୋଲି ସେ ଆଶା କରୁଛନ୍ତି।

ତିଥି :(ସପ୍ତମୀ): (ଉତ୍ତରଭାଦ୍ର କୁମ୍ଭ)
ଅମୃତ ବେଳା: ଦିବା ଘ ୭।୪୦ ମଧ୍ୟେ ଘ ୯।୧୬ ଗତେ

## ଆଜିର ଅନୁଚିନ୍ତନ

ମୁଁ ସମସ୍ତ ଲୋକର କ୍ଷୟକାରୀ ବର୍ଦ୍ଧିତ କାଳ ଏବଂ ବର୍ତ୍ତମାନ ମୁଁ ଏ ସମସ୍ତଙ୍କୁ ସଂହାର କରିବା ପାଇଁ ଏଠାକୁ ଆସିଛି । ତୁମ ବିପକ୍ଷରେ ଯେଉଁ ଯୋଦ୍ଧାମାନେ ଛିଡ଼ା ହୋଇଛନ୍ତି, ସେ ସମସ୍ତେ ତୁମେ ଯୁଦ୍ଧ ନ କଲେ ମଧ୍ୟ ବର୍ତ୍ତିବେ ନାହିଁ ।।- ଶ୍ରୀମଦ୍ ଭଗବଦ୍ ଗୀତା

# ଗୁଜବକୁ ପ୍ରଶ୍ରୟ ଅନୁଚିତ

ପେଟ୍ରୋଲରେ ଇଥାନଲ ମିଶିଲେ ଗାଡ଼ିରୁ ନିର୍ଗତ ହେଉଥିବା ଅଙ୍ଗାରକାମ୍ଳ ପରିଣାମ ହ୍ରାସ ପାଇଥାଏ । ୨୦୨୫ ସୁଦ୍ଧ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣର ଯେଉଁ ଲକ୍ଷ୍ୟ କେନ୍ଦ୍ର ସରକାର ରଖିଥିଲେ ତାହା ହାସଲ କରିସାରିଛନ୍ତି । ତେବେ ଏହି ମିଶ୍ରଣ ଆସିବା ପରେ ବହୁ ଗାଡ଼ିଚାଳକଙ୍କ ଆଶଙ୍କା ହୁଏତ ଏହା ଯୋଗୁଁ ପୁରୁଣା ଗାଡ଼ିଗୁଡ଼ିକର ଇଂଜିନ ଖରାପ ହୋଇଯାଇପାରେ । ମାଇଲେଜ କମିଯାଇପାରେ । ଏହି ଦୁଇଟି ଦିଗ ମଧ୍ୟରୁ ଗାଡ଼ି ଇଂଜିନ ଇଥାନଲ କାରଣରୁ ଖରାପ ହେବାର ବୈଜ୍ଞାନିକଙ୍କ ପ୍ରମାଣ ଆସିନାହିଁ । ଏହା ସତ୍ୟ ଯେ ମାଇଲେଜ୍ କିଛିଟା କମିଥାଏ । ଗତବର୍ଷ ସେପ୍ଟେମ୍ବରରେ ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ ମାନୁଫାକ୍ଚର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପିକେ ବାନାର୍ଜୀ ସ୍ପଷ୍ଟ ଉଲ୍ଲେଖ କରିଥିଲେ ପୁରୁଣାଗାଡ଼ି ବା ଯାନରେ ଇଥାନଲ(ଇ-୨୦) ଇନ୍ଧନ ବ୍ୟବହାର କରିବା ଦ୍ୱାରା ମାଇଲେଜ ୨ରୁ ୪ ପ୍ରତିଶତ କ୍ଷତି କରିବ । କିନ୍ତୁ ଏହାର ବ୍ୟବହାର ନିରାପଦ । ଗାଡ଼ିର ସୁରକ୍ଷା ପ୍ରତି ଏହା ବିପଦ ନୁହେଁ, ପୁଣି ସେ କହିଥିଲେ ଯଦି କୌଣସି ସମସ୍ୟା ଉପୁଜେ,ତେବେ କଂପାନୀଗୁଡ଼ିକ ଦ୍ୱାରା ୱାରେଣ୍ଟି ଏବଂ ବୀମା ଦାବିକୁ ସଂପୂର୍ଣ୍ଣ ଭାବରେ ବିଚାରକୁ ନିଆଯିବ । ଇଥାନଲ ମିଶ୍ରିତ ଇନ୍ଧନ ଦକ୍ଷତାରେ ୫୦ ପ୍ରତିଶତ ହ୍ରାସ ଦାବି ଭିତ୍ତିହୀନ ଓ ଏନେଇ ଭୁଲ୍ ସୂଚନା ଦିଆଯାଉଛି । ଉଲ୍ଲେଖ କରାଯାଇପାରେ ଯେ ମାରୁତି ସୁଜିକି, ହୁଣ୍ଡାଇ ମୋଟର, ମହିନ୍ଦ୍ରା ଏବଂ ମହିନ୍ଦ୍ରା, ଟାଟା ମୋଟର ଏବଂ ଟୟୋଟା ମୋଟର ଧରି ପ୍ରମୁଖ କାର୍ ନିର୍ମାତା ମାନଙ୍କ ପ୍ରତିନିଧିତ୍ୱ କରିଥାଏ ଆଲୋଚ୍ୟ ସଂଗଠନ ।

ନିକଟରେ ସୁପ୍ରିମକୋର୍ଟରେ ମଧ୍ୟ କେନ୍ଦ୍ର ସରକାର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖି କହିଛନ୍ତି, ଇଥାନଲ ମିଶ୍ରଣ ବର୍ତ୍ତମାନ ପରୀକ୍ଷାମୂଳକ ପର୍ଯ୍ୟାୟରେ ରହିଛି । ଚୂଡ଼ାନ୍ତ ଫଳାଫଳ ଆସନ୍ତା ବର୍ଷ ସୁଦ୍ଧା ସ୍ପଷ୍ଟ ହୋଇଯିବ । ନିକଟରେ ଏ ସଂକ୍ରାନ୍ତ ଏକ ମାମଲାରେ କର୍ଣ୍ଣାଟକ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । କାରଣ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆବଣ୍ଟନ ପ୍ରକ୍ରିୟାକୁ ଯଦି ପୁଣି ଖୋଲାଯାଏ ତେବେ ଏହା ସରକାରଙ୍କ ଜାତୀୟ ନୀତି ପ୍ରତି କ୍ଷତି ପହଞ୍ଚାଇବ । ନିକଟରେ କର୍ଣ୍ଣାଟକ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜପୂର୍ବକ ବିସିସିଏଲ୍ (ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ) ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଦ୍ୱାରସ୍ଥ ହେବାର କାରଣ ଯେ ଏକ ବିଶୋଧନାଗାର ଇଥାନଲ ଆବଣ୍ଟନ ପୁନଃବିଚାର କରିବାକୁ ଓଏମ୍‌ସିଗୁଡ଼ିକୁ କୁହାଯାଇଥିଲା । ସୁତରାଂ ପରୀକ୍ଷାମୂଳକ ପର୍ଯ୍ୟାୟରେ ଇଥାନଲ ମିଶ୍ରଣ ରହିଥିବା କଥା କେନ୍ଦ୍ର ସରକାର ସ୍ପଷ୍ଟ କରିଥିବା ଏବଂ ଦୀର୍ଘକାଳୀନ ପ୍ରଭାବ ଗାଡ଼ିଗୁଡ଼ିକରେ କିପରି ଆସୁଛି ତାହା ଆସନ୍ତା ବର୍ଷ ସ୍ପଷ୍ଟ ହେବ । ସୁତରାଂ କେନ୍ଦ୍ର ଏପରି ଦର୍ଶାଇଥିବା କାରଣରୁ ଫଳାଫଳକୁ ଅପେକ୍ଷା କରାଯିବା ଉଚିତ । କୌଣସି ପ୍ରକାର ଗୁଜବକୁ ପ୍ରଶ୍ରୟ ଦିଆଯିବା ଅନୁଚିତ ।

# ମଧ୍ୟପ୍ରାଚ୍ୟ ଯୁଦ୍ଧରେ ବିରାମ ଓ ଏହାର ଭବିଷ୍ୟତ

**ଡା. ରାଜକିଶୋର ପଣ୍ଡା**

> **“ଆମେରିକା, ଇରାନକୁ ପାଖାପାଖି ତିନିଶହ ବିଲିଅନ୍ ଡଲାର ଅର୍ଥ ସହାୟତା କରିବା ପାଇଁ ଘୋଷଣା କରିଛି । ପ୍ରଦାନ କରାଯାଉଥିବା ଅର୍ଥ ଯୁଦ୍ଧ ବିପର୍ଯ୍ୟସ୍ତ ଇରାନର ପୁନଃନିର୍ମାଣରେ ବିନିଯୋଗ କରାଯିବ । ଫ୍ରାନ୍ସରେ ଚାଲିଥିବା ଜି-୩ ଶିଖର ସମ୍ମିଳନୀ ମଧ୍ୟରେ ଆମେରିକାର ଗୁପ୍ତଚର ସଂସ୍ଥା ତରଫରୁ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଥିଲା । ଏହି ରିପୋର୍ଟ ଅନୁସାରେ ତୈଳ ପରିବହନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାର୍ଗ, ହର୍ମୁଜ୍‌କୁ ଇରାନ୍ ଯଦି ସମ୍ପୂର୍ଣ୍ଣ ବନ୍ଦ କରିଦିଏ, ତେବେ ଏହାର ଫଳାଫଳ ଗୋଟିଏ ପରମାଣୁ ବୋମାଠାରୁ ମଧ୍ୟ ଅଧିକ ବିପଜ୍ଜନକ ହେବ । ଏହାକୁ ବିଶ୍ଳେଷକମାନେ ଇରାନର “ଆର୍ଥିକ ପରମାଣୁ ଅସ୍ତ୍ର” ବୋଲି କହିଛନ୍ତି । ଉପରୋକ୍ତ ରିପୋର୍ଟଟି ଆହୁରି ଦର୍ଶାଇଛି ଯେ, ସାମ୍ପ୍ରତିକ ସଂଘର୍ଷ ସତ୍ତ୍ୱେ, ଇରାନର ସାମରିକ ଶକ୍ତି ଦୁର୍ବଳ ହୋଇନାହିଁ ବରଂ ଏହା ଆହୁରି ଅଧିକ ବୃଦ୍ଧି ପାଇଛି । ଭବିଷ୍ୟତ ନିମନ୍ତେ ତେହେରାନ୍ ବିପୁଳ ପରିମାଣର କ୍ଷେପଣାସ୍ତ୍ର, ଅତ୍ୟାଧୁନିକ ଡ୍ରୋନ୍ ଆଦି ମହଜୁଦ କରି ରଖିଛି ।**

ପ୍ରବନ୍ଧଟିକୁ ଲେଖିବା ବେଳକୁ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି । ଦୀର୍ଘକାଳୀନ ଶାନ୍ତି ସ୍ଥାପନା କରିବା ଉଦ୍ଦେଶ୍ୟରେ ଆମେରିକା ଓ ଇରାନ୍ ମଧ୍ୟରେ କାତାର୍‌ର ଦୋହାଠାରେ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି ।

ତେବେ ଏଠାରେ ପ୍ରଶ୍ନ ଉଠୁଛି କି, ଜୁନ୍ ୧୭ ତାରିଖରେ ଫ୍ରାନ୍ସର ଐତିହାସିକ ଭର୍ସାଲିସ୍ ଦୁର୍ଗଠାରେ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଶାନ୍ତି ଚୁକ୍ତି ଫଳପ୍ରଦ ହେବ ନା, ଏହା ଏକ ସାମୟିକ ଶାନ୍ତିର ବିରତି ଭାବରେ କାର୍ଯ୍ୟ କରି ପୁଣି ଯୁଦ୍ଧକୁ ବାଟ କଢ଼ାଇ ନେବ ?

ପ୍ରଥମେ ଆମକୁ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ, ଆମେରିକା ଓ ଇସ୍ରାଏଲ ମିଳିତ ଭାବରେ ନା ଇରାନକୁ ସମ୍ପୂର୍ଣ୍ଣ ଭାବରେ ପରାସ୍ତ କରିପାରିଲେ ନା, ସେଠାରେ କ୍ଷମତାରର ପରିବର୍ତ୍ତନ ଆଣିପାରିଲେ । ଯଦିଓ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନୀଙ୍କର ମୃତ୍ୟୁ ଘଟିଲା, ଫେବୃୟାରୀ ଅଠେଇଶି ତାରିଖରେ ଇସ୍ରାଏଲୀ ବିମାନ ଆକ୍ରମଣ ଦ୍ୱାରା ।

ଦ୍ୱିତୀୟରେ ଚୁକ୍ତି ଅନୁଯାୟୀ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ୩୦ ଦିନ ପାଇଁ ଖୋଲାଯିବ । ଏହି ସମୟସୀମା ଭିତରେ ଇରାନ ହର୍ମୁଜ୍‌ର ମୁଖ୍ୟ ପରିବହନ ମାର୍ଗରେ ବିଛାଇଥିବା ମାଇନ୍‌ସ୍‌କୁ ଅପସାରଣ କରିବ ଓ ଆମେରିକା ମଧ୍ୟ ସେଠାରେ ନିଜର ଅବରୋଧ ବ୍ୟବସ୍ଥାକୁ ହଟାଇବ ।

ତେହେରାନ୍‌ର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକାର ଚିନ୍ତା ଯଦିଓ ଅବ୍ୟାହତ ରହିଛି, ଏହି ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ସମାପ୍ତ କରିବା ଓ କୌଣସି ନିର୍ଣ୍ଣାୟକ ସମାଧାନରେ ପହଞ୍ଚିବା ପାଇଁ ଷାଠିଏ ଦିନ ସମୟସୀମା ଧାର୍ଯ୍ୟ କରାଯାଇଛି । ବାଲିଷ୍ଟିକ୍ ମିସାଇଲ ରଖିବା ପାଇଁ ଏ ମଧ୍ୟରେ ଇରାନକୁ ଅନୁମତି ମିଳିଛି, କାରଣ ଟ୍ରମ୍ପଙ୍କ ବିଚାର ଅନୁଯାୟୀ ଯଦି ଅନ୍ୟ ଦେଶ ଯେପରିକି ସାଉଦି ଆରବ ଓ କାତାର ଆଦି ବାଲିଷ୍ଟିକ୍ ରଖିପାରୁଛନ୍ତି, ତେବେ ଇରାନ୍ କାହିଁକି ନୁହେଁ ?

ଗୁରୁତ୍ୱପୂର୍ଣ୍ଣ ଏହା ଯେ ଆମେରିକା, ଇରାନକୁ ପାଖାପାଖି ତିନିଶହ ବିଲିଅନ୍ ଡଲାର ଅର୍ଥ ସହାୟତା କରିବା ପାଇଁ ଘୋଷଣା କରିଛି । ପ୍ରଦାନ କରାଯାଉଥିବା ଅର୍ଥ ଯୁଦ୍ଧ ବିପର୍ଯ୍ୟସ୍ତ ଇରାନର ପୁନଃନିର୍ମାଣରେ ବିନିଯୋଗ କରାଯିବ । ଫ୍ରାନ୍ସରେ ଚାଲିଥିବା ଜି-୩ ଶିଖର ସମ୍ମିଳନୀ ମଧ୍ୟରେ ଆମେରିକାର ଗୁପ୍ତଚର ସଂସ୍ଥା ତରଫରୁ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଥିଲା । ଏହି ରିପୋର୍ଟ ଅନୁସାରେ ତୈଳ ପରିବହନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାର୍ଗ, ହର୍ମୁଜ୍‌କୁ ଇରାନ୍ ଯଦି ସମ୍ପୂର୍ଣ୍ଣ ବନ୍ଦ କରିଦିଏ, ତେବେ ଏହାର ଫଳାଫଳ ଗୋଟିଏ ପରମାଣୁ ବୋମାଠାରୁ ମଧ୍ୟ ଅଧିକ ବିପଜ୍ଜନକ ହେବ । ଏହାକୁ ବିଶ୍ଳେଷକମାନେ ଇରାନର “ଆର୍ଥିକ ପରମାଣୁ ଅସ୍ତ୍ର” ବୋଲି କହିଛନ୍ତି । ଉପରୋକ୍ତ ରିପୋର୍ଟ ଆହୁରି ଦର୍ଶାଇଛି ଯେ, ସାମ୍ପ୍ରତିକ ସଂଘର୍ଷ ସତ୍ତ୍ୱେ, ଇରାନର ସାମରିକ ଶକ୍ତି ଦୁର୍ବଳ ହୋଇନାହିଁ ବରଂ ଏହା ଆହୁରି ଅଧିକ ବୃଦ୍ଧି ପାଇଛି । ଭବିଷ୍ୟତ ନିମନ୍ତେ ତେହେରାନ୍ ବିପୁଳ ପରିମାଣର କ୍ଷେପଣାସ୍ତ୍ର, ଅତ୍ୟାଧୁନିକ ଡ୍ରୋନ୍ ଆଦି ମହଜୁଦ କରି ରଖିଛି ।

ତେଣୁ ହର୍ମୁଜ୍ ଉପରେ ଏହାର ନିୟନ୍ତ୍ରଣ, ନିଜର ଶକ୍ତିଶାଳୀ ବାଲିଷ୍ଟିକ ମିସାଇଲ ଓ ଆନ୍ତର୍ଜାତିକ ତୈଳ ବଜାରକୁ ଅବାରିତ ପ୍ରତ୍ୟାବର୍ତ୍ତନ ଆଦି ବର୍ତ୍ତମାନ ସମୟରେ ଇରାନକୁ ସବୁଠାରୁ ଶକ୍ତିଶାଳୀ ପଶ୍ଚିମ ଏସୀୟ ରାଷ୍ଟ୍ରରେ ପରିଣତ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ମଧ୍ୟ ଇଙ୍ଗିତ କରୁଛି କି ମାସାଧିକ କାଳ ଧ୍ୱଂସଲୀଳା ଓ ବୈଶ୍ୱିକ ଅର୍ଥନୀତିକୁ ରସାତଳକୁ ନେବା ପରେ, ମଧ୍ୟପ୍ରାଚ୍ୟ ସଂଗ୍ରାମ ହେଉଛି ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱର ସବୁଠାରୁ ବୃହତ୍ ବୈଦେଶିକନୀତି ସମ୍ପର୍କିତ ବିଫଳତା ।

ଏହି ବିଫଳତା ପରବର୍ତ୍ତୀ ସମୟରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକାର କୂଟନୀତି ପ୍ରତି ନିହାତି ଭାବରେ ଯେ ଗମ୍ଭୀର ସମସ୍ୟା ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ଇରାନ ପରି ଦୁର୍ବଳ ରାଷ୍ଟ୍ର ବିରୋଧରେ ବିପୁଳ ବିଜୟ ହାସଲ କରିବାରେ ଆମେରିକାର ଅସାମର୍ଥ୍ୟ, ମଧ୍ୟପ୍ରାଚ୍ୟର ଅନ୍ୟ ରାଷ୍ଟ୍ରମାନଙ୍କର ଦୃଷ୍ଟିରେ ଏହାର ସ୍ଥାନକୁ ନିମ୍ନଗାମୀ କରିଛି । ଏହାଦ୍ୱାରା ଅନ୍ୟଦେଶମାନଙ୍କର ଆମେରିକା ଉପରେ ନିର୍ଭରଶୀଳତା ଆସନ୍ତା ସମୟରେ ହ୍ରାସ ପାଇବ । ଟ୍ରମ୍ପ ଏହି ଯୁଦ୍ଧରେ ନିଜର ମୁଖ୍ୟ ସହଯୋଗୀ ଇସ୍ରାଏଲ ସହ ମଧ୍ୟ ବିଶ୍ୱାସଘାତକତା କରିବା ରାସ୍ତାରେ ଅଛନ୍ତି । ସେ ତେଲ୍ ଅଭିଭ୍ ଉପରେ ଏଇଥିପାଇଁ ଚାପ ପ୍ରୟୋଗ କରିଥିଲେ କି, ନେତ୍ୟାନାହୁ ଲେବାନନ୍‌ର ଆତଙ୍କବାଦୀ ଗୋଷ୍ଠୀ ହେଜ୍‌ବୁଲ୍ଲା ଉପରେ ଆକ୍ରମଣ ବନ୍ଦ କରନ୍ତୁ । ଇସ୍ରାଏଲ୍‌ରେ ଆଗାମୀ ଅକ୍ଟୋବରରେ ହେବାକୁ ଯାଉଥିବା ନିର୍ବାଚନରେ ଇରାନ ଯୁଦ୍ଧର ବିଫଳତା ନେତ୍ୟାନାହୁଙ୍କୁ ମହଙ୍ଗା ପଡ଼ିପାରେ ।

ଏହା ମଧ୍ୟରେ ଇସ୍ରାଏଲର ନାଗରିକମାନେ ପ୍ରଶ୍ନ ଉଠାଇଛନ୍ତି କି, ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ କରିବା ନେଇ ଇରାନ୍‌ର ପ୍ରତିଶ୍ରୁତିକୁ କେତେ ଦୂର ବିଶ୍ୱାସ କରାଯାଇପାରିବ, ଯେବେ କି ଏହି ହେତୁ ହିଁ ଆମେରିକା ଅତୀତରେ ଇରାନ୍ ଉପରେ ଲଗାଇଥିବା ବିଭିନ୍ନ ଅର୍ଥନୈତିକ କଟକଣାକୁ ଏ ମଧ୍ୟରେ ପ୍ରତ୍ୟାହାର କରି ସାରିଲାଣି । ଏହି ଶାନ୍ତି ଚୁକ୍ତିର ସିଧାସଳଖ ପ୍ରଭାବ ଆନ୍ତର୍ଜାତିକ ସ୍ତରରେ ତୈଳଦର ଉପରେ ପଡ଼ିଛି । ତେବେ ଦେଖିବାର କଥା ହେଉଛି କି ତୈଳଦର ଯୁଦ୍ଧ ପୂର୍ବରୁ ଯେତିକି ଥିଲା, ସେତିକିରେ ପହଞ୍ଚୁଛି ନା ନାହିଁ । ଏହି ଯୁଦ୍ଧରେ ଗୋଟିଏ ଉଲ୍ଲେଖନୀୟ କଥା ଦେଖିବାକୁ ମିଳିଲା । ତାହା ହେଉଛି ପ୍ରଥମ ଥର ପାଇଁ ଇସ୍ରାଏଲ ପରି ଇରାନ ମଧ୍ୟ ଏହାର ସୀମା ବାହାରକୁ ମିଶାଇଲ ଆକ୍ରମଣ କରିବା । ଇସ୍ରାଏଲର ହେଜ୍‌ବୋଲ୍ଲା ଟାର୍ଗେଟ ଉପରେ ଆକ୍ରମଣର ଜବାବ ଦେବାକୁ ଯାଇ ଇରାନ ଏପରି ପଦକ୍ଷେପ ନେଇଛି । ଆଗାମୀ ସମୟରେ ଇରାନ ଇସ୍ରାଏଲ ସମ୍ପର୍କରେ ଏହି ମିଶାଇଲ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଏହି ତଥାକଥିତ ଶାନ୍ତିଚୁକ୍ତି, ସେଇ ଆମେରିକୀୟମାନଙ୍କ ସକାଶେ ମଧ୍ୟ ଧକ୍କା ସଦୃଶ ହୋଇଛି ଯେଉଁମାନେ ଏହି ଯୁଦ୍ଧକୁ ଆରମ୍ଭରୁ ସମର୍ଥନ କରି ଆସୁଥିଲେ । ଏମାନଙ୍କ ମଧ୍ୟରେ ଟ୍ରମ୍ପଙ୍କର ମାଗା ସମର୍ଥକ ଗୋଷ୍ଠୀ ଅନ୍ୟତମ, ଯେଉଁମାନଙ୍କର ମତ ଅନୁସାରେ ବିଗତ ୪୭ବର୍ଷ ଧରି ଆମେରିକା ବିରୋଧରେ ଦଣ୍ଡାୟମାନ ଇରାନ୍ ବର୍ତ୍ତମାନ ଦେଶର ସୁରକ୍ଷା କ୍ଷେତ୍ରରେ ସବୁଠାରୁ ବଡ଼ ବିପଦରେ ପରିଣତ ହୋଇଛି । ସେମାନଙ୍କର ଏହି ଭୟକୁ ଯୁଦ୍ଧ ବିରାମ ନା ସମାପ୍ତ କରିଛି ନା ହ୍ରାସ କରିଛି ବରଂ ଇରାନର ପରମାଣୁ କାର୍ଯ୍ୟକ୍ରମର ଭବିଷ୍ୟତ ବର୍ତ୍ତମାନ ସମୟରେ ଅନିଶ୍ଚିତତାର ଘେରରେ । ଏହା ମଧ୍ୟ ହୋଇପାରେ କି ଇରାନ୍ ପରମାଣୁ ପ୍ରସଙ୍ଗରେ କଥାବାର୍ତ୍ତାକୁ ବିଳମ୍ବିତ କରାଇବ, ଯେଉଁ ପର୍ଯ୍ୟନ୍ତ ଟ୍ରମ୍ପ ପଦରୁ ହଟି ନାହାନ୍ତି ।

ଯଦି ଇରାନ୍‌କୁ ହର୍ମୁଜ୍ ଦେଇ ଯାଉଥିବା ଜାହାଜମାନଙ୍କ ଠାରୁ ଶୁଳ୍କ ଆଦାୟ କରିବା ପାଇଁ ଅନୁମତି ଦିଆଯାଏ, ତାହାହେଲେ ଟ୍ରମ୍ପ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରର ପ୍ରଭାବକୁ କ୍ଷୁଣ୍ଣ କରିବା ପଥରେ ଅଗ୍ରସର ହେବେ । ଆହୁରି ସଂପୃକ୍ତ ଅଞ୍ଚଳରେ ଇରାନର ଆର୍ଥିକ ଓ ରଣନୈତିକ ସାମର୍ଥ୍ୟରେ ବୃଦ୍ଧି ଘଟିବ ଯାହାକି ଯୁଦ୍ଧ ପୂର୍ବରୁ ତାହା ପାଖରେ ନଥିଲା । ଯଦି ଭବିଷ୍ୟତରେ ଶାନ୍ତି ଆଲୋଚନା ବିଫଳ ହୁଏ ଓ ଇରାନ ହର୍ମୁଜ୍‌କୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦିଏ, ତାହାହେଲେ ବିଭିନ୍ନ ଦେଶ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭର କରିବା ହ୍ରାସ କରି ଚୀନ୍ ପ୍ରସ୍ତୁତ ସୋଲାର ପ୍ୟାନେଲ୍, ବୈଦ୍ୟୁତିକ ବାହାନର ବହୁଳ ବ୍ୟବହାର କରିବାକୁ ବାଧ୍ୟ ହେବେ । ଏହାର ଅର୍ଥ ହେବ ଯେ, ଗୋଟିଏ ନିର୍ଭରଶୀଳତାକୁ ତ୍ୟାଗ କରି ଆଉ ଗୋଟିଏ ନିର୍ଭରଶୀଳତାକୁ ଆପଣାଇବା । ବିଗତ ବର୍ଷ ରେୟାର୍ ଆର୍ଥ ମିନେରାଲ୍‌ସର ରପ୍ତାନି ଉପରେ ଚୀନ ଲଗାଇଥିବା ପ୍ରତିବନ୍ଧକ ସମଗ୍ର ବିଶ୍ୱକୁ ଦେଖାଇଦେଇଥିଲା ଯେ, ବୈଶ୍ୱିକ ଆମଦାନି-ରପ୍ତାନି ବ୍ୟବସ୍ଥାରେ ବିଭିନ୍ନ ଚୋକ୍‌ପଏଣ୍ଟ (ସ୍ଥାନ ବିଶେଷ)ର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ । ଇରାନ ମଧ୍ୟ ପ୍ରମାଣିତ କରିଦେଲା ଯେ ହର୍ମୁଜକୁ ବନ୍ଦ କରି, ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସୈନ୍ୟ ବ୍ୟବସ୍ଥାକୁ ପଛକୁ ହଟିବା ପାଇଁ ସେ ବାଧ କରିପାରିଲା । ଯେଉଁ ଦେଶମାନଙ୍କର ଗୁରୁତ୍ୱପୂର୍ଣ୍ଣ ପରିବହନ ମାର୍ଗ ଉପରେ ନିୟନ୍ତ୍ରଣ ଅଛି, ସେମାନେ ଇରାନ ଭଳି ସଂପୃକ୍ତ ମାର୍ଗକୁ ବନ୍ଦ କରି ଭବିଷ୍ୟତରେ ନିଜର ସ୍ୱାର୍ଥ ସିଦ୍ଧି କରିପାରନ୍ତି ଏବଂ ଅତୀତରେ ମଧ୍ୟ ଏହା ହୋଇ ଆସିଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାମୁଦ୍ରିକ ବାଣିଜ୍ୟ ଅବାରିତ ଓ ବାଧାହୀନ ଭାବରେ ହେବାର ମୁଖ୍ୟ କାରଣ ହେଉଛି ଯୁକ୍ତରାଷ୍ଟ୍ରର ନୌବାହିନୀ ଜନିତ ସୁରକ୍ଷା ପ୍ରଦାନ । ମଧ୍ୟପ୍ରାଚ୍ୟ ସଙ୍କଟ ପରେ କିନ୍ତୁ ଆମେରିକାର ଶକ୍ତି ଓ ସାମର୍ଥ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିକଟ ଅତୀତରେ ଇଣ୍ଡୋନେସିଆର ରାଷ୍ଟ୍ରପତି ଏକ ବିବୃତି ଦେଇଥିଲେ ଯେ, ପୂର୍ବ ଏସିଆର ସତୁରି ପ୍ରତିଶତ ଶକ୍ତି ଆବଶ୍ୟକତା ତାଙ୍କ ଦେଶର ନିୟନ୍ତ୍ରଣରେ ଥିବା ମଲକ୍‌କା ଷ୍ଟ୍ରେଟ୍ ଦେଇ ପରିବାହିତ ହେଉଛି । ଯଦିଓ ସେ ଏଭଳି ବିବୃତି ଦେବାର କିଛି ସମୟ ପରେ ଇଣ୍ଡୋନେସିଆର ବାଣିଜ୍ୟ ମନ୍ତ୍ରାଳୟ ଏହା ସ୍ପଷ୍ଟ କରିଥିଲା ଯେ ମଲକ୍‌କାରେ ଶୁଳ୍କ ଆଦାୟ କରିବା ପାଇଁ କୌଣସି ଯୋଜନା ନାହିଁ, ରାଷ୍ଟ୍ରପତିଙ୍କ ବିବୃତିକୁ କିନ୍ତୁ ହାଲୁକା ଭାବରେ ନେଇହେବ ନାହିଁ । ଏହି ଧାରାରେ ଆଗକୁ ଚୀନ, ତାଇୱାନ୍ ପାର୍ଶ୍ୱରେ ବାଣିଜ୍ୟିକ ଜାହାଜର ନିୟନ୍ତ୍ରଣ ଓ ରୁଷ୍ ସାମୁଦ୍ରିକ ଇଣ୍ଟରନେଟ୍ କେବୁଲ୍‌କୁ ନିୟନ୍ତ୍ରଣ କରି ବୈଶ୍ୱିକ ବାଣିଜ୍ୟ ପାଇଁ ବିଷମ ସମସ୍ୟା ସୃଷ୍ଟି କରିପାରନ୍ତି । ପରିଶେଷରେ ଏତିକି ଉଲ୍ଲେଖ କରିବି ଯେ ମଧ୍ୟପ୍ରାଚ୍ୟ ସଙ୍କଟର ଫଳାଫଳ ଯାହା ହେଉ ନା କାହିଁକି, ବିଶ୍ୱବାଣିଜ୍ୟ ଉପରେ ଏହାର ପ୍ରଭାବ ସୁଦୂରପ୍ରସାରୀ ଓ ବାଣିଜ୍ୟ ବ୍ୟବସ୍ଥା ଯୁଦ୍ଧ ପୂର୍ବବର୍ତ୍ତୀ ସ୍ୱାଭାବିକ ଅବସ୍ଥାକୁ ଫେରିବାର ସମ୍ଭାବନା ଅତ୍ୟନ୍ତ କମ୍ ।

ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ- ୮୧୪୪୦୪୨୯୯୭

# ସୁପ୍ରିମକୋର୍ଟଙ୍କ ରାୟ କେତେଦୂର ସଫଳ ହେବ

**ସୌଭାଗ୍ୟ ରଂଜନ ମହାନ୍ତି**

ମୁମ୍ବଇରେ ବର୍ଷାଜଳରେ ବୁଡି ରହିଥିବା ଘୋଡଣି ନ ଥିବା ଏକ ଡ୍ରେନ ଗର୍ତ୍ତ (ମ୍ୟାନହୋଲ)ରେ ପଡି ଜଣେ ଲୋକର ମୃତ୍ୟୁ ଘଟିବା ପୁଣି ଥରେ ମୌସୁମୀ ଦେଶର ସାର୍ବଜନୀନ ଭିତ୍ତିଭୂମି ଢାଞ୍ଚା ଭାରତର ବିପଦପୂର୍ଣ୍ଣ ସ୍ଥିତିର ପର୍ଦ୍ଦାଫାସ କରିଛି ବୋଲି କୁହାଯାଇପାରିବ । କେବଳ ମୁମ୍ବାଇ ନୁହେଁ, ମୌସୁମୀ ଋତୁରେ ଦେଶର ବିଭିନ୍ନ ଅଞ୍ଚଳରେ ପ୍ରତିବର୍ଷ ଏଭଳି ଦୁର୍ଘଟଣାଜନିତ ମୃତ୍ୟୁ ଘଟୁଥିବାବେଳେ ନବନିର୍ମିତ ଦିଲ୍ଲୀ-ଡେରାଡୁନ ଏକ୍ସପ୍ରେସୱେ ମଧ୍ୟ ଏଥିରୁ ପୃଥକ୍ ନୁହେଁ । ଦୁଃଖଦ ସ୍ମୃତି ଏହା ଯେ, ସରକାରୀ ଅବହେଳା ଏବଂ ଦୁର୍ବଳ ଇଂଜିନିୟରି ତଥା ଭିତ୍ତିଭୂମି ପ୍ରତିବର୍ଷ ବର୍ଷା ଋତୁରେ ଜନଜୀବନ ପ୍ରତି ବିପଦର କାରଣ ହୋଇଛି । ମୁମ୍ବାଇରେ ନିକଟରେ ଘଟିଥିବା ଟ୍ରାଜେଡି ନିବାରଣଯୋଗ୍ୟ । ପରିଚାଳନା ତଥା ଦୂରଦୃଷ୍ଟିର ଅଭାବ ଯୋଗୁଁ ଗୋଟିଏ ଗର୍ତ୍ତ ଘୋଡଣି ବିହୀନ ରହିବା ଏକ ଅଦୃଶ୍ୟ ମୃତ୍ୟୁଯନ୍ତାରେ ପରିଣତ ହୋଇଛି । ଏଭଳି ଘଟଣାରେ ପ୍ରଶାସନିକ ଅଧିକାରୀଙ୍କୁ ନିଲମ୍ବନ ଓ ଠିକାଦାରକୁ କଳାତାଲିକା ଭୁକ୍ତ କରାଯିବା ଜରୁରୀ । ଅବଶ୍ୟ ଜଣଙ୍କର ଜୀବନ ଯିବା ପରେ ମହାରାଷ୍ଟ୍ର ସରକାର ୪ଜଣ ପଦସ୍ଥ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି । ଆମ ଦେଶରେ ପ୍ରତିବର୍ଷ ମୁକୁଳା ଡ୍ରେନ ଜୀବନ ନେଉଥିବାବେଳେ ବିରୋଧୀଦଳ ହୋ-ହଲ୍ଲା କରେ, ରାସ୍ତାରୋକ ହୁଏ, ନିଲମ୍ବନ ହୁଏ ତଦନ୍ତ ହୁଏ, ପରେ ସବୁ ଶାନ୍ତ ହୋଇଯାଏ । ପ୍ରତିବର୍ଷ ଏଭଳି ଦୁର୍ଘଟଣା ଘଟୁଥିବାବେଳେ ସରକାର କିମ୍ବା ପ୍ରଶାସନ ଏଥିରୁ କିଛି ଶିକ୍ଷା କରିଥିବା ଭଳି ମନେହୁଏ ନାହିଁ ।

କହିବା ବାହୁଲ୍ୟ ଯେ, ଗତବର୍ଷ ଜାତୀୟ ରାଜଧାନୀ ଦିଲ୍ଲୀରେ ମୁକୁଳା ଡ୍ରେନରେ ବର୍ଷା ଜଳ ସ୍ରୋତରେ ଜଣେ ମହିଳା ଓ ତାଙ୍କର ୩ବର୍ଷର ଶିଶୁ ପୁତ୍ରର ମୃତ୍ୟୁ ଘଟିଥିଲା । ବର୍ଷା ଜଳରେ ସ୍କୁଟରଟି ସ୍ଲିପ୍ କରିଯିବାରୁ ସେମାନେ ଡ୍ରେନ ଭିତରକୁ ଖସି ପଡିଥିଲେ । ଦେଶର ଆଇଟି ହବ୍ ଭାବେ ପରିଚିତ ବେଙ୍ଗାଲୁରୁରେ ସ୍ପଷ୍ଟ ଦିବାଲୋକରେ ବର୍ଷାଜଳରେ ରାସ୍ତାରେ ଥିବା ଖାଲରେ ପଡି ଜଣେ ଯୁବ ଇଂଜିନିୟରଙ୍କ ଜୀବନ ଯିବା ଘଟଣା ବୋଧହୁଏ କେହି ପାସୋରି ନ ଥିବେ । ଆମ ରାଜ୍ୟରେ ମୁକୁଳା ଡ୍ରେନ ମୃତ୍ୟୁ ଆଜି ମଧ୍ୟ କିଛି କମ୍ ନୁହେଁ କି ନୂଆ ନୁହେଁ । ରାଜଧାନୀ ଭୁବନେଶ୍ୱରରେ କିଛି ବର୍ଷ ତଳେ ଟିଉସନ ଯାଉଥିବା ସମୟରେ ବର୍ଷା ଜଳରେ ଭରପୂର ଏକ ମୁକୁଳା ଡ୍ରେନରେ ଭାସିଯାଇ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଏକ ଘଟଣାରେ ଜଣେ ୭ବର୍ଷର ବାଳକର ଜୀବନ ଯାଇଥିଲା । ସହସ୍ର ବର୍ଷର ସହର ଧବଳ ନଗର କଟକରେ ମୁକୁଳା ଡ୍ରେନ ମୃତ୍ୟୁଯନ୍ତାରେ ପରିଣତ ହୋଇଥିବା କହିଲେ, ଅତିରଂଜିତ ହୋଇନପାରେ । ରାଜଧାନୀରେ ଗତ ବର୍ଷେ ହେଲା ଡ୍ରେନ ମରାମତି ଚାଲିଥିବାବେଳେ ବହୁ ଡ୍ରେନ ଏବେ ମୁକୁଳା ରହିଛି ।

ଏବେ ବର୍ଷା ଋତୁରେ ରାସ୍ତା ଉପରେ ବନ୍ୟାର ସ୍ରୋତ ଲାଗି ରହିଛି । କେତେବେଳେ ମୁକୁଳା ଅଧପନ୍ତରିଆ ଡ୍ରେନ, ଗାତ କାହାର ଜୀବନ ନେବା କିଛି କହିହେବ ନାହିଁ । ଏହା ନିଃସନ୍ଦେହ ଯେ, ଭାରତୀୟ ସହରଗୁଡିକରେ ବର୍ଷ ପରେ ବର୍ଷ ଏଭଳି ଦୁର୍ଘଟଣା ଘଟି ଚାଲିଥିବାବେଳେ କର୍ତ୍ତୃପକ୍ଷ ଆଖିବୁଜି ଦେଇଥିବା କହିଲେ ଭୁଲ ହୋଇନପାରେ । ଦେଶର ଅର୍ଥନୈତିକ ସହର ଭାବେ ପରିଚିତ ମୁମ୍ବାଇ ମୌସୁମୀ ବର୍ଷାରେ ଜଳାର୍ଣ୍ଣବ ହେବା ସହ ଜୀବନ ଯାତ୍ରା ଠପ୍ ହୋଇଯାଇଥିଲା । କେବଳ ମୁମ୍ବାଇ ନୁହେଁ, ଦେଶର ସମସ୍ତ ସହରରେ ଅନୁରୂପ ଅବସ୍ଥା ଲାଗି ରହିଛି । ଚାରି ବର୍ଷ ତଳେ ଦିଲ୍ଲୀରେ ଘର ଭିତରେ ବର୍ଷା ଜଳରେ ବୁଡି ୩ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟଣା ବୋଧହୁଏ କେହି ଭୁଲି ନଥିବେ । ୨୦୧୫ରେ ଚେନ୍ନାଇରେ ରାଜରାସ୍ତା ତଥା ଗଳି କନ୍ଦିରେ ଡଙ୍ଗା ଚାଲିବା ଭାରତୀୟ ସହରଗୁଡିକର ଭିତ୍ତିଭୂମି ସମ୍ପର୍କରେ ସଂକେତ ପ୍ରଦାନ କରେ । ଉପଯୁକ୍ତ ବୈଷୟିକ ବିଦ୍ୟା, ଇଞ୍ଜିନିୟରିଂ ତଥା ନକ୍ସାର ଅବହେଳା ନିମ୍ନମାନର କାମ ଏସବୁ ପାଇଁ ଦାୟୀ । ରାସ୍ତା ନିର୍ମାଣର ମାସକ ମଧ୍ୟରେ ପିଚୁ ଉଠି ରାସ୍ତାରେ ବଡ ବଡ ଗାତ ସୃଷ୍ଟି ହେବା ଦେଶରେ ପରମ୍ପରାଗତ ହୋଇଗଲାଣି । ଏଥିପାଇଁ କାର୍ଯ୍ୟାନୁଷ୍ଠାନ ନାହିଁ । କାର୍ଯ୍ୟରେ ନିୟୋଜିତ ଇଂଜିନିୟର ଓ ଠିକାଦାରଙ୍କୁ ଉତ୍ତରଦାୟୀ କରାଯିବାର ସମୟ ଏବେ ଆସିଛି । ଅନ୍ୟଥା ରାସ୍ତାରେ ଗାତ ପ୍ରତିବର୍ଷ ମରଣଯନ୍ତାରେ ପରିଣତ ହେବା ସାର ହେବ ।

ମୋ-୯୪୩୭୯୯୪୩୭୯

# ଗଣତନ୍ତ୍ରର ପ୍ରକୃତ ଅର୍ଥ ଏବଂ ଭାରତର ବାସ୍ତବିକ ସ୍ଥିତି

**ଅସିତ ମହାନ୍ତି**

> **“ଗଣତନ୍ତ୍ରର ଅପରିପକ୍ୱତା - ଗଣତନ୍ତ୍ରର ପରିପକ୍ୱତାର ମାପକାଠି ହେଉଛି ଯେ ସରକାର ଲୋକଙ୍କ ପ୍ରତି ଉତ୍ତରଦାୟୀ, ବିରୋଧୀ ଦଳ ଲୋକଙ୍କ ସ୍ୱର, ଏବଂ ଅନୁଷ୍ଠାନଗୁଡ଼ିକ ସ୍ୱାଧୀନ ରହିଛନ୍ତି । କିନ୍ତୁ ଆଜି ଭାରତରେ, ଏହି ତିନୋଟି ସ୍ତମ୍ଭ ଭାଙ୍ଗି ପଡ଼ିଛି । ସରକାର କେବଳ ନିଜର ସ୍ଥିତି ରକ୍ଷା କରିବା ପାଇଁ ଚିନ୍ତିତ, ବିରୋଧୀ ଦଳ ନୀରବ, ଏବଂ ଅନୁଷ୍ଠାନଗୁଡ଼ିକ କ୍ଷମତାର କଠିନ ପିଠି ହୋଇଗଲେଣି । ଏହି କାରଣରୁ ଭାରତର ଗଣତନ୍ତ୍ର ଅପରିପକ୍ୱ ।**

ଆଜି ଭାରତର ଗଣତାନ୍ତ୍ରିକ ଯାତ୍ରା ଯେଉଁ ମୋଡ଼ରେ ଠିଆ ହୋଇଛି ତାହା ଆମକୁ ପ୍ରଶ୍ନ କରିବାକୁ ବାଧ୍ୟ କରୁଛି ଯେ ଆମେ ପ୍ରକୃତରେ ଏକ ପରିପକ୍ୱ ଗଣତନ୍ତ୍ର ନା କେବଳ ଏକ ଗଣତନ୍ତ୍ର ବୋଲି ଛଦ୍ମବେଶ କରିବା । ଗଣତନ୍ତ୍ର କେବଳ ନିର୍ବାଚନ କରିବା ଏବଂ କ୍ଷମତା ପରିବର୍ତ୍ତନ କରିବା ବିଷୟରେ ନୁହେଁ; ଏହା ଲୋକଙ୍କ ସ୍ୱର ଶୁଣିବା, ସେମାନଙ୍କ ସମସ୍ୟାର ସମାଧାନ କରିବା ଏବଂ କ୍ଷମତାକୁ ଦାୟୀ କରିବା ବିଷୟରେ । କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ଏସବୁ ହଜିଯାଇଛି ।

କ୍ଷମତା ଏବଂ ସଂସ୍ଥାର ଅପବ୍ୟବହାର - ଆଜିର ସବୁଠାରୁ ବଡ଼ ସମସ୍ୟା ହେଉଛି କ୍ଷମତା ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ନିଜ ସ୍ୱାର୍ଥ ପାଇଁ ଅପବ୍ୟବହାର କରୁଛି । ଇଡି, ସିବିଆଇ ଏବଂ ଅନ୍ୟାନ୍ୟ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଜନସ୍ୱାର୍ଥରେ କାମ କରିବା ପରିବର୍ତ୍ତେ ରାଜନୈତିକ ଉପକରଣ ପାଲଟିଛନ୍ତି । ବିରୋଧୀ ନେତାମାନଙ୍କୁ ମିଥ୍ୟା ମାମଲାରେ ଫସାଇବା, ବୈଜ୍ଞାନିକଙ୍କୁ, ସ୍ୱତନ୍ତ୍ର ପତ୍ରକାରିତାର ନେତୃତ୍ୱ ନେଉଥିବା ପତ୍ରକାରମାନଙ୍କୁ ଜେଲରେ ରଖିବା ଏବଂ ଭିନ୍ନମତକୁ ଦମନ କରିବା ଗଣତନ୍ତ୍ରର ଆତ୍ମାକୁ ଦୁର୍ବଳ କରିଥାଏ । ଯେତେବେଳେ ଅନୁଷ୍ଠାନଗୁଡ଼ିକ ସ୍ୱାଧୀନ ନ ଥାନ୍ତି, ଗଣତନ୍ତ୍ର କେବଳ ପ୍ରହସନ ହୋଇଯାଏ ।

ଗଣମାଧ୍ୟମର ଭୂମିକା ଏବଂ ଅବନତି - ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ, କ୍ଷମତାର ପ୍ରବକ୍ତା ପାଲଟିଛି । ସାମ୍ବାଦିକଙ୍କ କାମ ହେଉଛି ପ୍ରଶ୍ନ ପଚାରିବା ଏବଂ ଲୋକଙ୍କ ସ୍ୱରକୁ ସାମ୍ନାକୁ ଆଣିବା । କିନ୍ତୁ ଯେତେବେଳେ ଗଣମାଧ୍ୟମ କ୍ଷୁଦ୍ର ହୋଇ ଚାପୁଡ଼ା ଚାପରେ ଲିପ୍ତ ହୁଏ, ଜନତାଙ୍କ ପ୍ରଶ୍ନକୁ ଦବାଇ ଦିଆଯାଏ । ଏହି କାରଣରୁ ଆଜି ସାଧାରଣ ନାଗରିକ ଅନୁଭବ କରନ୍ତି ଯେ ଯେପରି ସେମାନଙ୍କ ସ୍ୱର ଶୁଣାଯାଉ ନାହିଁ ।

ଦେଶର ସର୍ବବୃହତ୍ ବର୍ଗ - ଯୁବପିଢ଼ି ଆଜି ରାସ୍ତାରେ ନ୍ୟାୟ ପାଇଁ ଭିକ୍ଷା କରୁଛନ୍ତି । ବେକାରି, ଶିକ୍ଷାର ହ୍ରାସ ପାଉଥିବା ଗୁଣବତ୍ତା ଏବଂ ସୁଯୋଗର ଅଭାବ ସେମାନଙ୍କୁ ହତାଶ କରିଛି । ଯେତେବେଳେ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବାକୁ ମନା କରନ୍ତି, ଯେତେବେଳେ ଛାତ୍ର ମୃତ୍ୟୁ କେବଳ ପରିସଂଖ୍ୟାନ ହୋଇ ରହିଥାଏ, ସେତେବେଳେ ଏହା ସ୍ପଷ୍ଟ ହୋଇଯାଏ ଯେ ସରକାରଙ୍କର ଯୁବପିଢ଼ିଙ୍କ ଦୁଃଖ ପ୍ରତି କୌଣସି ଚିନ୍ତା ନାହିଁ । ଏହି କାରଣରୁ ‘କକ୍‌ରୋଚ ଜନତା ଦଳ’ ଭଳି ନୂତନ ସ୍ୱର ଉଭା ହେଉଛି, ଯେଉଁମାନେ ଅନଶନ ଏବଂ ଗଣ ଆନ୍ଦୋଳନ ମାଧ୍ୟମରେ ସେମାନଙ୍କର ସ୍ୱର ଶୁଣାଇବାକୁ ଚେଷ୍ଟା କରୁଛନ୍ତି ।

ବିରୋଧୀଙ୍କ ନୀରବତା ଏବଂ ସହଯୋଗ - ଯଦି ଭାରତ ଏକ ପରିପକ୍ୱ ଗଣତନ୍ତ୍ର ହୋଇଥାନ୍ତା, ତେବେ ବିରୋଧୀ ଦଳ ସରକାରଙ୍କୁ ଘେରିଥାନ୍ତେ, ସାଧାରଣ ସମସ୍ୟା ଉଠାଇବା ପାଇଁ ରାସ୍ତାକୁ ଓହ୍ଲାଇଥାନ୍ତେ ଏବଂ ସରକାରଙ୍କୁ ଦାୟୀ କରିଥାନ୍ତେ । କିନ୍ତୁ ଆଜି, ବିରୋଧୀ ଦଳ ମଧ୍ୟ ସରକାରଙ୍କ ସହିତ ସହମତ ଥିବା ପରି ମନେହୁଏ । ଯେତେବେଳେ କକ୍‌ରୋଚ ଜନତା ଦଳ ଜନ୍ତର ମନ୍ତରରେ ଅନଶନ କରୁଛି, କୌଣସି ବିରୋଧୀ ଦଳ ସେମାନଙ୍କ ସହିତ ଛିଡ଼ା ହେଉନାହିଁ । ଏହି ନୀରବତା ଦର୍ଶାଉଛି ଯେ ଶାସକ ଦଳ ଏବଂ ବିରୋଧୀ ଦଳ ଉଭୟ ଲୋକଙ୍କ ସମସ୍ୟା ପ୍ରତି ଅଜ୍ଞ ଏବଂ କେବଳ ନିଜ ନିଜ ରାଜନୈତିକ ଗଣନାରେ ବ୍ୟସ୍ତ ।

ଗଣତନ୍ତ୍ରର ଅପରିପକ୍ୱତା - ଗଣତନ୍ତ୍ରର ପରିପକ୍ୱତାର ମାପକାଠି ହେଉଛି ଯେ ସରକାର ଲୋକଙ୍କ ପ୍ରତି ଉତ୍ତରଦାୟୀ, ବିରୋଧୀ ଦଳ ଲୋକଙ୍କ ସ୍ୱର, ଏବଂ ଅନୁଷ୍ଠାନଗୁଡ଼ିକ ସ୍ୱାଧୀନ ରହିଛନ୍ତି । କିନ୍ତୁ ଆଜି ଭାରତରେ, ଏହି ତିନୋଟି ସ୍ତମ୍ଭ ଭାଙ୍ଗି ପଡ଼ିଛି । ସରକାର କେବଳ ନିଜର ସ୍ଥିତି ରକ୍ଷା କରିବା ପାଇଁ ଚିନ୍ତିତ, ବିରୋଧୀ ଦଳ ନୀରବ, ଏବଂ ଅନୁଷ୍ଠାନଗୁଡ଼ିକ କ୍ଷମତାର କଠିନ ପିଠି ହୋଇଗଲେଣି । ଏହି କାରଣରୁ ଭାରତର ଗଣତନ୍ତ୍ର ଅପରିପକ୍ୱ ।

ଜନତାଙ୍କର ପ୍ରକୃତ ସମସ୍ୟା - ଭାରତର ପ୍ରକୃତ ସମସ୍ୟା ହେଉଛି ଯେ ଲୋକଙ୍କ ସ୍ୱରକୁ ଦମନ କରାଯାଇଛି । ପ୍ରତିଦିନ ନୂଆ ସମସ୍ୟା ସୃଷ୍ଟି ହେଉଛି - ମୁଦ୍ରାସ୍ଫୀତି, ବେକାରି, ଶିକ୍ଷା ସଙ୍କଟ, ଦୁର୍ନୀତି - କିନ୍ତୁ ଏହି ପ୍ରସଙ୍ଗଗୁଡ଼ିକ ଉପରେ କୌଣସି ଗମ୍ଭୀର ଆଲୋଚନା ହେଉନାହିଁ । ଶାସକ ଦଳ ଏବଂ ବିରୋଧୀ ଦଳ ଉଭୟ ଜନସାଧାରଣଙ୍କୁ ଭ୍ରମିତ କରିବାରେ ବ୍ୟସ୍ତ । ଏହି କାରଣରୁ ଜନସାଧାରଣ ଅନୁଭବ କରୁଛନ୍ତି ଯେ ‘ଧଳା ଲୋକଙ୍କ ବିଦାୟ ପରେ, କଳାମାନେ ଏବେ ନିଜ ଇଚ୍ଛାରେ ନିଜ ଦେଶକୁ ଚଳାଉଛନ୍ତି ।’ ଭାରତର ବୈଦେଶିକ ନୀତି ଆଜି ଗଭୀର ସଙ୍କଟରେ ଥିବା ପରି ମନେ ହେଉଛି । ଆମେରିକା ନିକଟରେ ବାରମ୍ବାର ମୁଣ୍ଡ ନୁଆଁଇବା ଏବଂ ଏହାର ସ୍ୱାଧୀନ ନୀତି ପରିତ୍ୟାଗ କରିବା ସୂଚାଇଥାଏ ଯେ ଭାରତ ଏହାର ସାର୍ବଭୌମତ୍ୱକୁ କ୍ଷୁଣ୍ଣ କରୁଛି । ଯେତେବେଳେ କୌଣସି ରାଷ୍ଟ୍ର କେବଳ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକର ଇଚ୍ଛା ଅନୁଯାୟୀ ଏହାର ବୈଦେଶିକ ନୀତିକୁ ଗ୍ରହଣ କରେ, ସେତେବେଳେ ସେ ନିଜର ପରିଚୟ ହରାଇଥାଏ । ଆମେରିକାର ଚାପରେ, ଭାରତ ପ୍ରାୟତଃ ଏପରି ନିଷ୍ପତ୍ତି ନେଇଛି ଯାହା ଏହାର ଦୀର୍ଘକାଳୀନ ସ୍ୱାର୍ଥର ବିପରୀତ । ସେହିପରି, ଇସ୍ରାଏଲ ପ୍ରତି ଭାରତର ଅନ୍ଧ ସମର୍ଥନ ଭାରତର ବୈଦେଶିକ ନୀତିର ବିଫଳତାକୁ ମଧ୍ୟ ପ୍ରକାଶ କରେ । ପଶ୍ଚିମ ଏସିଆରେ ସନ୍ତୁଳନ ବଜାୟ ରଖିବା ପରିବର୍ତ୍ତେ, ଭାରତ ଏକପାଖିଆ ମନୋଭାବ ଦେଖାଇଛି, ଯାହା କେବଳ ଏହାର ଅନ୍ତର୍ଜାତୀୟ ପ୍ରତିଛବିକୁ ପ୍ରଭାବିତ କରିନାହିଁ ବରଂ ଆରବ ଦେଶଗୁଡ଼ିକ ସହିତ ସମ୍ପର୍କକୁ ମଧ୍ୟ ଦୁର୍ବଳ କରିଦେଇଛି । ଏହି ନୀତି ବିଶ୍ୱ ସ୍ତରରେ ଭାରତକୁ ଅଲଗା କରିପାରେ । ଅର୍ଥନୈତିକ କ୍ଷେତ୍ରରେ ପରିସ୍ଥିତି ମଧ୍ୟ ଗମ୍ଭୀର । ମୁଦ୍ରାସ୍ଫୀତି, ବେକାରି ଏବଂ ଟଙ୍କାର ମୂଲ୍ୟ ହ୍ରାସ ପ୍ରମାଣିତ କରେ ଯେ ସରକାରଙ୍କ ଅର୍ଥନୈତିକ ରଣନୀତି ବିଫଳ ହୋଇଛି । ଯେତେବେଳେ ତୈଳ ମୂଲ୍ୟ ବୃଦ୍ଧି ପାଏ ଏବଂ ସରକାର କୌଣସି ଠୋସ୍ ସହାୟତା ପ୍ରଦାନ କରେ ନାହିଁ, ଯେତେବେଳେ ଯୁବପିଢ଼ି ବେକାର ହୋଇଯାଆନ୍ତି ଏବଂ ଶିଳ୍ପଗୁଡ଼ିକ ସ୍ଥଗିତ ହୋଇଯାଏ, ସେତେବେଳେ ଏହା ସ୍ପଷ୍ଟ ହୋଇଯାଏ ଯେ ଅର୍ଥନୈତିକ ପରିଚାଳନା କେବଳ ଭାଷଣବାଜିରେ ସୀମିତ । ବୈଦେଶିକ ନୀତି ଏବଂ ଅର୍ଥନୈତିକ ନୀତି ଉଭୟରେ ବିଫଳତାର ପରିଣାମ ହେଉଛି ଯେ ଭାରତୀୟ ଜନସାଧାରଣ ନିରାଶ ହେଉଛନ୍ତି ଏବଂ ଦେଶର ବିଶ୍ୱସନୀୟତା ଅନ୍ତର୍ଜାତୀୟ ସ୍ତରରେ ଦୁର୍ବଳ ହେଉଛି । ଯଦି ଭାରତ ପ୍ରକୃତରେ ଏକ ପରିପକ୍ୱ ଗଣତନ୍ତ୍ର ହୋଇଥାନ୍ତା, ତେବେ ସରକାର ଜନସାଧାରଣ ଏବଂ ବିରୋଧୀ ଉଭୟଙ୍କ ସହିତ ମିଶି ଜାତୀୟ ସ୍ୱାର୍ଥ ପାଇଁ ନୀତି ପ୍ରସ୍ତୁତ କରିଥାନ୍ତେ । କିନ୍ତୁ ଆଜିର ପରିସ୍ଥିତି ଏପରି ଯେ ଶାସକ ଦଳ କେବଳ ନିଜର ସ୍ଥିତି ରକ୍ଷା କରିବା ପାଇଁ ଚିନ୍ତିତ, ଏବଂ ଲୋକମାନଙ୍କୁ ନିଜକୁ ରକ୍ଷା କରିବାକୁ ଛାଡ଼ି ଦିଆଯାଇଛି ।

ଭାରତର ପ୍ରକୃତ ପରିସ୍ଥିତିକୁ ବୁଝିବା ପାଇଁ, ଆମକୁ ପରୀକ୍ଷା କରିବାକୁ ପଡିବ ଯେ ଦେଶର ସମ୍ପତ୍ତି ଏବଂ ସମ୍ପଦ କିପରି ଧୀରେ ଧୀରେ ପୁଞ୍ଜିପତିମାନଙ୍କୁ ବିକ୍ରି ହେଉଛି । ଏକଦା ରାଷ୍ଟ୍ରର ମେରୁଦଣ୍ଡ ବୋଲି ବିବେଚିତ ସରକାରୀ ଉଦ୍ୟୋଗଗୁଡ଼ିକ ଏବେ ଘରୋଇକରଣର ଶିକାର ହୋଇଛନ୍ତି । ପ୍ରତ୍ୟେକ କ୍ଷେତ୍ରରେ - ରେଳ, ବିମାନ ଚଳାଚଳ, ଖଣିଜ ପଦାର୍ଥ ଏବଂ ଶକ୍ତି - ସରକାର ସରକାରୀ ସମ୍ପତ୍ତିକୁ କର୍ପୋରେଟ୍ ହାଉସଗୁଡ଼ିକୁ ହସ୍ତାନ୍ତର କରିଛନ୍ତି । ଏହା କେବଳ ଅର୍ଥନୈତିକ ନୀତିର ବିଫଳତା ନୁହେଁ ବରଂ ଗଣତାନ୍ତ୍ରିକ ଦାୟିତ୍ୱର ପରିତ୍ୟାଗ ମଧ୍ୟ ।

ଶିକ୍ଷାର ଅବସ୍ଥା ଆହୁରି ଭୟଙ୍କର । ସରକାରୀ ସ୍କୁଲ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ସମ୍ବଳ ଅଭାବ ସହିତ ସଂଘର୍ଷ କରୁଛନ୍ତି, ଯେତେବେଳେ ଘରୋଇ ପ୍ରତିଷ୍ଠାନଗୁଡ଼ିକ ଶିକ୍ଷାକୁ ଏକ ମହଙ୍ଗା ବ୍ୟବସାୟରେ ପରିଣତ କରିଛନ୍ତି । ଗବେଷଣା ଏବଂ ବିକାଶ ଉପରେ ଖର୍ଚ୍ଚ ନଗଣ୍ୟ, ଯାହା ଭାରତକୁ ବୈଜ୍ଞାନିକ ଆବିଷ୍କାର ଏବଂ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନରେ ପଛରେ ପକାଇ ଦେଇଛି । ଏହି କାରଣରୁ ଭାରତ ପ୍ରଯୁକ୍ତିବିଦ୍ୟା ପାଇଁ ବିଦେଶୀ ଦେଶ ଉପରେ ନିର୍ଭରଶୀଳ ରହିଛି - ତାହା ପ୍ରତିରକ୍ଷା ଉପକରଣ, ଚିକିତ୍ସା ପ୍ରଯୁକ୍ତିବିଦ୍ୟା କିମ୍ବା ଡିଜିଟାଲ୍ ପ୍ରବୃତ୍ତାନ୍ତ ହେଉ । ଭାରତକୁ ବୁଝିବାକୁ ପଡିବ ଯେ ଗଣତନ୍ତ୍ର କେବଳ ନିର୍ବାଚନ ଜିତିବା ବିଷୟରେ ନୁହେଁ, ବରଂ ଜନସାଧାରଣଙ୍କ ଅଂଶଗ୍ରହଣ ଏବଂ ସେମାନଙ୍କ ସ୍ୱରକୁ ସମ୍ମାନ କରିବା ବିଷୟରେ ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

## ଦୋକାନ ଝରକା ଭାଙ୍ଗି ୧୦ବସ୍ତା ମୁଗ ଚୋରି

ପିପିଲି,୬।୭ (ନିପ୍ର); ଶନିବାର ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ପାର୍ବତୀ ପୁରମେଳଣ ପଡିଆରେ ଥିବା ଏକ ଦୋକାନ ଘର ଝରକା ଭାଙ୍ଗି ଦୁର୍ବୃତ୍ତମାନେ ଜଣେ ମୁଗ ବ୍ୟବସାୟୀଙ୍କର ୧୦ବସ୍ତା ମୁଗ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏନେଇ ସଂପୃକ୍ତ ବ୍ୟବସାୟୀଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ଥାନାରେ ୨୦୩/୨୬ରେ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ସୂଚନା ମୁତାବକ ଗ୍ରାମର ପ୍ରଶାନ୍ତ କୁମାର ଜେନା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ପ୍ରଶାନ୍ତ ମୁଗ ବ୍ୟବସାୟ କରୁଥିଲା ବେଳେ ସେ ମେଳଣ ପଡିଆରେ ଥିବା ପଞ୍ଚାୟତର ୨ବଖରା ଘରକୁ ଭଡ଼ା ସୂତ୍ରରେ ନେଇ ବ୍ୟବସାୟ କରୁଥିଲେ। ଉକ୍ତ ଘରେ ପ୍ରଶାନ୍ତ ୮୦ବସ୍ତା ମୁଗ ରଖିଥିବା ବେଳେ ଗତକାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ରବିବାର ସକାଳେ ଦୋକାନ ଖୋଲିବାକୁ ଯିବା ସମୟରେ ଦୋକାନ ଝରକା ଭଙ୍ଗା ଯାଇଥିବା ଦେଖିଥିଲେ। ତାଲା ଖୋଲି ଭିତରକୁ ଯିବାରେ ମୁଗ ବସ୍ତାରୁ ୧୦ବସ୍ତା ନଥିବା ଜାଣିବାକୁ ପାଇଥିଲେ। ଚୋରି ହୋଇଥିବା ମୁଗର ମୂଲ୍ୟ ୪୦ହଜାର ଟଙ୍କା ହେବ ବୋଲି ଅଭିଯୋଗର ଦର୍ଶାଯାଇଛି।

## ଲଗାଣ ମୌସୁମୀ ବର୍ଷାରେ ଚାଷ କାର୍ଯ୍ୟ ଆରମ୍ଭ

ଭାପୁର,୬।୭ (ନିପ୍ର): କୃଷକଙ୍କ କୃଷି କାର୍ଯ୍ୟ ଜୁଲାଇ ମାସରୁ ପ୍ରାଥମିକ ତଥା ପ୍ରାରମ୍ଭିକ ଗତିବିଧି ଆରମ୍ଭ ହୋଇଥାଏ। ଯେଉଁଥିରୁ,ନିଜର ଖାଦ୍ୟ ଓ ରୋଜଗାର ବର୍ଷସାରା ପାଇଁ ସଞ୍ଚିଥାଏ।ଏହି କୃଷି କାର୍ଯ୍ୟ ମାନବ ସଭ୍ୟତା ପାଇଁ ଆଧାର ଅଟେ। ଫଳରେ,ବର୍ଷସାରା ଖାଦ୍ୟ ଦେଉଥିବା କୃଷକ ଦେଶ ଓ ରାଜ୍ୟର ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ କରିଥାଏ।ଚାଷକାର୍ଯ୍ୟ ପାଇଁ ପ୍ରାରମ୍ଭିକ ଲଗାଣ ମୌସୁମୀ ବର୍ଷା ରାଜ୍ୟରେ ଆରମ୍ଭ ହୋଇଯାଇ ଥିବାରୁ



ଚଳିତ ବର୍ଷ ଭାପୁର ବ୍ଲକର କୃଷକମାନେ ନିଜର କୃଷି କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି।ଖରଡି ପାଗ ସମୟରେ କୃଷକମାନେ ଧାନ ବୁଣିବା ଠାରୁ ଆରମ୍ଭ କରି ତଳି ପକେଇବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସମାପ୍ତ କରିଦେଇଥିଲେ ଫଳରେ,ଧାନ ଗଛ ଗଜା ହୋଇ ୩ ରୁ ୪ ଇଞ୍ଚ ବଢ଼ି ଯାଇଥିବା ବେଳେ ବର୍ତ୍ତମାନର ଲଗାଣ ବର୍ଷା ଚାଷୀଙ୍କ ପାଇଁ ବହୁତ ଉପକାରରେ ଆସିଛି। ଯେଉଁ କୃଷକ ମାନେ କ୍ଷେତରେ ରୋଇବା ପାଇଁ ଚିନ୍ତା କରି ତଳି ପକେଇ ଥିଲେ। ସେମାନେ ଏହି ଲଗାଣ ବର୍ଷାରେ ଚାଷ କାର୍ଯ୍ୟ ଆରମ୍ଭ କରିବା ପାଇଁ ଜମିରେ କାଦୁଆ କାର୍ଯ୍ୟ ଆରମ୍ଭ କଲେଣି।

## ଆସିକା ଭୋଟର ତାଲିକା ତ୍ରୁଟିକୁ ନେଇ ବଢ଼ିଲା ଜନ ଅସନ୍ତୋଷ

ଆସିକା,୬।୭ (ନିପ୍ର): କେନ୍ଦ୍ର ସରକାରଙ୍କ ପକ୍ଷରୁ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ପାଇଁ ଦୀର୍ଘ ୨୪ ବର୍ଷ ପରେ ଆରମ୍ଭ ହୋଇଥିଲା ଏସ ଆଇ ଆର ପ୍ରକ୍ରିୟା । ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା ବେଳେ ଏଥିରେ ଦେଖିବାକୁ ମିଳିଛି ଗଣ୍ଡା ଗଣ୍ଡା ତ୍ରୁଟି। ଏହି ଏସଆଇଆର ପ୍ରକ୍ରିୟା ପାଇଁ ବହୁତ ପ୍ରଶିକ୍ଷଣ,ଫର୍ମ ବଣ୍ଟନ, ସଭା ସମିତିରେ ସଚେତନତା, ବୁଥମାନଙ୍କ ଏଜେଣ୍ଟଙ୍କୁ ସହଯୋଗ ପାଇଁ ନିବେଦନ, ଘର ଘର ବୁଲି ବିଏଲଓ ମାନଙ୍କ କଠିନ ପରିଶ୍ରମ,ସୁପରଭାଇଜର ମାନଙ୍କ ନିୟମିତ ତଦାରଖ କରଣ ସତ୍ତ୍ୱେ ଗାଁ ଠାରୁ ସହର ପର୍ଯ୍ୟନ୍ତ ଭୋଟର ତାଲିକା ରେ ତ୍ରୁଟି ରହିଥିବା ନେଇ ଶୁଣିବାକୁ ମିଳୁଛି । ପ୍ରତ୍ୟେକ ବୁଥରେ ପିତା ମାତା, ସ୍ୱାମୀ ସ୍ତ୍ରୀ, ଭାଇ ଭଉଣୀମାନଙ୍କ ଏକ ବୁଥରେ ନରହି ଏପଟ ସେପଟ ହୋଇଛି । ଏହାକୁ ଦେଖି ବି ଏଲ ଓ, ସୁପରଭାଇଜର ମାନଙ୍କ ଟେନସନ ବଢ଼ିଥିବା ବେଳେ ଭୋଟର ମାନେ ରାଗି ତମ ତମ ହେଲେଣି। ଏ ସମ୍ପର୍କରେ ଆସିକା ବ୍ଲକ ପାଇଁ ନିୟୋଜିତ ଇଆର ଓ ଟୁଲୀ ଆମ୍ବା ପ୍ରଧାନଙ୍କୁ ପଚାରିବାରୁ ଶୀଘ୍ର ଭୁଲମାନଙ୍କ ସଂଶୋଧନ ହୋଇଯିବ ବୋଲି ସରଳ ଭାଷା ରେ ବୁଝାଇ ଦେଇଥିଲେ । ପ୍ରକାଶ ଥାଉକି ଆସିକା ନିର୍ବାଚନ ମଣ୍ଡଳୀର ୨୧୪ ବୁଥ ମଧ୍ୟରୁ ୧୫୩ ବୁଥ ୨୭ ଗୋଟି ପଂଚାୟତ ରେ ରହିଛି । ଆସିକା ବ୍ଲକରେ ମୋଟ ୦୨ ଲକ୍ଷ ୫୬୧ ଜଣ ଙ୍କ ନାମ ଭୋଟର ଲିଷ୍ଟରେ ରହିଥିଲା ।ଚଳିତ ଏସ ଆଇ ଆର ତାଲିକା ରେ ୧୨ ହଜାର ୨୯୩ ଜଣ ଭୋଟରଙ୍କ ନାମ ବାଦ ପଡିଛି ବୋଲି ଇ ଆର ଓ ପ୍ରକାଶ କରିଛନ୍ତି । ସେହିଭଳି ବର୍ତ୍ତମାନ ଆସିକା ବ୍ଲକର ପୁରୁଷ ୯୯ ହଜାର ୧୩୭ ଜଣ ମହିଳା ଭୋଟର ୮୯୧୧୭ ଜଣ ଏବଂ ତୃତୀୟ ଲିଙ୍ଗ ୧୪ ଜଣ ମିଶି ମୋଟ ୦୧ ଲକ୍ଷ ୮୮ ହଜାର ୨୬୮ ଜଣଙ୍କ ନାମ ରହିଛି ବୋଲି ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏଥିରୁ ସ୍ପଷ୍ଟ ଜଣା ପଡୁଛି ବହୁ ଆଡମ୍ବର ହେଲା ହେଲେ ସବୁ ଫସର ପାଠିଗଲା । ଏହାର ସମାଧାନ ପଚାରିବାରୁ ପୁଣି ଫର୍ମ ୦୮ ପରିବର୍ତ୍ତନ କରିବାକୁ ହେବ ଫର୍ମ ୦୬ ରେ ନାମକୁ ପଞ୍ଜୀକରଣ କରିବାକୁ ହେବ ।

## ଭଦ୍ରକରେ ଚିଠା ଭୋଟର ତାଲିକା ପ୍ରକାଶ
### ସ୍ୱଚ୍ଛ ଓ ନିର୍ଭୁଲ ନିର୍ବାଚନ ପାଇଁ ରାଜନୈତିକ ଦଳଙ୍କ ସହ ବୈଠକ

ଭଦ୍ରକ,୬।୭ (ନିପ୍ର): ଭଦ୍ରକ ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଖସଡ଼ା ଭୋଟର ତାଲିକା ପ୍ରକାଶ ଅବସରରେ ଜିଲ୍ଲାର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କ ଜିଲ୍ଲା ସଭାପତି ଓ ସମ୍ପାଦକମାନଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରବିବାର ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାବନା ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇ ମୁକ୍ତ, ସ୍ୱଚ୍ଛ ଓ ଅନ୍ତର୍ଭୁକ୍ତିମୂଳକ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ର ଉଦ୍ଦେଶ୍ୟ ଓ ପ୍ରମୁଖ ବୈଶିଷ୍ଟ୍ୟ ସମ୍ପର୍କରେ ସେ ବିସ୍ତୃତ ସୂଚନା ଦେଇ କହିଥିଲେ ଯେ, ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ କରିବା, ଅଯୋଗ୍ୟ ନାମ ବାଦ ଦେବା ଏବଂ ଭୋଟର ତାଲିକାକୁ ନିର୍ଭୁଲ ଓ ତ୍ରୁଟିମୁକ୍ତ କରିବା ଏହି ସଂଶୋଧନର ମୁଖ୍ୟ ଲକ୍ଷ୍ୟ।ବୈଠକରେ ସୂଚନା ଦିଆଯାଇଥିଲା ଯେ, ଭଦ୍ରକ ଜିଲ୍ଲାର ପାଞ୍ଚଟି ବିଧାନସଭା ନିର୍ବାଚନମଣ୍ଡଳୀର ଖସଡ଼ା ଭୋଟର ତାଲିକା ୫ ଜୁଲାଇ ୨୦୨୬ରେ ପ୍ରକାଶ ପାଇଛି।

## ଭଣ୍ଡାରିପୋଖରୀରେ ସର୍ବାଧିକ ୧୧୦ମି.ମି. ବର୍ଷା

ଭଦ୍ରକ,୬।୭ (ନିପ୍ର): ଜୁଲାଇ ବଙ୍ଗୋପସାଗରରେ ସୃଷ୍ଟ ସୁଦୃଢ଼ ଲଘୁଚାପର ପ୍ରଭାବରେ ଭଦ୍ରକ ଜିଲ୍ଲାରେ ଲଗାତାର ବର୍ଷା ଜାରି ରହିଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ରାଜ୍ୟରେ ଭାରୀ ବର୍ଷା ସମ୍ଭାବନା ନେଇ ସତର୍କତା ଜାରି ରହିଥିବାବେଳେ ଭଦ୍ରକ ଜିଲ୍ଲା ମଧ୍ୟ ଅରେଞ୍ଜ ସତର୍କତା ଅଧୀନରେ ରହିଛି। ଆଜି ସକାଳ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ଭଣ୍ଡାରିପୋଖରୀ ବ୍ଲକରେ ସର୍ବାଧିକ ୧୧୦ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି ଚାନ୍ଦବାଲିରେ ୭୬ ମି.ମି., ଧାମନଗରରେ ୪୬ ମି.ମି., ତିହିଡ଼ିରେ ୪୫ ମି.ମି., ଭଦ୍ରକରେ ୪୨.୨ ମି.ମି., ବାସୁଦେବପୁରରେ ୨୪ ମି.ମି. ଏବଂ ବନ୍ତରେ ୧୩ ମି.ମି. ବର୍ଷା ହୋଇଛି। ପ୍ରବଳ ବର୍ଷା ଯୋଗୁଁ ନିମ୍ନାଞ୍ଚଳରେ ଜଳ ଜମିବା ସହ ନଦୀ ଜଳସ୍ତର ବୃଦ୍ଧି ଉପରେ ପ୍ରଶାସନ ସତର୍କ ନଜର ରଖିଛି।

## 'ବୃକ୍ଷ ହିଁ ଜୀବନ' ସଂକ୍ରାନ୍ତରେ ଆଲୋଚନା

ଭଦ୍ରକ,୬।୭ (ନିପ୍ର):ଭଦ୍ରକ ବ୍ଲକ କଲେଇ ଗ୍ରା.ପ. ଅଧୀନସ୍ଥ ପି.ଏମ୍. କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମ ଚରଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଜିଲ୍ଲା ଓ ଦୌରାଜଜ୍ ଭଦ୍ରକ ଲଲାଟେନ୍ଦୁ ଜେନା ମୁଖ୍ୟ ଅତିଥି ତଥା ଜିଲ୍ଲା ନ୍ୟାୟାଳୟର ଅନ୍ୟାନ୍ୟ ବିଚାରପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀ ଅଂଶୁମାନ ଦ୍ୱିବେଦୀ ଏବଂ ବିଭାଗର ଅନ୍ୟକର୍ମକର୍ତ୍ତା ବୃନ୍ଦ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଓ ଅନ୍ୟାନ୍ୟ କର୍ମକର୍ତ୍ତାବୃନ୍ଦ ତଥା ବନ ବିଭାଗ ଅଧିକାରୀ ଅରୁଣ କୁମାର ବିଶ୍ୱାଳ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁକାନ୍ତି ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ସଭାମଣ୍ଡନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପଦେଷ୍ଟା କମିଟିର ସଭ୍ୟସଭ୍ୟା, ଅଭିଭାବକ, ଗ୍ରାମବାସୀ ତଥା ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ବୃକ୍ଷରୋପଣ କରିବା ସହିତ ଏହାର ମହତ୍ତ୍ୱ ଉପରେ ଆଲୋକପାତ କରିବା ସଂଗେ "ବୃକ୍ଷ ହିଁ ଜୀବନ" ଏହା ପରିବେଶର ସବୁଜସ୍ୱର୍ଣ୍ଣ । ଏପରି ଅନେକ ସ୍ଲୋଗାନ ମଧ୍ୟରେ ଏକ ଅଲୌକିକ ପରିବେଶ ସୃଷ୍ଟି ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ନୃତ୍ୟ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ପ୍ରଶାସନର ସାବତ ପୁଅ ସାଜିଛି ଦେବାହାଲି ଗ୍ରାମ !

ରେଢାଖୋଲ,୬।୭ (ନିପ୍ର):ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟସୁଧୁରୁନି ଗାଁ ଅବସ୍ଥା । ବର୍ତ୍ତମାନ ସରକାର ବିକାଶର ନାରା ବାଜି ଦେଉଥିବା ବେଳେ ଆଜି ବି କିଛି ଏଭଳି ଗାଁ ଅଛି ଯେଉଁଠି ରାସ୍ତା ଶୋଚନୀୟ ଅବସ୍ଥା ହୋଇ ପଡ଼ିରହିଛି । ଆଉ ରାସ୍ତା ପାଲଟିଛି ମରଣଯନ୍ତା। ବର୍ଷା ଦିନରେ କାଦୁଅ ପଚପଚ ରାସ୍ତା ଯୋଗୁଁ ଅତ୍ୟନ୍ତ ଦୟନୀୟ ହୋଇ ପଡିଛି ରାସ୍ତା ଅବସ୍ଥା। ଅନେକ ବର୍ଷ ଧରି ରାସ୍ତାରେ ଶୋଚନୀୟ ଅବସ୍ଥାରେ ଯିବା ଆସିବା କରୁଛନ୍ତି ଏଠାକାର ଅଞ୍ଚଳବାସୀ । ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ୍ ବଡ଼ମାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୁଢିଖମାର୍ ଠାରୁ ଖଇର୍ ଟାପ ଦେଇ ଦେବାହାଲି ଗାଁକୁ ଯାଇଥିବା ଦୀର୍ଘ ୩ କିମି ରାସ୍ତା ଏବଂ ସାଇବେର୍ଣ୍ଣି ଗାଁ ପାଖ ଲକଠକ୍ ପାଲି ଗାଁ ଛକ ଠାରୁ ଦେବାହାଲି ୫ କିମି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଲୋକମାନେ କିପରି ସୁବିଧାରେ ଯାତାୟାତ କରି ପାରିବେ ଏଥିପାଇଁ ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ସୁଧୁରି ପାରୁନାହିଁ ଗାଁର ରାସ୍ତା ଅବସ୍ଥା । ସରକାର ଗାଁର ଉନ୍ନତିରେ ଦେଶର ଉନ୍ନତି କଥା କହୁଥିବା ବେଳେ ଗାଁ ରାସ୍ତା ସାଜିଛି ମରଣଯନ୍ତା।

ତେଣୁ ବର୍ତ୍ତମାନ ବର୍ଷା ସମୟ ହେତୁ ଦୁର୍ଦ୍ଦଶା ଭଗୁଛନ୍ତି ଲୋକେ । ତଥାପି ଲୋକେ କାଦୁଅ ପଚପଚ ରାସ୍ତାଦେଇ ଯିବା ଆସିବା କରୁଛନ୍ତି । ଖଇର୍ ଟାପ ଗାଁରୁ ଦେବାହାଲି ଗାଁକୁ ଯାଇଥିବା ମାଟି ରାସ୍ତାରେ ଏକ ଛୋଟିଆ ନାଳ ଦେଇ ଜୀବାକୁ ପଡେ ହେଲେ ବର୍ଷା ଯୋଗୁଁ ସେଥିରେ କାଦୁଅ ପଚପଚ ହୋଇ ବଡ଼ମାଳ ପଞ୍ଚାୟତକୁ ବା ଡାକ୍ତରଖାନା ,କଲେଜ୍ ଓ କୌଣସି କାମରେ ଆସିବାକୁ ଏଠାକାର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଏହି ଗାଁ ଠାରୁ ବୁଢିଖମାର ୩ କିଲୋମିଟର ରାସ୍ତା ଅବସ୍ଥା ବିପର୍ଯ୍ୟୟ ହୋଇ ପଡ଼ିଛି ଏହି ରାସ୍ତାଟି ହେଲେ ବଡ଼ମାଳ ପଞ୍ଚାୟତକୁ କୌଣସି କାମରେ ଜିବା ଆସିବା ସୁବିଧା ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଅନ୍ୟପଟେ ଦେବାହାଲି ଠାରୁ ଲକଠକ୍ ପାଲି ଓ ସାଇବେର୍ଣ୍ଣି ଦେଇ ବଡ଼ମାଳ ପଞ୍ଚାୟତକୁ ଜୀବା ଆସିବା ଦୀର୍ଘ ୧୦ରୁ ୧୫କିମି ବୁଲିବାକୁ ଅତ୍ୟନ୍ତ କଷ୍ଟକର ବୋଲି ଲୋକେ କହୁଥିବା ବେଳେ ଦେବାହାଲି ଠାରୁ ଲକଠକ୍ ପାଲି ପର୍ଯ୍ୟନ୍ତ ୫କିମି ରାସ୍ତା କାମ ହୋଇପାରନ୍ତା ତା'ହେଲେ ମଧ୍ୟ ଆମେ ସୁବିଧାରେ ମୋଚିବାହାଲ ଓ ବଡ଼ମାଳ



ପଞ୍ଚାୟତକୁ ଯିବା ଆସିବା କରିପାରନ୍ତୁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏହି ରାସ୍ତା ଉପରେ ଗାଁର ୪୦ପରିବାରର ୨୦୦ ଲୋକେ ଯିବା ଆସିବା ନିର୍ଭର କରନ୍ତି । ବଡ଼ମାଳ ପଞ୍ଚାୟତକୁ ଯିବା ପାଇଁ ଖଇର୍ ଟାପ ଓ ବୁଢିଖମାର ପର୍ଯ୍ୟନ୍ତ ଏହା ହିଁ ଏକମାତ୍ର ସୁବିଧା ରାସ୍ତା । ବଡମାଲ କଲେଜକୁ ଏଠାକାର ଛାତ୍ରଛାତ୍ରୀମାନେ ପ୍ରତିଦିନ ଏହି ରାସ୍ତା ଦେଇ ଯିବାଆସିବା କରନ୍ତି । କାଦୁଅ ଯୋଗୁଁ ସେମାନଙ୍କ ଅନେକ ସମୟରେ ଗୋଡ଼ ଖସିଯିବା ସହ ବହିପତ୍ର କାଦୁଅ ହୋଇଥାଏ । ସେହିପରି ଗାଁକୁ ଆମ୍ବୁଲାନ୍ସ ମଧ୍ୟ ଆସିପାରେ ନାହିଁ । ଫଳରେ ଅନେକ ସମୟରେ ଗର୍ଭବତୀ ମହିଳା ଏବଂ ରୋଗୀ ମୃତ୍ୟୁମୁଖରେ ପଡିଥାଏ ।

ଏପରିକି ରୋଗୀକୁ ଖଟିଆରେ କାଦୁଅ ରାସ୍ତାରେ ବୋହି ନେବାକୁ ପଡୁଛି ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ପଞ୍ଚାୟତକୁ ଭଡା ହେଉ କି ଚାଉଳ ମଧ୍ୟ ନେଇ ଯାଇ ପାରନ୍ତି ନାହିଁ । ଫଳରେ ବର୍ଷା ୪ ମାସ ଗୋଟିଏ ପ୍ରକାର ଜଳ ବନ୍ଦୀ ଜୀବନ ଅତିବାହିତ କରନ୍ତି ଗ୍ରାମବାସୀ । ବର୍ଷା ହେଲେ ଗାଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇ ଯାଏ । ଦୀର୍ଘ ବର୍ଷ ହେବ ଗ୍ରାମବାସୀ ମାନେ ସବୁବେଳେ ଏହି ରାସ୍ତା ପାଇଁ ସଂଘର୍ଷ କରୁଛନ୍ତି । ସରକାର ରାସ୍ତାଘାଟର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସତେ ଯେମିତି ପ୍ରଶାସନର ସାବତ ପୁଅ ସାଜିଛନ୍ତି ବଡ଼ମାଳ ଗ୍ରାମପଞ୍ଚାୟତ ଏହି ଦେବାହାଲି ଗ୍ରାମବାସୀ । ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ସେମାନଙ୍କୁ ଅଣଦେଖା କରୁଥିବା ଗ୍ରାମବାସୀ କହିଛନ୍ତି ।

## ଡି ଆଇ ଇ ଟି ପକ୍ଷରୁ ପ୍ରଥମ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ

ରମ୍ଭା,୬।୭ (ନିପ୍ର): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ ପକ୍ଷରୁ ପ୍ରଥମ ମାସିକ କ୍ଲଷ୍ଟର ସ୍ତରୀୟ ଅଭିମୁଖୀକରଣ ବୈଠକ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡା ଉପସ୍ଥିତ ହୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଚଳିତ ୨୦୨୬-୨୭ ଶିକ୍ଷା ବର୍ଷର ଗୁରୁତ୍ୱପୂର୍ଣ୍ଣ ପ୍ରଥମ ମାସିକ କ୍ଲଷ୍ଟର ସ୍ତରୀୟ ଅଭିମୁଖୀକରଣ ବୈଠକ ଉଭୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ଏଫ୍ ଏଫ୍ ଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ସର୍ବୋପରି ଛାତ୍ରଛାତ୍ରୀଙ୍କ ଶିକ୍ଷଣ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ରୁଚିପୂର୍ଣ୍ଣ କରିବା ପାଇଁ ଏପ୍ରକାର ବୈଠକର ଆବଶ୍ୟକତା, ନିପୁଣ ଓଡ଼ିଶା, ଗ୍ୟାଲେରୀ ପରିଭ୍ରମଣ, ଶୈକ୍ଷିକ ସମ୍ବଳ, ବିଗତ ବର୍ଷ ସମ୍ପାଦିତ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକର ସଫଳତା, ସି ଆର୍ ସି ସି, ସି ଆର୍ ଜିଙ୍କ ଦ୍ୱାରା କିଭଳି ସୁବିଧା ଜନକ ସ୍ଥିତିରେ ବୈଠକ ସମ୍ପାଦିତ ହୋଇପାରିବ ଆଦି ବହୁବିଧ ଦିଗ ସମ୍ପର୍କରେ ଅଧ୍ୟକ୍ଷ ଡକ୍ଟର ପରିଡା ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମୟ ସାରଣୀ, ଶୈକ୍ଷିକ କ୍ୟାଲେଣ୍ଡର, ବହୁ ଶ୍ରେଣୀ ପାଠ ଯୋଜନା, ଯାଦୁପେଡିରେ ରହିଥିବା ସାମଗ୍ରୀର ସଠିକ୍ ପରିଚାଳନା, ଖେଳ ଭିତ୍ତିକ କାର୍ଯ୍ୟ, ଆକଳନ, ଶିକ୍ଷଣ ସୋପାନର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷକ ପ୍ରଶିକ୍ଷିକାମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

## କ୍ଲାସରୁମରୁ ଛିଣ୍ଡିଲା ଫ୍ୟାନ, ଅଳ୍ପକେ ବର୍ତ୍ତିଲେ ଶିକ୍ଷାର୍ଥୀ

ଭାପୁର,୬।୭ (ନିପ୍ର); ଭାପୁର ବ୍ଲକର ଏକମାତ୍ର ପିଏମଶ୍ରୀ ବିଦ୍ୟାଳୟ ପଦ୍ମାବତୀ ଗ୍ରାମସ୍ଥ ଗୋପୀନାଥ ଦେବ ବିଦ୍ୟାପୀଠର କ୍ଲାସରୁମ ରୁ ସିଲିଂ ଫ୍ୟାନ ଖସିପଡିଥିବା ବେଳେ ଛାତ୍ରଛାତ୍ରୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ଖାଉଥିବାବେଳେ ଚତୁର୍ଥ ଶ୍ରେଣୀରେ ବୁଲୁଥିବା ଫ୍ୟାନଟି ହଠାତ ତଳକୁ ଖସି ପଡିଥିଲା। ଏହି ଫ୍ୟାନଟି ବିପଦଜନକ ପରିସ୍ଥିତି ରେ ରହିଥିବା ନେଇ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ କର୍ତ୍ତୃପକ୍ଷ ଙ୍କୁ ଜଣେଇଥିଲେ କିନ୍ତୁ, କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଏପରି ଅଭାବନୀୟ ପରିସ୍ଥିତି ଘଟିଲା ବୋଲି ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିଛନ୍ତି। ଯଦି,ପାଠପଢା ସମୟରେ ଫ୍ୟାନ ଖସିଥାନ୍ତା ତେବେ ୪/୫ ଜଣ ଛାତ୍ରଛାତ୍ରୀ ଗୁରୁତର ନିଶ୍ଚିତ ହୋଇଥାନ୍ତେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ତେଣୁ,ଏହାର ତଦନ୍ତ କରାଯିବାକୁ ଦାବି ହୋଇଛି।

## ସଂକଳ୍ପ ଶକ୍ତିର ସଫଳତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୬।୭(ନିପ୍ର):ଗଜପତି ଜିଲ୍ଲା ପାରଳଖେମୁଣ୍ଡି ଓମ୍ ଶାନ୍ତି କଲୋନୀରେ ଥିବା ଶାନ୍ତି ସନ୍ଦେଶ ଆଶ୍ରମଠାରେ ସଂକଳ୍ପ ଶକ୍ତିର ସଫଳତା କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ ରୂପେଶ ପାଣିଗ୍ରାହୀ । କାର୍ଯ୍ୟକ୍ରମ ଆରମ୍ଭରେ ବିଧାୟକଙ୍କୁ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ବ୍ରହ୍ମକୁମାରି ଭଉଣୀମାନେ । ଲଗାତାର ତିନିଦିନ ଧରି ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ, ସାମୂହିକ ଭାବେ ଏହି କାର୍ଯ୍ୟକ୍ରମ ଉଦଘାଟନ କରିଛନ୍ତି ବିଧାୟକ ରୂପେଶ ପାଣିଗ୍ରାହୀ,। ଏହି ଶାନ୍ତି ସନ୍ଦେଶ ଆଶ୍ରମକୁ ଆହୁରି ଉନ୍ନତଧରଣ କରିବା ପାଇଁ ଚେଷ୍ଟା କରାଯିବ ବୋଲି ବିଧାୟକ ଜଣାଇଛନ୍ତି। ସନ୍ଧ୍ୟାରେ ବିଜୁ କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ ସଂକଳ୍ପ ଶକ୍ତିର ସଫଳତା କିପରି ପାଇପାରିବେ ସେନେଇ ଉଦ୍‌ବୋଧନ ଦେଇଥିଲେ ମାଉଣ୍ଟନ ଅଫ ରାଜସ୍ଥାନର ଡ: ବିକେ ଶକ୍ତିରାଜ୍ ଭାଇ । ଏହି ଭଳି କାର୍ଯ୍ୟକ୍ରମ ସମଗ୍ର ଗଞ୍ଜାମ ଓ ଗଜପତି ଜିଲ୍ଲା ରେ ଲଗାତାର ଏକ ମାସ ହେବ ବିଭିନ୍ନ ସ୍ଥାନରେ ବ୍ରହ୍ମକୁମାରୀ ରାଜଯୋଗିନୀ ମାଳା ଭଉଣୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି ।

## ପରିବେଶ ସୁରକ୍ଷା ପାଇଁ ଲେଖାଏଁ ଗଛ ଲଗାଇବାକୁ ଆହ୍ୱାନ

ଯାଜପୁର,୬।୭ (ନିପ୍ର) ପରିବେଶ ସଂରକ୍ଷଣ ଓ ସବୁଜୀକରଣକୁ ଗୁରୁତ୍ୱ ଦେଇ ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଅଙ୍କୁଲା ସ୍ଥିତ ନ୍ୟାୟିକ ବିଭାଗ ଗୃହ ନିର୍ମାଣ ଭୂମି, ପରିସରରେ ବନମହୋତ୍ସବ ସପ୍ତାହ-୨୦୨୬ ପାଳିତ ହୋଇଯାଇଛି । ବନ ବିଭାଗର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରଜାତିର ଫଳ ଓ ଫୁଲ ଗଛ ଚାରା ରୋପଣ କରାଯାଇଥିଲା। ଜିଲ୍ଲାଜଜ୍ ଅମୃତ ରଞ୍ଜନ ନନ୍ଦ, ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ଏଡିଜେ ଅଭିଲାଷ ସେନାପତି, ଏଡିଜେ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଭାଗୀୟ ବିଚାରପତି ସର୍ବେଶ୍ୱର ଦାସ, ଜିଲ୍ଲା ମୁଖ୍ୟ ବନ ଅଧିକାରୀ ଅନିଲ କୁମାର ରାୟ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଓ ଶିବାନନ୍ଦ ସ୍ୱାଇଁ, ଡି ଏସ ପି ପ୍ରଦୀପ୍ କୁମାର ମାଝୀ, ପ୍ରମୁଖ ଚାରା ରୋପଣ କରିଥିଲେ। ଏହି ଅବସରରେ ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ନନ୍ଦ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଗଛ ଲଗାଇ ଭବିଷ୍ୟତର ପରିବେଶକୁ ସୁରକ୍ଷା ଦେବା ପାଇଁ ଉପଦେଶ ଦେଇଥିଲେ ।

## ସଡ଼କ ଦୁର୍ଘଟଣାରେ ୩ ଆହତ

ଭାପୁର,୬।୭ (ନିପ୍ର): ଫତେଗଡ଼ ଥାନା କଇଁଫୁଲିଆ ଗ୍ରାପ ଅନ୍ତର୍ଗତ ଦୁଆଡିଆ ଗ୍ରାମର ନରି ନାୟକ ଓ ସୁବ୍ରତ ଦଳେଇ ନିଜ ଗ୍ରାମରୁ ଭାପୁର ଅଭିମୁଖେ ବାଇକରେ ଆସୁଥିବା ବେଳେ ବିପରୀତ ଦିଗରୁ ଖଣ୍ଡପଡା ବ୍ଲକ ବାଣପୁର ଗ୍ରାମର ଶ୍ରୀକାନ୍ତ ବେହେରା ନିଜ ଗ୍ରାମକୁ ବାଇକ ଯୋଗେ ଫେରୁଥିଲେ। ଦୁଆଡ଼ିଆ ଗ୍ରାମର ଦୁଇ ଯୁବକ ଭାପୁର - କଇଁଫୁଲିଆ ରାସ୍ତାର ମଧ୍ୟ ଭାଗରେ ଭାରସାମ୍ୟ ହରେଇ ଶ୍ରୀକାନ୍ତଙ୍କ ବାଇକକୁ ପିଟିଥିଲେ ଫଳରେ, ତିନି ଜଣ ଯାକ ରକ୍ତାକ୍ତ ହୋଇ ଛଟପଟ ହେଉଥିବା ବେଳେ ସ୍ଥାନୀୟ ଜନସାଧାରଣ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଆହତଙ୍କୁ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରେଇଥିଲେ ।

କିନ୍ତୁ,ସେମାନଙ୍କ ଅବସ୍ଥା ଗୁରୁତର ରହିଥିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା।

## ଧର୍ମଗଡ଼ ବିଧାନସଭା ନିର୍ବଚନ ମଣ୍ଡଳୀର ଖସଡ଼ା ଭୋଟର ତାଲିକା ପ୍ରକାଶିତ
# ୧୫ ହଜାର ୫୮୨ ଜଣ ଭୋଟର ତାଲିକାରୁ ବାଦ୍

ଧର୍ମଗଡ଼,୬।୭ (ନିପ୍ର): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପରିପ୍ରେକ୍ଷୀରେ ୭୯- ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ଖସଡ଼ା ଭୋଟର ତାଲିକା (ଡ୍ରାଫ୍ଟ ଇଲେକ୍ଟ୍ରରାଲ ରୋଲ୍) ପ୍ରକାଶ କରାଯାଇଛି। ଧର୍ମଗଡ଼ ଉପ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ସମସ୍ତ ରାଜନୈତିକ ଦଳ ମାନଙ୍କୁ ଏସଆଇଆର ଖସଡ଼ା ଭୋଟର ତାଲିକା ପ୍ରକାଶ ହେଲା ପରେ ଭୋଟର ତାଲିକା ପ୍ରଦାନ କରିଥିଲେ। ପ୍ରକାଶିତ ଭୋଟର ତାଲିକା ଅନୁଯାୟୀ,୭୯- ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ମୋଟ ୨ଲକ୍ଷ ୬୩ ହଜାର ୪୯ ଜଣ ଭୋଟର ଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ବୁଥ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ଯାଇ କରାଯାଇଥିବା ଯାଞ୍ଚ ରେ ୨ଲକ୍ଷ ୪୭ ହଜାର ୪୬୭ ଜଣ ଭୋଟରଙ୍କୁ ସଫଳତାର ସହ ଚିହ୍ନଟ କରାଯାଇଛି। ଏହି ଯାଞ୍ଚ ସମୟରେ ୮ହଜାର ୪୭୯ ମୃତ,୫ ହଜାର ୩୧୮ ଜଣ ସ୍ଥାୟୀ ଭାବେ ସ୍ଥାନାନ୍ତରିତ,୬୨୪ ଜଣ ଅନ୍ୟତ୍ର ପଞ୍ଜିକୃତ,୯୮୩ ଜଣ ଅନୁପସ୍ଥିତ ଓ ୯୮ ଜଣ ଅନ୍ୟାନ୍ୟ ବୈଧ କାରଣରୁ ଏପରି ମୋଟ ୧୫ ହଜାର ୫୮୨ ଜଣ ଭୋଟର ତାଲିକାରୁ ବାଦ ପାଇଁ ଚିହ୍ନଟ ହୋଇଥିବା ଉପଜିଲ୍ଲାପାଳ ସୁଚନା ପ୍ରଦାନ କରିଥିଲେ। ଏହା ବ୍ୟତୀତ, ଭୋଟ ଗ୍ରହଣ କେନ୍ଦ୍ର ଗୁଡ଼ିକର ଯୁକ୍ତି ସଙ୍ଗତ ପରିବର୍ତ୍ତନ କରାଯାଇ ପୂର୍ବରୁ ଥିବା ୨୯୪ ଟି ବୁଥ ସହ ଅତିରିକ୍ତ ୬୭ ଗୋଟି ନୂତନ ବୁଥ ସୃଷ୍ଟି କରାଯାଇ ଥିବାରୁ ୭୯- ଧର୍ମଗଡ଼ ବିଧାନସଭା ନ୍ବିଚନ ମଣ୍ଡଳୀରେ ମୋଟ ୩୬୧ ଗୋଟି ଭୋଟ ଗ୍ରହଣ କେନ୍ଦ୍ର ରହିଛି। ଯାଞ୍ଚ ହୋଇଥିବା ଭୋଟର, ବାଦ୍ ପାଇଥିବା ଭୋଟର, ଏବଂ ବ୍ଲକ ଭିତ୍ତିକ ଓ ବର୍ଗ ଭିତ୍ତିକର ସମ୍ପୂର୍ଣ୍ଣ ବିବରଣୀ ମଧ୍ୟ ସଂଲଗ୍ନ କରାଯାଇଛି। ଏହି ଖସଡ଼ା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି କରାଯିବାର ସମୟ ସୀମା ଆସନ୍ତା ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ରହିଛି। ଦାବୀ ଓ ଆପତ୍ତି ସମ୍ବନ୍ଧୀୟ ନୋଟିସ ଜାରୀ ଏବଂ ଶୁଣାଣି କାର୍ଯ୍ୟ ୫.୭.୨୦୨୬ ଠାରୁ ୨.୯.୨୦୨୬ ପର୍ଯ୍ୟନ୍ତ କରାଯିବ। ସମସ୍ତ ଦାବି ଓ ଆପତ୍ତିର ସମାଧାନ ପରେ ଆସନ୍ତା ସେପ୍ଟେମ୍ବର ୬ ତାରିଖ ୨୦୨୬ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ସମସ୍ତ ରାଜନୈତିକ ଦଳ, ବୁଥ ସ୍ତରୀୟ ଏଜେଣ୍ଟ, ଭୋଟର ଏବଂ ସାଧାରଣ ଜନ ସାଧାରଣ ପ୍ରକାଶିତ ଭୋଟର ତାଲିକାକୁ ଯାଞ୍ଚ କରି ଆବଶ୍ୟକ ସ୍ଥଳେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାବି କିମ୍ବା ଆପତ୍ତି ଦାଖଲ କରନ୍ତୁ ବୋଲି ଉପଜିଲ୍ଲାପାଳ ଅନୁରୋଧ କରିଥିଲେ।

# ନିମ୍ନମାନର କାର୍ଯ୍ୟ ଯୋଗୁଁ ଭୁଶୁଡ଼ିଲା ଜଳସମ୍ପଦ ବିଭାଗର ରାସ୍ତା
### ■ଭିଜିଲାନ୍ସ ତଦନ୍ତ ଦାବି କଲେ ଅଞ୍ଚଳବାସୀ ■ ଠିକାଦାରଙ୍କ ନାମରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ବିଲ !

ପିପିଲି,୬।୭ (ନିପ୍ର): ବଳଙ୍ଗା - ପାର୍ବତୀପୁର ସିବିକେ ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇ ଥିବା ନେଇ ଉକ୍ତ ରାସ୍ତା ଭୁଶୁଡି ପଡି ଥିବା ବେଳେ ଅନ୍ୟ ସ୍ଥାନଗୁଡ଼ିକରେ ବିରାଟ ବିରାଟ କାୟ ଫାଟ ହୋଇ ଆଁ କରି ଚାହିଁ ବସି ଅଛି। ଏହି ରାସ୍ତା ସମ୍ପ୍ରସାରଣ ଚାଲି ଥିବା ବେଳେ ବିଭାଗ ତରଫରୁ ଏଷ୍ଟିମେଣ୍ଟ କଷ୍ଟ୫ କୋଟି ଥିବା ବେଳେ ଏଗ୍ରିମେଣ୍ଟ କଷ୍ଟ ୪ କୋଟି ୨୦ ଲକ୍ଷ ରହି ଥିବା ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସୁଚନା ଦେଇ ଛନ୍ତି। ଉକ୍ତ ରାସ୍ତା ଚଉଡା କରାଯିବା ନିମନ୍ତେ ମାଟି କାର୍ଯ୍ୟ ଥିବା ବେଳେ ନିଯୁକ୍ତି ଥିବା ଏଜେନ୍ସି ଏବଂ କନିଷ୍ଠ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ପଙ୍କୁଆ ମାଟି ପକାଇ ଥିବା ସାଧାରଣରେ ଅଭିଯୋଗ ହେଉଛି। ସେହି ପଙ୍କୁଆ ମାଟି ଉପରେ ଭାଇବେଟର ରୋଲର ଚଲା ଯାଇ ନଥିବା ବେଳେ ତାହାରି ଉପରେ ଲୋକ ଦେଖାଣିଆ ଏକ ଇଞ୍ଚିର ଡ୍ରଷ୍ଟ ପାଉଡର ପକାଇ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରି ଛନ୍ତି। ସେହି ଡ୍ରଷ୍ଟ ଗୁଣ୍ଡ ପକା ଯାଇ ଥିବା ରାସ୍ତା ସାମାନ୍ୟ ଲଘୁଚାପ ଜନିତ ବର୍ଷାରେ ଭୁଶୁଡି ପଡିବା ସହିତ ଅନେକ ସ୍ଥାନରେ ବିରାଟ କାୟ ଫାଟ ସୃଷ୍ଟି ହୋଇଛି। ଏସବୁ ନିମ୍ନ ମାନର କାର୍ଯ୍ୟ ହେଉ ଥିବା ବେଳେ ନିଯୁକ୍ତି ଥିବା କନିଷ୍ଠ ଯନ୍ତ୍ରୀ ଠିକାଦାର ପ୍ରୀତି ଦେଖାଇ ସରକାରୀ ଅର୍ଥକୁ ଠାକୁରଙ୍କ ପ୍ରସାଦ ଭାବି ଠିକାଦାର ନାମରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ବିଲ କୌଶଳ କ୍ରମେ କରି ଥିବା ନେଜେ ସ୍ୱୀକାର କରି ଅଛନ୍ତି।

ଏହି କାର୍ଯ୍ୟ ଅଧାରୁ ଅଧିକ ହୋଇ ନଥିବା ବେଳେ ଜୈନିକ କନିଷ୍ଠ ଯନ୍ତ୍ରୀ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭୁଆଁ ବୁଲାଇ ଠିକାଦାର ନାମରେ କିଭଳି ରନିଙ୍ଗ ବିଲ ପାସ କରାଇଲେ ତାହାକୁ ନେଇ ଅଞ୍ଚଳବାସୀ ବିଭାଗକୁ ଅଙ୍ଗୁଳି ନିର୍ଦ୍ଦେଶ କଲାଣି। ତେଣୁ ଏଦିଗରେ ଏକ ତଦନ୍ତ କାରି ସଂସ୍ଥା ଦ୍ୱାରା କିମ୍ବା ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଏବଂ ଅତିରିକ୍ତ



ମୁଖ୍ୟ ଯନ୍ତ୍ରୀ ତଦନ୍ତ କରିବାକୁ ଦାବି ହେଉଛି। ସେହିଭଳି କନିଷ୍ଠ ଯନ୍ତ୍ରୀଙ୍କ ଅଧୀନରେ କରାଯାଉ ଥିବା ବିଭିନ୍ନ ଟେଣ୍ଡର କାର୍ଯ୍ୟ ଗୁଡିକ ନିମ୍ନମାନର କରାଯିବା ସହିତ ବ୍ୟାପକ ସରକାରୀ ଅର୍ଥ ହଡପ କରାଯାଉ ଥିବା ଭଳି ସଂଗୀନ ଅଭିଯୋଗ ହେଉଛି। ତେଣୁ ନିଯୁକ୍ତି ଥିବା ଯନ୍ତ୍ରୀଙ୍କୁ ବଳଙ୍ଗା ଅଞ୍ଚଳରୁ ଯଥାଶୀଘ୍ର ଅନ୍ୟ ଜିଲ୍ଲାକୁ ବଦଳି କରା ଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଯଦି ଅନ୍ୟ ଜିଲ୍ଲାକୁ ବଦଳି କରା ନଯାଏ ତେବେ ଆଗାମୀ ବନ୍ୟା ସମୟରେ ଏକ ବଡ଼ ଧରଣର ଆନ୍ଦୋଳନ ବଳଙ୍ଗା ଉପଖଣ୍ଡ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ମଥା ଟେକିବ ବୋଲି ବୁଦ୍ଧିଜୀବୀ ଏବଂ ଜନସାଧାରଣ ମାନେ ସୁଚନା ଦେଇଛନ୍ତି।

# ଇଣ୍ଡୋନେସିଆରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭବ୍ୟ ସ୍ୱାଗତ

ଜାକର୍ତ୍ତା,୬।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜିଠାରୁ ତାଙ୍କ ୩ ରାଷ୍ଟ୍ର ଗସ୍ତ ଆରମ୍ଭ କରିଛନ୍ତି। ଗସ୍ତର ପ୍ରଥମ ଦିନରେ ମୋଦି ଇଣ୍ଡୋନେସିଆ ପହଞ୍ଚିଛନ୍ତି। ଜାକର୍ତାରେ ପହଞ୍ଚିବାପରେ ମୋଦିଙ୍କୁ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋବୋ ସୁବିୟାନ୍ତୋ ଓ ଅନ୍ୟ ୪ ମନ୍ତ୍ରୀ ସ୍ୱାଗତ କରିଥିଲେ। ଅନ୍ୟପକ୍ଷେ ମୋଦିଙ୍କ ସ୍ୱତନ୍ତ୍ର ବିମାନ ଆଜି ଇଣ୍ଡୋନେସିଆ ବାୟୁସୀମାରେ ପ୍ରବେଶ କରିବାପରେ ଏହାକୁ ଏଫ୍-୧୬ ଓ ଏସ୍ୟୁ-୩୦ ଯୁଦ୍ଧ ବିମାନ ସ୍ୱତନ୍ତ୍ର ସୁରକ୍ଷା ମାଧ୍ୟମରେ ସ୍ୱାଗତ କରି ପାଛୋଟି ନେଇଥିଲେ। ଏହି ଗସ୍ତ ଅବସରରେ ମୋଦି ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିବେ। ମୋଦି ମଧ୍ୟ ଇଣ୍ଡୋନେସିଆରେ ପହଞ୍ଚିବା ନେଇ ଏକ୍ସରେ



ଏକ ପୋଷ୍ଟ୍ କରିଛନ୍ତି। ମୋଦି କହିଛନ୍ତି, ଜାକର୍ତାରେ ପହଞ୍ଚିଲି। ରାଷ୍ଟ୍ରପତି ପ୍ରବୋବୋ ସୁବିୟାନ୍ତୋ ଯେଉଁଭଳି ମୋତେ ବିମାନବନ୍ଦରରେ ସ୍ୱାଗତ କଲେ ତାହା ମୋତେ ଅଭିଭୂତ କରିଛି। ୨୦୧୮ରେ ଆମେ ଆମ ସମ୍ପର୍କକୁ ଏକ ବିସ୍ତୃତ ରଣନୈତିକ ସହଭାଗିତାକୁ ବୃଦ୍ଧି କରିଥିଲୁ। ଏହା ଆମ ଲୋକଙ୍କୁ ଉପକୃତ କରିଛି। ଏହି ଗସ୍ତ ଅବସରରେ ଆମେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ଆଲୋଚନା କରିବୁ ବୋଲି ମୋଦି କହିଛନ୍ତି। ଇଣ୍ଡୋନେସିଆରେ ମୋଦୀ ଜୁଲାଇ ୬ରୁ ୮ ପର୍ଯ୍ୟନ୍ତ ରହିବେ। ରାଷ୍ଟ୍ରପତି ପ୍ରବୋବୋଙ୍କ ନିମନ୍ତ୍ରଣ କ୍ରମେ ସେ ଇଣ୍ଡୋନେସିଆ ଗସ୍ତ କରିଛନ୍ତି। ତେବେ ଇଣ୍ଡୋନେସିଆକୁ ଏହା ମୋଦିଙ୍କର ଚତୁର୍ଥ ଗସ୍ତ। ଏହାପରେ ମୋଦି ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତ କରିବେ। ଜୁଲାଇ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ମୋଦି ଅଷ୍ଟ୍ରେଲିଆ ଗସ୍ତ କରିବେ। ଏହି ଗସ୍ତ ଅବସରରେ ସେ ତାଙ୍କ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଆନଥ୍ଲାନି ଆଲବାନିଜଙ୍କୁ ଭେଟିବେ। ଉଭୟ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ କଥାବାର୍ତ୍ତା ହେବ।

## ପ୍ରଶାନ୍ତ ମହାସାଗରରେ ବୁଡ଼ାଜାହାଜରୁ ସଫଳତାର ସହ କ୍ଷେପଣାସ୍ତ୍ର ପରୀକ୍ଷଣ କଲା ଚୀନ୍



ବେଜିଂ,୬।୭: ପ୍ରଶାନ୍ତ ମହାସାଗରରେ ଏକ ପରମାଣୁ ବୁଡ଼ାଜାହାଜରୁ ସଫଳତାର ସହ ଚୀନ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। ଏହାର କିଛି ଘଣ୍ଟା ପରେ ଚୀନ୍ ସୂଚନା ପ୍ରଦାନ କରିଛି। ଡମି ୱାରହେଡ୍ ବହନ କରିଥିବା କ୍ଷେପଣାସ୍ତ୍ର ସଫଳତାର ସହିତ ଲକ୍ଷ୍ୟଭେଦ କରିଥିବା ଚୀନ୍ ପିପୁଲ୍ସ ଲିବରେସନ୍ ଆର୍ମି(ପିଏଲଏ)ର ନୌସେନାର ଏକ ବିବୃତି ଆଧାରରେ ସରକାରୀ ଗଣମାଧ୍ୟମ ଜିନହୁଆ ନ୍ୟୁଜ୍ ରିପୋର୍ଟ କରିଛି। ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ଚୀନ୍ ପକ୍ଷରୁ ଆୟୋଜିତ ଏକ ନିୟମିତ ବାର୍ଷିକ ସାମରିକ ତାଲିମ ଅଭ୍ୟାସ କାର୍ଯ୍ୟକ୍ରମ ଅନ୍ତର୍ଗତ ହୋଇଛି। ଏହି ପରୀକ୍ଷଣ ଅନ୍ତର୍ଜାତୀୟ ଆଇନ ଏବଂ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଅଭ୍ୟାସ ଅନ୍ତର୍ଗତ କରାଯାଇଛି। ଏଥିରେ କୌଣସି ନିର୍ଦ୍ଦିଷ୍ଟ ଦେଶ କିମ୍ବା ଲକ୍ଷ୍ୟସ୍ଥଳକୁ ଟାର୍ଗେଟ୍ କରାଯାଇ ନାହିଁ ବୋଲି ଜିନହୁଆର ରିପୋର୍ଟରେ କୁହାଯାଇଛି। ସ୍ଥାନୀୟ ସମୟ ମଧ୍ୟାହ୍ନ ପ୍ରାୟ ୧୨.୦୧ ସମୟରେ (୦୪୦୧ଜିଏମଟି) କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଥିଲା। ସେପ୍ଟେମ୍ବର ୨୦୨୪ ରେ ପ୍ରଶାନ୍ତ ମହାସାଗରରେ ଏକ ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଆଇସିବିଏମ) ପରୀକ୍ଷା କରିବା ପରେ ଏହା ହେଉଛି ଚୀନର ଦ୍ୱିତୀୟ ରଣନୈତିକ କ୍ଷେପଣାସ୍ତ୍ର ପରୀକ୍ଷଣ। ବେଜିଂ ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ ଏବଂ ଜାପାନର ଗଣମାଧ୍ୟମ ରିପୋର୍ଟକୁ ନିଶ୍ଚିତ କରି କହିଛନ୍ତି ଯେ, ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ପରମାଣୁ କ୍ଷମତାସମ୍ପନ୍ନ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷା ହେବା ପୂର୍ବରୁ ସମ୍ପୃକ୍ତ ଦେଶର ସରକାରଙ୍କୁ ଚୀନ୍ ସୂଚିତ କରିଥିଲା। ଅଷ୍ଟ୍ରେଲିୟ ବ୍ରଡକାଷ୍ଟିଂ କର୍ପୋରେସନ ଅନୁଯାୟୀ, ସାମୁଦ୍ରିକ ଗୁଇନ୍ଦା କମ୍ପାନି ଷ୍ଟାରବୋର୍ଡ ଦ୍ୱାରା ପ୍ରକାଶିତ ଚିତ୍ର ଦର୍ଶାଉଛି ଯେ,ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଚୀନର ଦୁଇଟି ସାଟେଲାଇଟ୍ ଜାହାଜକୁ ଟ୍ରାକିଂ କରାଯାଇଛି। ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରକ୍ଷେପଣ ଉପରେ ନଜର ରଖିବା ପାଇଁ ଜାହାଜ ଦୁଇଟି ସେଠାରେ ରହିଛନ୍ତି।

## ଫ୍ରାନ୍ସ ସଂଗ୍ରହାଳୟରୁ ୪୦ କୋଟିର ଅଳଙ୍କାର ଲୁଟି ନେଲେ ଚୋର

ପ୍ୟାରିସ,୬।୭: ଫ୍ରାନ୍ସର ଲାଲିକ୍ ସଂଗ୍ରହାଳୟରେ ଚୋରମାନେ ଏକ ବଡ଼ ଧରଣର ଡକାୟତି କରିଛନ୍ତି। ଉଚ୍ଚ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ, ଚୋରମାନେ ସଂଗ୍ରହାଳୟରୁ ପ୍ରାୟ ୨୦ ଅଳଙ୍କାର ଚୋରି କରି ନେଇଛନ୍ତି। ଚୋରି ହୋଇଥିବା ଅଳଙ୍କାରର ମୂଲ୍ୟ ପ୍ରାୟ ୪୦ ଲକ୍ଷ ୟୁରୋ (ପ୍ରାୟ ୪୦ କୋଟି ଟଙ୍କା) ହେବ ବୋଲି ଆକଳନ କରାଯାଉଛି। ରବିବାର ସ୍ଥାନୀୟ ସମୟ ପ୍ରାୟ ସକାଳ ସାଢ଼େ ୫ଟା ସମୟରେ ଉତ୍ତର-ପୂର୍ବ ଫ୍ରାନ୍ସର ୱିଙ୍ଗେନ-ସୁର-ମୋଡରରେ ଥିବା ପ୍ରସିଦ୍ଧ ଲାଲିକ୍ ସଂଗ୍ରହାଳୟରେ ମୁଖା ପିନ୍ଧା ଚୋରମାନେ ପ୍ରବେଶ କରି କବାଟ ଭାଙ୍ଗି ଅଳଙ୍କାର ରୁମକୁ ଯାଇଥିଲେ। ଚୋରମାନେ ପ୍ରାୟ ୨୦ଟି ସ୍ଫଟିକ ଅଳଙ୍କାର ନେଇ ଯାଇଛନ୍ତି। ଚୋରମାନଙ୍କୁ ଧରିବା ପାଇଁ ତଦନ୍ତ ଚାଲିଛି। ଚୋରି ପରେ ସଂଗ୍ରହାଳୟ କିଛି ଦିନ ପାଇଁ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି। ଆଲାରାମ ବାଜିବା ପରେ ସୁରକ୍ଷା କମ୍ପାନି ତଦନ୍ତ କରିଥିଲା। ଜଣେ ମହିଳା ସଫେଇ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ପୁଲିସକୁ ସୂଚନା ଦେଇଥିଲେ। କିନ୍ତୁ ଆଲାରାମ ସତ୍ତ୍ୱେ ପୁଲିସ ପହଞ୍ଚିବା ପୂର୍ବରୁ ଚୋରମାନେ ଖସିଯିବାରେ ସଫଳ ହୋଇଥିଲେ। ୨୦୧୧ ମସିହାରେ ଖୋଲିଥିବା ଲାଲିକ୍ ସଂଗ୍ରହାଳୟଟି ପ୍ରସିଦ୍ଧ ଫରାସୀ ଅଳଙ୍କାର ଏବଂ କାଚ ଶିଳ୍ପୀ ରେନେ ଲାଲିକ୍ ଏବଂ ତାଙ୍କ ଉତ୍ତରାଧିକାରୀଙ୍କ କାର୍ଯ୍ୟ ପାଇଁ ଉତ୍ସର୍ଗୀକୃତ। ସଂଗ୍ରହାଳୟରେ ଆର୍ଟ ନୁଭାଉ, ଆର୍ଟ ଡେକୋ ଏବଂ ଆଧୁନିକ ସ୍ଫଟିକ କଳାର ୬୫୦ ରୁ ଅଧିକ କଳାକୃତି ପ୍ରଦର୍ଶିତ ହୋଇଛି।

## ଭଛି ଆତଙ୍କୀ ମଡ୍ୟୁଲର ୬ ସନ୍ଦିଗ୍ଧଙ୍କୁ ଧରିଲା ଦିଲ୍ଲୀ ପୁଲିସ




ନୂଆଦିଲ୍ଲୀ,୬।୭: ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ପାକିସ୍ତାନର ଆଇଏସ୍ଆଇର ଏଜେଣ୍ଟ ଶହଜାଦ୍ ଭଛି ନେଟୱର୍କର ଦୁଇଟି ପୃଥକ୍ ପୃଥକ୍ ମଡ୍ୟୁଲର ପର୍ଦ୍ଦାଫାସ କରି ୬ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଛି। ଗୋଟିଏ ଗୋଷ୍ଠୀ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡ଼ିତ ଥିବାବେଳେ ଅନ୍ୟଟି ଅବୈଧ ଅସ୍ତ୍ରଶସ୍ତ୍ର ତସ୍କରୀ ମାମଲାରେ ସାମିଲ ଥିଲା। ଦିଲ୍ଲୀ ପୁଲିସ ଏକ ବଡ଼ ଅପରେସନ ପରେ ଏହି ସଫଳତା ପାଇଥିଲା ଓ ଦିଲ୍ଲୀ ଏବଂ ପଞ୍ଜାବରୁ ୬ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ଏମାନେ ଦୁଇଟି ପୃଥକ୍ ନେଟୱର୍କରେ କାମ କରୁଥିଲେ। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଅନେକ ପିସ୍ତଲ ଓ ପେଟ୍ରୋଲ ବୋମା ଜବତ କରିଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ନେଟୱର୍କ ସଙ୍ଗଠିତ ଭାବେ କାମ କରୁଥିଲେ। ଅଭିଯୁକ୍ତମାନଙ୍କର ବିଭିନ୍ନ ରାଜ୍ୟରେ ନେଟୱର୍କ ରହିଥିବା ଦିଲ୍ଲୀ ପୁଲିସ କହିଛି। ସୂଚନାଯୋଗ୍ୟ, ଏହାପୂର୍ବରୁ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ସମର୍ଥିତ ଆତଙ୍କବାଦୀ ଓ ଅସ୍ତ୍ରଶସ୍ତ୍ର ନେଟୱର୍କର ପର୍ଦ୍ଦାଫାସ କରି ୪ ଜଣଙ୍କୁ ଗିରଫ କରିଥିଲେ। ଏମାନଙ୍କ ମଧ୍ୟରୁ ୩ ଜଣଙ୍କୁ ପଞ୍ଜାବ ଓ ଜଣଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଥିଲା। ସନ୍ଦିଗ୍ଧମାନଙ୍କୁ ଆଇଏସ୍ଆଇ ପକ୍ଷରୁ ଦିଲ୍ଲୀରେ ବିଭିନ୍ନ ଧାର୍ମିକ ସ୍ଥଳ ଓ ପୁଲିସ ପ୍ରତିଷ୍ଠାନ ବୁଲି ତଥ୍ୟ ସଂଗ୍ରହ କରିବାକୁ ଦାୟିତ୍ୱ ଦିଆଯାଇଥିଲା।

## ଚିନାବ୍ ନଦୀରେ ଭୟଙ୍କର ବନ୍ୟା

ନୂଆଦିଲ୍ଲୀ,୬।୭: ପାକିସ୍ତାନ ସୀମାପାର ଆତଙ୍କବାଦ ନୀତି ନ ଛାଡ଼ିବା ଯାଏ, ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରହିବ ବୋଲି ଭାରତ ନିକଟରେ ନିଜର ସଂକଳ୍ପ ଦୋହରାଇଥିଲା । ସେତେବେଳେ ଶୁଖିଲା ମରୁଡ଼ି ଯୋଗୁଁ ପାକିସ୍ତାନର ପାଣି ପାଇଁ ତହଲବିକଳ ହେଉଥିଲା । କିନ୍ତୁ, ମାତ୍ର ଦୁଇ-ତିନି ଦିନ ଭିତରେ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି । ଜାମ୍ମୁ-କାଶ୍ମୀରରେ ପ୍ରବଳ ବର୍ଷା ଯୋଗୁଁ ଭାରତକୁ ବଗଲିହାର ଡ୍ୟାମରୁ ହଠାତ୍ ପାଣି ଛାଡ଼ିବାକୁ ପଡ଼ିଛି । ଏଭଳି ପରିସ୍ଥିତିରେ ଏବେ ପାକିସ୍ତାନ ବୁଡ଼ିବାକୁ ଯାଉଛି। ଜମ୍ମୁ-କାଶ୍ମୀରର ରାମବନ୍ ଜିଲ୍ଲାରେ ପ୍ରଶାସନ ସୋମବାର ବଗଲିହାର ଡ୍ୟାମର ୩ଟି ଗେଟ୍ ଖୋଲି ପାଣି ଛାଡ଼ିଛି ।

## ରାମ ମନ୍ଦିର ଦାନ ଚୋରି ମାମଲା
# ଚମ୍ପତ ରାୟ ଏବଂ ଅନିଲ ମିଶ୍ରାଙ୍କ ଇସ୍ତଫା ଗୃହୀତ

ଅଯୋଧ୍ୟା,୬।୭ : ଅଯୋଧ୍ୟା ରାମ ମନ୍ଦିର ଟ୍ରଷ୍ଟର ମହାସଚିବ ଚମ୍ପତ ରାୟଙ୍କ ଇସ୍ତଫା ଗୃହୀତ ହୋଇଛି। ଦାନ ଚୋରି ଘଟଣା ସାମ୍ନାକୁ ଆସିବା ପରେ ଚମ୍ପତ ରାୟ ରାମ ମନ୍ଦିର ଟ୍ରଷ୍ଟର ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଥିଲେ । ତାଙ୍କ ଇସ୍ତଫା ଏବେ ଆନୁଷ୍ଠାନିକ ଭାବେ ଗ୍ରହଣ କରାଯାଇଛି । ଏହାସହିତ ଅନିଲ ମିଶ୍ରାଙ୍କ ଇସ୍ତଫା ଗ୍ରହଣ କରାଯାଇଛି । ଶ୍ରୀ ରାମ ଜନ୍ମଭୂମି ଟ୍ରଷ୍ଟର ବୈଠକ ମଣି ରାମଦାସ ଛାଉଣୀରେ ହେବାର ଥିଲା । କିନ୍ତୁ ସୁରକ୍ଷା କାରଣରୁ ବୈଠକ ସ୍ଥାନ ବଦଳା ଯାଇଥିଲା । ଏବେ ଏହା ରାମ ମନ୍ଦିର ପରିସରରେ ହେଉଛି । ବୈଠକରେ ଚମ୍ପତ ରାୟ (ମହାସଚିବ) ଓ ଅନିଲ ମିଶ୍ର (ଟ୍ରଷ୍ଟି)ଙ୍କ ଇସ୍ତଫା ଗୃହୀତ ହୋଇଛି। ମହନ୍ତ ନୃତ୍ୟଗୋପାଳ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ବୈଠକରେ କୋଷାଧ୍ୟକ୍ଷ ସ୍ୱାମୀ ଗୋବିନ୍ଦ ଦେବ ଗିରି ମିଟିଂର ଏଜେଣ୍ଡା ରଖିଛନ୍ତି । ଟ୍ରଷ୍ଟରେ ମୋଟ ୧୫ ଜଣ ସଦସ୍ୟ ଅଛନ୍ତି । ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟରୁ ଇସ୍ତଫା ଦେଇଥିବାରୁ ଚମ୍ପତ ରାୟ ଓ ଅନିଲ ମିଶ୍ର ବୈଠକକୁ ଆସି ନାହାନ୍ତି । ଅଯୋଧ୍ୟା ରାମ ମନ୍ଦିରରେ ଦାନରାଶି ଚୋରି ମାମଲାରେ ଚମ୍ପତ ରାୟ ଏବଂ ଅନିଲ ମିଶ୍ରା ଇସ୍ତଫା ଦେଇଥିଲେ ।

### କୃଷ୍ଣ ମୋହନ ହେଲେ ଟ୍ରଷ୍ଟର ଅନ୍ତରୀଣ ମହାସଚିବ

ଅଯୋଧ୍ୟା,୬।୭: ପ୍ରସିଦ୍ଧ ରାମ ମନ୍ଦିର ଦାନ ଚୋରି ମାମଲାରେ ସୋମବାର ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦାନ ଚୋରିକୁ ନେଇ ପୂର୍ବରୁ ଟ୍ରଷ୍ଟର ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇସାରିଥିବା ଚମ୍ପତ ରାୟ ଓ ଅନିଲ ମିଶ୍ରଙ୍କ ଇସ୍ତଫାକୁ ଟ୍ରଷ୍ଟ ମଞ୍ଜୁର କରିଛି। ଟ୍ରଷ୍ଟ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଚମ୍ପତ ରାୟଙ୍କ ସ୍ଥାନରେ କୃଷ୍ଣ ମୋହନଙ୍କୁ ଏବେ ଅନ୍ତରୀଣ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି। ତେବେ ଟ୍ରଷ୍ଟ କହିଛି ଯେ ଏସଆଇଟି ଯାଞ୍ଚ ରିପୋର୍ଟ ଆସିବା ପର୍ଯ୍ୟନ୍ତ କୃଷ୍ଣ ମୋହନ ଏହି ଦାୟିତ୍ୱ ତୁଲାଇବେ।

## ଲଣ୍ଡନ ରାଜରାସ୍ତାରେ ପିଓକେର ସ୍ୱାଧୀନତା ଦାବି ନେଇ ସ୍ଲୋଗାନ




ଲଣ୍ଡନ,୬।୭: ବ୍ରିଟେନର ରାଜଧାନୀ ଲଣ୍ଡନର ରାଜରାସ୍ତା ସୋମବାର ଦିନ ପାକିସ୍ତାନ ବିରୋଧୀ ସ୍ଲୋଗାନରେ ପ୍ରକମ୍ପିତ ହୋଇ ଉଠିଛି। ଏଠାରେ ରହୁଥିବା ହଜାର ହଜାର କାଶ୍ମୀରୀ 'ଲଣ୍ଡନ କାଶ୍ମୀର ମିଲିୟନ୍ ମାର୍ଚ୍ଚ' ମାଧ୍ୟମରେ ପାକିସ୍ତାନ ଅଧିକୃତ ଜାମ୍ମୁ ଏବଂ କାଶ୍ମୀର (ପିଓଜେକେ)ରେ କରାଯାଉଥିବା ମାନବାଧିକାର ଉଲ୍ଲଂଘନ ଏବଂ ଦମନମୂଳକ ନୀତି ବିରୋଧରେ ସେମାନଙ୍କର କଡ଼ା ପ୍ରତିବାଦ ଜଣାଇଛନ୍ତି। ଏହି ବିଶାଳ ଶୋଭାଯାତ୍ରା ପାର୍ଲାମେଣ୍ଟ ସ୍କୋୟାରରୁ ଆରମ୍ଭ ହୋଇ ଲଣ୍ଡନରେ ଥିବା ପାକିସ୍ତାନୀ ହାଇକମିସନରେ ଶେଷ ହୋଇଥିଲା । ପ୍ରଦର୍ଶନକାରୀମାନେ ସ୍ୱାଧୀନତା ପାଇଁ ସ୍ଲୋଗାନ ଦେବା ସହ ପିଓକେରେ ରାଜନୈତିକ କର୍ମୀଙ୍କ ଗିରଫଦାରୀ ଏବଂ ସ୍ଥାନୀୟ ଜନତାଙ୍କ ଉପରେ ସାମରିକ ବାହିନୀର ଅତ୍ୟାଚାରକୁ ନେଇ ପାକିସ୍ତାନୀ ସରକାରଙ୍କୁ ଅନ୍ତର୍ଜାତୀୟସ୍ତରରେ ନିନ୍ଦା କରିଛନ୍ତି। ଜାମ୍ମୁ ଏବଂ କାଶ୍ମୀର ନ୍ୟାସନାଲ ଇଣ୍ଡିପେଣ୍ଡେନ୍ସ ଆଲାଏନ୍ସ (ଜେକେଏନଆଇଏ)ର ଅଧ୍ୟକ୍ଷ ମହମୁଦ କାଶ୍ମୀରୀ ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ ଏବଂ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି। ପାକିସ୍ତାନୀ ହାଇକମିସନ ବାହାରେ ସମବେତ ହଜାର ହଜାର ଲୋକଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ଆଜି ସାରା ବିଶ୍ୱରେ କାଶ୍ମୀରୀମାନେ ପାକିସ୍ତାନୀ ସେନା ବିରୋଧରେ ଏକଜୁଟ ହୋଇଛନ୍ତି। ଆମେ ଆମର ଅଧିକାର ହାସଲ ନ କରିବା ପର୍ଯ୍ୟନ୍ତ ଅତ୍ୟାଚାର ଏବଂ ଅନ୍ୟାୟ ବିରୋଧରେ ଆମର ସଂଘର୍ଷ ଜାରି ରଖିବୁ। ଆମେ କୌଣସି ପରିସ୍ଥିତିରେ ପାକିସ୍ତାନ ସରକାରଙ୍କ ଅନ୍ୟାୟ ଆଗରେ ମୁଣ୍ଡ ନୁଆଁଇବୁ ନାହିଁ। ବିକ୍ଷୋଭକାରୀମାନେ ମିଳିତ ଆୱାମୀ କାର୍ଯ୍ୟ କମିଟି (ଜେଏଏସି)ର ମୁଖ୍ୟ ଶୌକତ ନୱାଜ ମୀର୍ ଏବଂ ଅନ୍ୟ କାଶ୍ମୀର ନେତାମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଥିଲେ।

## ପହଲଗାମ୍ ଆତଙ୍କବାଦୀ ଆକ୍ରମଣ
## ହାଫିଜ୍ ସୟିଦ୍ ବି ଅଭିଯୁକ୍ତ, ଚାର୍ଜସିଟ୍‌ରେ ନାଁ ଯୋଡ଼ିଲା ଏନଆଇଏ

ନୂଆଦିଲ୍ଲୀ,୬।୭: ଜାମ୍ମୁ-କାଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ମାମଲାରେ ଲସ୍କର-ଏ-ତୋଇବା ମୁଖ୍ୟ ହାଫିଜ୍ ସୟିଦକୁ ଅଭିଯୁକ୍ତ କରାଯାଇଛି । ଜାତୀୟ ତଦନ୍ତକାରୀ ସଂସ୍ଥା ସୋମବାର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ମାମଲାରେ ଏକ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରିଛି। ଏଥିରେ ପାକିସ୍ତାନରେ ରହୁଥିବା ଆତଙ୍କବାଦୀ ହାଫିଜ୍ ସୟିଦକୁ ଅଭିଯୁକ୍ତ ଭାବେ ଦର୍ଶାଯାଇଛି । ଜାମ୍ମୁ ସ୍ଥିତ ସ୍ୱତନ୍ତ୍ର ଅଦାଲତରେ ଏନଆଇଏ ଏହି ଚାର୍ଜସିଟ୍ ଦାଖଲ କରିଛି । ହାଫିଜ୍ ସୟିଦ୍ ଏହି ଆକ୍ରମଣରେ ବ୍ୟକ୍ତିଗତ ଭାବେ ସାମିଲ ଥିବା ଅଭିଯୋଗ ହୋଇଛି । ଏହା ବ୍ୟତୀତ ପ୍ରତିବନ୍ଧିତ ସଂଗଠନ ଲସ୍କର-ଏ-ତୋଇବା ଏବଂ ତାର ସହଯୋଗୀ ସଂଗଠନ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' ମଧ୍ୟ ଏହି ଆକ୍ରମଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ହାଫିଜ୍ ସୟିଦ୍ ବିରୋଧରେ ଭାରତୀୟ ନ୍ୟାୟ ସଂହିତା, ୨୦୨୩ ଏବଂ ୟୁଏପିଏ ୧୯୬୭ର ବିଭିନ୍ନ ଧାରା ଅଧୀନରେ ମାମଲା ରୁଜୁ କରାଯାଇଛି ।

## ଆତଙ୍କୀ ଆକ୍ରମଣରେ ଆସାମ ରାଇଫଲ୍ସର ୨ ଯବାନ ସହିଦ

ଇମ୍ଫାଲ,୬।୭: ମଣିପୁରର ଉଖରୁଲ ଜିଲ୍ଲାରେ ସନ୍ଦିଗ୍ଧ ଆତଙ୍କବାଦୀ ଆକ୍ରମଣରେ ଆସାମ ରାଇଫଲ୍ସର ଦୁଇଜଣ ଯବାନସହିଦ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ନୁଙ୍ଗସାଙ୍ଗ କଙ୍ଗ୍ ଅଞ୍ଚଳରେ ସୋମବାର ଅପରାହ୍ଣ ୧ଟା ୩୦ ମିନିଟ୍ ସମୟରେ ୪୦ ଆସାମ ରାଇଫଲ୍ସର ଯବାନଙ୍କ ଏକ ଦଳ ଉପରେ ସନ୍ଦିଗ୍ଧ ଆତଙ୍କବାଦୀମାନେ ଆକ୍ରମଣ କରିଥିବା ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି। ଆକ୍ରମଣରେ ଗୁରୁତର ଆହତ ଯବାନମାନଙ୍କୁ ଅତ୍ୟାଧୁନିକ ଚିକିତ୍ସା ପାଇଁଇମ୍ଫାଲ ଆଣିବାକୁ ପ୍ରୟାସ କରାଯାଉଥିଲା। କିନ୍ତୁ ଦୁଇ ଜଣ ଯବାନଙ୍କ ଅବସ୍ଥା ଅଧିକ ଜଟିଳ ହେବାରୁ ସେମାନଙ୍କୁ ଉଖରୁଲ ଜିଲ୍ଲାର ସାଙ୍ଗସାକାଠାରେ ଆସାମ ରାଇଫଲ୍ସର କ୍ୟାମ୍ପକୁ ନିଆଯାଇଥିଲା ଓ ସେମାନଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି। ଆତଙ୍କବାଦୀଙ୍କ ସନ୍ଧାନରେ ସୁରକ୍ଷାକର୍ମୀ ବଡ଼ଧରଣର ତଲାସୀ ଅଭିଯାନ ଆରମ୍ଭ କରିଛନ୍ତି।

## ଜେଡ଼ି ଭାନ୍ସଙ୍କୁ ନେତାନ୍ୟାହୁଙ୍କ କଡା ଜବାବ
# ଭ୍ରମରେ ରୁହନି, ଭାରତ ବି ଆମର ଭଲ ବନ୍ଧୁ

ନୂଆଦିଲ୍ଲୀ,୬/୭; ଆମେରିକାକୁ ଆଇନା ଦେଖାଇଲା ଇସ୍ରାଏଲ । ଜେଡି ଭାନ୍ସଙ୍କ ଦାବିର କଡ଼ା ଜବାବ ଦେଲେ ନେତାନ୍ୟାହୁ । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକାକୁ ବିଶ୍ୱରେ ଇସ୍ରାଏଲର ଏକମାତ୍ର ସହଯୋଗୀ ବୋଲି କହିଥିବା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଉଚିତ୍ ଜବାବ ଦେଇଛନ୍ତି । ନେତାନ୍ୟାହୁ କହିଛନ୍ତି ଯେ, ଆମେରିକା ଇସ୍ରାଏଲର ଏକ ଶକ୍ତିଶାଳୀ ଏବଂ ନିକଟତମ ସହଯୋଗୀ, କିନ୍ତୁ ଇସ୍ରାଏଲର ବିଶ୍ୱରେ ଆହୁରି ଅନେକ ସହଯୋଗୀ ମଧ୍ୟ ଅଛନ୍ତି । ନେତାନ୍ୟାହୁ ଭାରତର ନାମ ନେଇ କହିଛନ୍ତି ଯେ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶ ଇସ୍ରାଏଲର ଘନିଷ୍ଠ ସହଯୋଗୀ । ଇସ୍ରାଏଲକୁ ପ୍ରଚୁର ସମର୍ଥନ ମିଳୁଛି । ଭ୍ରମରେ ରୁହନାହିଁ ଭାରତ ବି ଆମର ଭଲ ବନ୍ଧୁ ବୋଲି କହିଛନ୍ତି ନେତନ୍ୟାହୁ । ଲେବାନନରେ ଇସ୍ରାଏଲର ସାମରିକ ଅଭିଯାନ ଏବଂ ଇରାନ ସହିତ ଆମେରିକା ମଧ୍ୟସ୍ଥତାରେ ଶାନ୍ତି ଚୁକ୍ତିକୁ ନେଇ ଦୁଇ ସହଯୋଗୀଙ୍କ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏହି ବିବୃତ୍ତି ଆସିଛି । ଆମେରିକୀୟ ପ୍ରସାରକ ଫକ୍ସ ନ୍ୟୁଜର ଏକ ଶୋ'ରେ, ନେତାନ୍ୟାହୁଙ୍କୁ ଜେଡି ଭାନ୍ସଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେବାକୁ କୁହାଯାଇଥିଲା ଯେଉଁଥିରେ ଆମେରିକାର ଉପରାଷ୍ଟ୍ରପତି ୱାସିଂଟନକୁ ଜେରୁସେଲମର ନିକଟତମ ସହଯୋଗୀ ବୋଲି କହିଥିଲେ। ଭାନ୍ସ ଏହା ମଧ୍ୟ କହିଥିଲେ ଯେ, ଇସ୍ରାଏଲ କ୍ୟାବିନେଟ ଇରାନ ସହିତ ଶାନ୍ତି ଚୁକ୍ତିକୁ ସମାଲୋଚନା କରିବା ପରିବର୍ତ୍ତେ ସମର୍ଥନ କରିବା ଉଚିତ୍। ଉତ୍ତରରେ ନେତାନ୍ୟାହୁ କହିଥିଲେ ଯେ, ଇସ୍ରାଏଲର ହ୍ୱାଇଟ୍ ହାଉସକୁ ଛାଡ଼ି ଦେଲେ ଅନ୍ୟ ବନ୍ଧୁ ମଧ୍ୟ ଅଛନ୍ତି । ସେ ବ୍ୟଙ୍ଗ କରି କହିଥିଲେ, ଆମର ଆଉ କିଛି ବନ୍ଧୁ ଅଛନ୍ତି, ଯେପରିକି ଭାରତ ଭଳି ଛୋଟ ଦେଶ। ଏହାର ଜନସଂଖ୍ୟା ୧୪୦ କୋଟି ଏବଂ ଆମେ ସେଠାରେ ସମର୍ଥନ ପାଉଛୁ । ସ୍ପଷ୍ଟ ଭାବେ କହିବାକୁ ଗଲେ ଆମେ ସେଠାରୁ ପ୍ରଚଣ୍ଡ ସମର୍ଥନ ପାଉଛି । ଭାରତର ଲୋକଙ୍କଠାରୁ ସମର୍ଥନର ଅନେକ ବାର୍ତ୍ତା ମିଳୁଛି । ଫେସବୁକ୍ ଏବଂ ଅନ୍ୟ ସୋସିଆଲ ମିଡିଆରେ ସମର୍ଥନ ମିଳୁଛି ।

## ଶୋଇଥିଲେ ସ୍ୱାମୀ, ପେଟ୍ରୋଲ ଢାଳି ଜାଳିଦେଲା ସ୍ତ୍ରୀ

ନୂଆଦିଲ୍ଲୀ,୬।୭: ଯାହାଙ୍କ ହାତ ଧରି ବାପଘର ଛାଡ଼ିଥିଲେ ଶେଷରେ ତାଙ୍କୁ ମାରିଦେଲେ । ନିଜ ସ୍ୱାମୀଙ୍କୁ ପେଟ୍ରୋଲ ଢ଼ାଳି ମାରିଦେଲା ସ୍ତ୍ରୀ । ପୁଲିସ ଆଗରେ ସତ ମାନିଲେ ମହିଳା । ଉତ୍ତରପ୍ରଦେଶର ଫତେହପୁର ଜିଲ୍ଲାରେ ଯୁବକଙ୍କ ମୃତ୍ୟୁକୁ ନେଇ ସାମ୍ନାକୁ ଆସିଛି ସତ । ବିନୀତା ନିଜ ସ୍ୱାମୀଙ୍କୁ ଜାଳି ମାରି ଦେଇଥିବା ମାନିବା ପରେ ପୁଲିସ ତାଙ୍କୁ ଗିରଫ କରିଛି । ଏବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆରମ୍ଭ ହୋଇଛି ଚର୍ଚ୍ଚା । ସୂଚନାନୁସାରେ ଗତ ଜୁନ୍ ୨୬ ତାରିଖରେ ଯୁବକ ପୋଡ଼ି ହୋଇଯାଇଥିଲେ। ଶୋଇଥିବା ସମୟରେ ନିଆଁ ଲାଗି ଯାଇଥିଲା । ତାଙ୍କୁ ଉଦ୍ଧାର କରି ମେଡିକାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ତାଙ୍କ ପତ୍ନୀ ପ୍ରଥମରୁ ଏମିତି ଅଭିନୟ କରିଥିଲେ କି, କେହି କେବେ ମଧ୍ୟ କଳ୍ପନା କରିପାରିବ ନାହିଁକି ସେ ହିଁ ହତ୍ୟାକାରୀ । କିନ୍ତୁ ପୁଲିସ ଘଟଣାକୁ ନେଇ ଜୋରଦାର ତଦନ୍ତ କରୁଥିବାବେଳେ ସତ ପଦାରେ ପଡ଼ିଛି । ଏବଂ ବିନୀତା ନିଜର ଭୁଲକୁ ମାନିଛନ୍ତି । ସେ କହିଛନ୍ତି କି, ସବୁବେଳେ ମୋ ସ୍ୱାମୀ ମୋତେ ମାଡ଼ ମାରୁଥିଲେ । ଘରେ ଝଗଡ଼ା ଲାଗି ରହୁଥିଲା । ତାଙ୍କ ନିର୍ଯାତନାକୁ ଆଉ ସହି ପାରିଲି ନାହିଁ । ଶେଷରେ ଏଭଳି ଏକ ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛି। ପୁଲିସ ପକ୍ଷରୁ କୁହାଯାଇଛି କି, ଘଟଣା ଘଟିବା ଦିନ ଥାନାକୁ ଫୋନ୍ ଆସିଥିଲା କି, ଜଣେ ଯୁବକ ଘର ଭିତରେ ଥିବାବେଳେ ପୋଡ଼ି ହୋଇଯାଇଛନ୍ତି । ତାଙ୍କୁ କେହି ନିଆଁ ଲଗାଇ ଚାଲି ଯାଇଛି । ଜଣାପଡ଼ିଛି କି, ବିନୀତା ନିଆଁ ଲଗାଇବା ପରେ ବ୍ୟାଙ୍କକୁ ଚାଲି ଯାଇଥିଲେ । ସେ ଏଭଳି କରିଥିଲେ କି, ଯେଭଳି ତାଙ୍କ ଉପରେ କାହାର ସନ୍ଦେହ ନହୁଏ । ମାତ୍ର ଶେଷରେ ତାଙ୍କର ସବୁ ସତ ଜଣାପଡ଼ିଛି । ଏହାସହ ସେ ନିଜର ଭୁଲ୍ ମଧ୍ୟ ମାନିଛନ୍ତି।

## ଭାରତକୁ କୃତଜ୍ଞତା ଜଣାଇଲା ଇରାନ
# ଆମେ ଏହି ବନ୍ଧୁତାକୁ କେବେ ଭୁଲି ପାରିବୁ ନାହିଁ



ତେହରାନ,୬।୭: ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ସେୟଦ ଅଲି ଖାମେନେଇଙ୍କ ରାଷ୍ଟ୍ରଗତ ଅନ୍ତିମ ସଂସ୍କାରରେ ଯୋଗଦେବା ପାଇଁ ଇରାନ ଭାରତ ସରକାର ଏବଂ ଏହାର ଜନତାଙ୍କ ପ୍ରତି ହୃଦୟର ସହିତ କୃତଜ୍ଞତା ପ୍ରକାଶ କରିଛି। ଭାରତରେ ଥିବା ଇରାନୀ ଦୂତାବାସ ଏହାକୁ ଦୁଇ ରାଷ୍ଟ୍ର ମଧ୍ୟରେ ପାରସ୍ପରିକ ସମ୍ମାନର ଏକ ଦୃଢ଼ ଅଭିବ୍ୟକ୍ତି ଭାବରେ ବର୍ଣ୍ଣନା କରିଛି, ଉଲ୍ଲେଖ କରିଛି ଯେ ଏହା ସେମାନଙ୍କର ଗଭୀର ଐତିହାସିକ ଏବଂ ସାଂସ୍କୃତିକ ସମ୍ପର୍କକୁ ପ୍ରତିଫଳିତ କରେ। ଗତ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ଭାରତୀୟ ପ୍ରତିନିଧି ଦଳ ଇରାନୀ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ତେହରାନରେ ପହଞ୍ଚିଥିଲା। ପ୍ରତିନିଧି ଦଳରେ ବିହାର ରାଜ୍ୟପାଳ (ଅବସରପ୍ରାପ୍ତ) ଲେଫ୍ଟନାଣ୍ଟ ଜେନେରାଲ ସୟଦ ଆତା ହାସନୈନ ଏବଂ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ସାମିଲ ଥିଲେ। ଉଲ୍ଲେଖନୀୟ ଯେ ଫେବୃଆରୀରେ ତେହରାନରେ ଆମେରିକା-ଇସ୍ରାଏଲ ବିମାନ ଆକ୍ରମଣ ପରେ ଆୟାତୋଲ୍ଲା ଖାମେନେଇଙ୍କ ମୃତ୍ୟୁ ହୋଇଥିଲା। ଏହା ସହିତ, କଂଗ୍ରେସ ନେତା ସଲମାନ ଖୁର୍ସିଦ, ପୂର୍ବତନ ଜମ୍ମୁ ଓ କଶ୍ମୀର ମୁଖ୍ୟମନ୍ତ୍ରୀ ଏବଂ ପିଡିପି ମୁଖ୍ୟ ମେହବୁବା ମୁଫତି, ଭାରତର ଶିଖ, ହିନ୍ଦୁ, ମୁସଲିମ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ପ୍ରମୁଖ ଧାର୍ମିକ ନେତାମାନେ ଇରାନୀ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ବିସ୍ତୃତ ପୋଷ୍ଟରେ, ଇରାନୀ ଦୂତାବାସ ଭାରତକୁ ଏହାର ଅଂଶଗ୍ରହଣ ପାଇଁ ଧନ୍ୟବାଦ ଜଣାଇଛି। ଇରାନ କହିଛି ଯେ ତେହରାନ ବନ୍ଧୁତା, ସହାନୁଭୂତି ଏବଂ ସମ୍ମାନର ଏହି ପ୍ରଦର୍ଶନକୁ କେବେ ଭୁଲିବ ନାହିଁ।ଏହାର ପୋଷ୍ଟରେ, ଇରାନୀ ଦୂତାବାସ ଭାରତ ସରକାର ଏବଂ ଭାରତୀୟ ଜନତାଙ୍କ ପ୍ରତି – ବିଶେଷକରି ଭାରତ ପକ୍ଷରୁ ଅନ୍ତିମ ସଂସ୍କାରରେ ଯୋଗ ଦେଇଥିବା ସରକାରୀ ପ୍ରତିନିଧିମଣ୍ଡଳୀ ପ୍ରତି ଆନ୍ତରିକ କୃତଜ୍ଞତା ପ୍ରକାଶ କରିଛି। ଦୂତାବାସ ମନ୍ତବ୍ୟ ଦେଇଛି ଯେ ବିଭିନ୍ନ ଧର୍ମର ଭାରତୀୟ ରାଜନୈତିକ ନେତା, ସଂସଦ ସଦସ୍ୟ, ବିଦ୍ୱାନ ଏବଂ ଧାର୍ମିକ ନେତାଙ୍କ ଉପସ୍ଥିତି ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ଗଭୀର ଐତିହାସିକ ଏବଂ ସାଂସ୍କୃତିକ ସମ୍ପର୍କକୁ ଉଜାଗର କରେ। ଇରାନ ଆହୁରି କହିଛି ଯେ ଦୁଃଖର ସମୟରେ ଭାରତ ଦ୍ୱାରା ଦେଖାଯାଇଥିବା ଏହି ଏକତା ଦୁଇ ଦେଶ ମଧ୍ୟରେ ବନ୍ଧୁତାର ମୂଳଦୁଆକୁ ଆହୁରି ମଜବୁତ କରିବ। ଇରାନୀ ସରକାରୀ ଗଣମାଧ୍ୟମ ଅନୁଯାୟୀ, ସୋମବାର ସକାଳେ ତେହରାନର ରାସ୍ତାରେ ଆୟାତୋଲ୍ଲା ଖାମେନେଇଙ୍କ ଶବଯାତ୍ରା ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଦେଶର ଆଧୁନିକ ଇତିହାସର ସର୍ବବୃହତ ଜନସମାବେଶ ଭାବରେ ବର୍ଣ୍ଣନା କରାଯାଉଛି, ଯେଉଁଥିରେ ଲକ୍ଷ ଲକ୍ଷ ଲୋକ ରାସ୍ତା ଉପରେ ଓହ୍ଲାଇ ଆସିଥିଲେ।



ଆୟାତୋଲ୍ଲା ଖାମେନେଇଙ୍କ ଅନ୍ତିମ ଯାତ୍ରାରେ ଲକ୍ଷ ଲକ୍ଷ ଲୋକ

# ଇସ୍ତଫା ଦେଲେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା

ଭୁବନେଶ୍ୱର,୬।୭(ନି.ପ୍ର): ଓଡ଼ିଶା କ୍ୟାଡରର ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ତଥା ଭୁବନେଶ୍ୱର ଡେପୁଟି ପୋଲିସ କମିଶନର (ଡିସିପି) ଜଗମୋହନ ମୀନା ବ୍ୟକ୍ତିଗତ କାରଣ ଦର୍ଶାଇ ରାଜ୍ୟ ସରକାରଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଥିବା ସୂଚନା ମିଳିଛି। ତେବେ ରାଜ୍ୟ ସରକାର ପକ୍ଷରୁ ଏପର୍ଯ୍ୟନ୍ତ ତାଙ୍କ ଇସ୍ତଫାକୁ ଆନୁଷ୍ଠାନିକ ଭାବେ ଗ୍ରହଣ କରାଯାଇନାହିଁ। ସୂତ୍ର ଅନୁଯାୟୀ, ଜଗମୋହନ ମୀନା ସମ୍ପ୍ରତି ସରକାରଙ୍କ ନିକଟରେ ନିଜର ଇସ୍ତଫାପତ୍ର ଦାଖଲ କରିଛନ୍ତି। ତାଙ୍କ ଏହି ନିଷ୍ପତ୍ତି ପଛର ପ୍ରକୃତ କାରଣ ସରକାରୀ ସ୍ତରରେ ସ୍ପଷ୍ଟ କରାଯାଇନଥିଲେ ମଧ୍ୟ, ସେ ରାଜସ୍ଥାନରେ ତାଙ୍କର ଜଣେ ନିକଟ ସମ୍ପର୍କୀୟଙ୍କ ମାଲିକାନାରେ ଥିବା ଏକ ଘରୋଇ କମ୍ପାନୀରେ ଯୋଗଦେବାକୁ ଯୋଜନା କରୁଥିବା ନେଇ ଚର୍ଚ୍ଚା ହେଉଛି। ଜଗମୋହନ ମୀନା ଭାରତର ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଆଇଆଇଟି କାନପୁରରୁ ଏରୋସ୍ପେସ୍ ଇଞ୍ଜିନିୟରିଂରେ ମାଷ୍ଟର୍ସ ଡିଗ୍ରୀ ହାସଲ କରିବା ପରେ ୟୁପିଏସଇ ପରୀକ୍ଷାରେ ସଫଳତା ପାଇ



୨୦୧୩ ମସିହାରେ ଭାରତୀୟ ପୋଲିସ ସେବାରେ ଯୋଗ ଦେଇଥିଲେ। ନିଜ କ୍ୟାରିୟରରେ ସେ ଓଡ଼ିଶାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ସେ ଅନୁଗୁଳ ଓ ଗଞ୍ଜାମ ଜିଲ୍ଲାରେ ପୋଲିସ ଅଧିକ୍ଷକ (ଏସପି) ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଅପରାଧ ନିୟନ୍ତ୍ରଣ, ମାଦକ କାରବାର ବିରୋଧୀ ଅଭିଯାନ ଏବଂ ଆଇନଶୃଙ୍ଖଳା ବଜାୟ ରଖିବାରେ ସକ୍ରିୟ ଭୂମିକା ନେଇଥିଲେ। ପରବର୍ତ୍ତୀ ସମୟରେ ସେ କଟକ ଡିସିପି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ୨୮ ଫେବୃଆରୀ ୨୦୨୫ରେ ସେ ଭୁବନେଶ୍ୱର ଡେପୁଟି ପୋଲିସ କମିଶନର (ଡିସିପି) ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ରାଜଧାନୀରେ ଆଇନଶୃଙ୍ଖଳା, ମହିଳା ସୁରକ୍ଷା, ଟ୍ରାଫିକ୍ ପରିଚାଳନା, ସାଇବର ଅପରାଧ ନିୟନ୍ତ୍ରଣ ଓ କମ୍ୟୁନିଟି ପୋଲିସିଂକୁ ସୁଦୃଢ଼ କରିବା ଦିଗରେ ସେ ବିଭିନ୍ନ ପଦକ୍ଷେପ ନେଇଥିଲେ। ଜଗମୋହନ ମୀନାଙ୍କ କାର୍ଯ୍ୟଶୈଳୀର ଏକ ପ୍ରମୁଖ ଦିଗ ଥିଲା କମ୍ୟୁନିଟି ପୋଲିସିଂ। ଚୋରି ହୋଇ ପୁନରୁଦ୍ଧାର ହୋଇଥିବା ମୋବାଇଲ୍ ଫୋନ୍‌ଗୁଡ଼ିକୁ ପ୍ରକୃତ ମାଲିକଙ୍କୁ ଫେରାଇବା ପାଇଁ ସେ 'ମୋବାଇଲ୍ ମେଳା' ଆୟୋଜନ କରିଥିଲେ, ଯାହା ସାଧାରଣ ଲୋକଙ୍କ ମଧ୍ୟରେ ବେଶ୍ ପ୍ରଶଂସା ସାଉଁଟିଥିଲା। ଏହା ସହ ସେ ସାଇବର ଠକେଇ ରୋକିବା ପାଇଁ ସଚେତନତା ଅଭିଯାନକୁ ମଧ୍ୟ ଗୁରୁତ୍ୱ ଦେଇଥିଲେ। ଏପଟେ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ନିକଟ ଅତୀତରେ ବାଲିଅନ୍ତାରେ ରେଳ କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ଘଟଣାକୁ ନେଇ ସମାଲୋଚନାର ସମ୍ମୁଖୀନ ହୋଇଥିବା ବେଳେ, ସେହି ସମୟରେ ଜଗମୋହନ ମୀନାଙ୍କ ଇସ୍ତଫା ଖବର ସାମ୍ନାକୁ ଆସିଛି। ତେବେ ତାଙ୍କ ଇସ୍ତଫାର ଏହି ଘଟଣା ସହ କୌଣସି ସମ୍ପର୍କ ରହିଛି କି ନାହିଁ, ସେନେଇ କୌଣସି ସରକାରୀ ସ୍ପଷ୍ଟୀକରଣ ଆସିନାହିଁ। ଏହି ଦୁଇଟି ବିଷୟକୁ ଯୋଡ଼ି ଦେଖିବା ପାଇଁ ମଧ୍ୟ କୌଣସି ପ୍ରମାଣ ନାହିଁ। ବର୍ତ୍ତମାନ ରାଜ୍ୟ ସରକାର ତାଙ୍କ ଇସ୍ତଫାପତ୍ର ଉପରେ କ'ଣ ନିଷ୍ପତ୍ତି ନେବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ତାଙ୍କ ହଠାତ୍ ଇସ୍ତଫା ଓଡ଼ିଶା ପୋଲିସ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ଡିସିପି ଜଗମୋହନ ମୀନା କହିଛନ୍ତି, 'ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛି । ଦୀର୍ଘ ବର୍ଷ ଚାକିରି କ୍ୟାରିୟରରେ ମୁଁ ଖୁସି ଥିଲି।'

## ନିଶାସକ୍ତ ଯୁବକର ଉନ୍ମତ୍ତକାଣ୍ଡ

ଭୁବନେଶ୍ୱର(ନି.ପ୍ର): ଜଣେ ନିଶାସକ୍ତ ଯୁବକଙ୍କ ଆକ୍ରମଣରେ ଗୁରୁତର ଆହତ ହେବା ମାମଲାର ତଦନ୍ତ କରି ସହିଦନଗର ଥାନା ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ ଦୀପକ କୁମାର ନାୟକ (୨୪) ଓ ତାଙ୍କ ଘର ଭୋଇନଗରରେ ବୋଲି ଜଣାପଡିଛି। ଏନେଇ ନବ ପରିଡା ଥାନାରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୫ ତାରିଖ ସନ୍ଧ୍ୟା ୭.୦୦ ସମୟରେ ଅଭିଯୋଗକାରୀ ନିଜ ଘର ଆଗରେ ଫୋନରେ କଥା ହେଉଥିବା ବେଳେ ସେହି ଅଞ୍ଚଳର ବାସିନ୍ଦା ଦୀପକ କୁମାର ନାୟକ ଉର୍ଫ ପଙ୍କ ତାଙ୍କୁ ପଛପଟୁ ଆକ୍ରମଣ କରିଥିଲେ। ଅଭିଯୋଗକାରୀ ଏହାର କାରଣ ପଚାରିବାରୁ ମଦ୍ୟପ ଅବସ୍ଥାରେ ଥିବା ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏହି ସମୟରେ ଅଭିଯୋଗକାରୀଙ୍କ ଭଉଣୀ ମଧ୍ୟସ୍ଥତା କରିବାକୁ ଆସିଥିଲେ। ଅଭିଯୁକ୍ତ ନିଜ ଘରୁ ଏକ ଧାରୁଆ ଖଣ୍ଡା ଆଣି ଅଭିଯୋଗକାରୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ଅଭିଯୁକ୍ତଙ୍କ ଆକ୍ରମଣରେ ଅଭିଯୋଗକାରୀଙ୍କ ଭଉଣୀଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ପରେ ଅଭିଯୁକ୍ତଙ୍କ ପରିବାର ଲୋକମାନେ ତାଙ୍କଠାରୁ ଖଣ୍ଡାଟି ଛଡ଼ାଇ ନେଇ ଘଟଣାସ୍ଥଳରୁ ଅଭିଯୁକ୍ତଙ୍କୁ ନେଇଯାଇଥିଲେ। ଯିବା ପୂର୍ବରୁ ଅଭିଯୁକ୍ତ ଅଭିଯୋଗକାରୀ ଓ ତାଙ୍କ ପରିବାରକୁ ହତ୍ୟା କରିଦେବାକୁ ଧମକ ଦେଇଥିଲେ। ତଦନ୍ତ ସମୟରେ ଚଢଉ କରାଯାଇ ଅଭିଯୁକ୍ତଙ୍କୁ ତାଙ୍କ ଘରୁ କାବୁ କରାଯାଇଥିଲା ଏବଂ ତାଙ୍କ ନିକଟରୁ ଘଟଣାରେ ବ୍ୟବହୃତ ଖଣ୍ଡା ଜବତ କରାଯାଇଥିଲା। ଅପରାଧରେ ଅଭିଯୁକ୍ତ ଦୀପକ କୁମାର ନାୟକ ଉର୍ଫ ପଙ୍କ ଙ୍କର ଅପରାଧ ସ୍ପଷ୍ଟ ହେବାରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ ରାଜା ଜେନା ଓ ତାଙ୍କ ଘର ସ୍ଥାନୀୟ ଥାନା ଅନ୍ତର୍ଗତ ନିଳାଦ୍ରୀ ବିହାରର ରିକ୍ସା କଲୋନୀରେ ବୋଲି ଜଣାପଡିଛି। ଏନେଇ ସୁନୀଲ କୁମାର ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ସୋମବାର ସକାଳ ୫ଟା୩୦ ସମୟରେ ଅଭିଯୋଗକାରୀ ରୟାଲ ଫିଟନେସ୍ ଜିମ୍, ଡିଷ୍ଟ୍ରିକ୍ଟ ସେଣ୍ଟର ଆଡ଼କୁ ଯାଉଥିବା ବେଳେ ଅଭିଯୁକ୍ତ ରାଜା ଜେନା ଜିମ୍ ଆଗରେ ଥିଲେ। କିଛି ସମୟ ପରେ ଅଭିଯୁକ୍ତ ଜିମ୍ ଭିତରକୁ ପଶି ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଥମ୍ସଅପ୍ କାଚ ବୋତଲରେ ତାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଅଭିଯୋଗକାରୀ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହି ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ଘଟଣା ପରେ ଅଭିଯୁକ୍ତ ପଳାଇଯିବା ସହ ଅଭିଯୋଗକାରୀଙ୍କୁ ହତ୍ୟା କରିଦେବାକୁ ଧମକ ଦେଇଥିଲେ ।ତଦନ୍ତ ସମୟରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବା ସହ ଘଟଣାରେ ବ୍ୟବହୃତ ଥମ୍ସଅପ୍ କାଚ ବୋତଲ ଜବତ କରାଯାଇଥିଲା। ଏକ ଚଢଉ କରାଯାଇ ଅଭିଯୁକ୍ତଙ୍କୁ କାବୁ କରାଯାଇ ଥାନାକୁ ଅଣାଯାଇଥିଲା। ପଚରାଉଚରାରୁ ଅଭିଯୁକ୍ତ ଅପରାଧରେ ତାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ।

## ରଜ ମହୋତ୍ସବରେ ଡାକବାଜି ଯନ୍ତ୍ରକୁ ନେଇ ଗଣ୍ଡଗୋଳ ଘଟଣା : ୪ ଗିରଫ

ଧର୍ମଶାଳା(ନିପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଙ୍ଗରାଜପୁର ପଂଚାୟତ ଅନ୍ତର୍ଗତ ଚଅପୋଇ ଗ୍ରାମରେ ରଜ ମହୋତ୍ସବ ଚାଲି ଥିବା ସମୟରେ ଡାକବାଜି ଯନ୍ତ୍ରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଏହି ଘଟଣାରେ ଉଭୟ ପକ୍ଷରୁ ଠେଙ୍ଗା ଓ ପଥର ମାଡରେ ଉଭୟ ପକ୍ଷରୁ ପାଖାପାଖି ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ । ଏହି ଘଟଣାକୁ ନେଇ ବ୍ରହ୍ମବରଦା ଥାନାରେ ପୃଥକ ପୃଥକ ଭାବେ ଦୁଇଟି ମାମଲା ରୁଜୁ ହୋଇଥିଲା । ଥାନାରେ ମାମଲା ରୁଜୁ ହେବା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ତେବେ କୌଣସି ସୂତ୍ରରୁ ପୁଲିସ ଖବର ପାଇ ଆଜି ଭୋର ସମୟରେ ଚଅପୋଇ ଗ୍ରାମର ବିଭିନ୍ନ ସ୍ଥାନରେ ଚଢାଉ କରି ୪ଜଣ ଯୁବକଙ୍କୁ ଗିରଫ କରିଥିଲା । ଚଅପୋଇ ଗ୍ରାମର ବିଦ୍ୟାଧର ବେହେରାଙ୍କ ପୁଅ ଗୋବିନ୍ଦ(୪୦), ଅଶୋକ ବେହେରାଙ୍କ ପୁଅ ପ୍ରତି ରଂଜନ ଓରଫ ଚନ୍ଦନ(୨୦), ଘନଶ୍ୟାମ ବେହେରାଙ୍କ ପୁଅ ଚକ୍ରଧର(୪୦) ଓ ପରମାନନ୍ଦ ବେହେରାଙ୍କ ପୁଅ କାର୍ତ୍ତିକ(୩୭)ଙ୍କୁ ଡାକ୍ତରୀ ମଇନା ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ସୂଚନା ଦେଇଛନ୍ତି ।

## ଯୁବକଙ୍କୁ ହତ୍ୟା: ମୃତ୍ୟୁ ପରେ ନଦୀରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ

ନୟାଗଡ଼(ନିପ୍ର): ନୟାଗଡ଼ ସଦର ଥାନା ଅନ୍ତର୍ଗତ ଡାଳିଆ ମଡ଼ା ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୂଚନାନୁସାରେ ମୃତ ଯୁବକ ଜଣକ ହେଉଛନ୍ତି ଡାଳିଆମଡ଼ା ଗ୍ରାମର ଅଭିମନ୍ୟୁ ସାହୁ । ମୃତକଙ୍କ ପରିବାର ଅଭିଯୋଗ ଅନୁଯାୟୀ ଗ୍ରାମ ପକ୍ଷରୁ ଦୀର୍ଘ ୪ରୁ ୫ବର୍ଷ ହେବ



ଅଭିମନ୍ୟୁଙ୍କ ପରିବାରକୁ ବାସନ୍ଦ କରାଯିବା ସହିତ ଗ୍ରାମ ପକ୍ଷରୁ ହରକତ କରାଯାଉଥିଲା । ଏପରିକି ଶୁଣିବାକୁ ମିଳୁଛି ପରିବାରକୁ ଗ୍ରାମ ପକ୍ଷରୁ ମଧ୍ୟ ଜୀବନରେ ମାରିବାକୁ କୁଆଡେ ଧମକ ଦିଆଯାଇଥିଲା। ଏପଟେ ଥାନାରେ ଏତଲାକୁ ଭିତ୍ତିକରି ଗତକାଲି ଗ୍ରାମର କିଛି ବ୍ୟକ୍ତି ଅଭିମନ୍ୟୁକୁ ନଦୀବନ୍ଧକୁ ଡାକି ତାକୁ ମାରି ହାତଗୋଡ ବାନ୍ଧି ପ୍ରମାଣ ନଷ୍ଟ କରିବା ପାଇଁ ନଦୀରେ ଭସାଇ ଦେଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି । ଏପରି ସ୍ଥଳରେ ଅଭିମନ୍ୟୁଙ୍କ ପତ୍ତା ପାଉନଥିବା ବେଳେ ସଦର ଥାନା ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ଏବଂ ଅଗ୍ନିଶମ ବାହିନୀ ଉଦ୍ଧାରକାରୀ ଦଳ ସାହାଯ୍ୟରେ ତନାଘନା କରି ଗ୍ରାମ କୋଠ ଘରଠାରୁ ଶହେ ମିଟର ଦୂରରେ ଥିବା ଡାହୁକା ନଦୀରୁ ମୃତଦେହ ଉଦ୍ଧାର କରିଥିବା ବେଳେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିବା ଜଣାପଡିଛି । ଏତଲା ପାଇ ଘଟଣା ସ୍ଥଳରେ ସଦର ଥାନା ପୋଲିସ ପହଂଚି ତଦନ୍ତ ଜାରି ରଖିଥିବା ବେଳେ ପୋଲିସ ଗ୍ରାମରେ ପୋଲିସ ମୁତୟନ ଅଛନ୍ତି । ଗ୍ରାମ ପୁରୁଷ ଶୂନ୍ୟ ଥିବା ବେଳେ ଘଟଣା କେଉଁ ମୋଡ଼ ନେଉଛି, ପୋଲିସ କେବେ ଏହାର ପର୍ଦ୍ଦାଫାସ କରୁଛି ତାହା ଦେଖିବାକୁ ବାକି ରହିଲା ।

## ଗାଲେରି ଦଣ୍ଡକାଳୀ ମନ୍ଦିରରୁ ଚୋରି

ଗଂଜାମ: ଭଂଜନଗର ନିକଟସ୍ଥ ତଥା ତାରାସିଂଗି ଦଣ୍ଡ କାଳୀମନ୍ଦିରରୁ ପ୍ରବଳବର୍ଷାର ସୁଯୋଗ ନେଇ ରାତିରେ ଚାରୋଟି ଦ୍ୱାର କବାଟ ଭାଂଗି ବିପୁଳ ପରିମାଣରେ ସୁନା ଟଙ୍କା ରୁପା ଚୋରମାନେ ଚୋରି କରିନେଇଛନ୍ତି। କାଳୀ ମାଙ୍କର ସୁନାକିରଟି, ହାର ମାଳି ଚେନ, ରୁପାର ଜିଭ ଓ ଆଖି ଲୁଟି ନେବା ସହ ଗଡରେଜ ଆଲମିରା ଭାଂଗି ନଗଦ ପ୍ରାୟ ଦୁଇଲକ୍ଷ ୨୨ହଜାର ଟଂକା ସହ ମନ୍ଦିରରୁ ସୁନା ଅଳଙ୍କାର ୪୦୦ ଗ୍ରାମ ଓ ରୁପା ଅଳକାଂର ୧୧କେଜି ଲୁଟି ନେଇଛନ୍ତି। ସିସିଟିଭି ଭାଂଗି ମନ୍ଦିରରୁ ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସଂପତ୍ତି ଚୋରି ହୋଇଥିବା ଅଭିଯୋଗ ହୋଇଛି । ତାରାସିଂଗି ଓ ଭଂଜନଗର ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ଘଟଣାର ତଦନ୍ତ କରୁଛି । ଗଂଜାମ ଜିଲାରେ ମନ୍ଦିର ଚୋରି ଘଟଣା ନିତିଦିନିଆ ଘଟଣା ହୋଇପଡିଥିଲେ ମଧ୍ୟ ପୁଲିସ ଏହାର ଟେର ପାଉନଥିବା ଓ ଚୋରମାନେ ଧରା ପଡୁନଥିବାରୁ ଜନସାଧାରଣଙ୍କ ମନରେ ଅସନ୍ତୋଷ ଓ ଉଦବେଗ ପ୍ରକାଶ ପାଇବାରେ ଲାଗିଛି।

ମାମୁ ଘର ଗାଁରେ ଭଣଜାକୁ ଆକ୍ରମଣ

## ହାତକୁ ହାଣି ଦୁଇଖଣ୍ଡ କଲା ଯୁବକ

ରାଜକନିକା: ରାଜକନିକା ଥାନା ଅନ୍ତର୍ଗତ ବରୁଣାଡିହା ଗାଁରେ ଆତଙ୍କ ଖେଳାଇଲେ ଯୁବକ। ମାମୁ ଘରକୁ ଆସିଥିବା ଭଣଜାର ଡାହାଣ ହାତକୁ ଭୁଜାଲିରେ ହାଣି ଅଲଗା କରିଦେଲେ । ହାତରୁ ଛିଡ଼ି ତଳେ ପଡିଲା ପାପୁଲି। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଇଥିବା ସୂଚନା ମିଳିଛି । ତେବେ ଯୁବକ ଜଣଙ୍କ କେଉଁ କାରଣରୁ ଆକ୍ରମଣ କଲେ ତାହା ସ୍ପଷ୍ଟ ହୋଇନାହିଁ । ପୁଲିସ ଅଭିଯୁକ୍ତକୁ ଧରିବାକୁ ଖୋଜା ଖୋଜି ଆରମ୍ଭ କରିଥିବା ଜଣାପଡ଼ିଛି। ଘଟଣା ମୁତାବକ, ସୋମବାର ସକାଳେ ନୂଆ ଅରସା ଗାଁର ଗାଲେଖ ଥାଟୋଇଙ୍କ ପୁଅ ସୌରଭ ଥାଟୋଇ( ୨୧) ତାର ମାମୁ ଘର ବରୁଣାଡିହା ଯାଇଥିଲା। ମାମୁ ଘର ପାଖରେ ବୁଲୁଥିବା ବେଳେ ସେହି ଗାଁର ବାପୁନା ନାୟକ (୩୫) ନାମକ ଜଣେ ଯୁବକ ତାକୁ ଅତର୍କିତ ଭାବରେ ଭୁଜାଲିରେ ଆକ୍ରମଣ କରିଥିଲେ। ଭୁଜାଲି ଚୋଟରୁ ବଞ୍ଚିବା ପାଇଁ ସୌରଭ ଡାହାଣ ହାତ ଦେଖାଇ ଦେବାରୁ ହାତର ମଣିବନ୍ଧ ପାଖରୁ କଟି ହାତ ଓ ପାପୁଲି ଅଲଗା ହୋଇଯାଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୌରଭକୁ ଗାଁ ଲୋକେ ଉଦ୍ଧାର କରି ରାଜକନିକା ମେଡିକାଲ ଅଣାଯିବା ପରେ ତାର ଅବସ୍ଥା ଗୁରୁତର ଥିବାରୁ ସୌରଭକୁ କଟକ ପଠାଯାଇଛି। ପୁଲିସ ବରୁଣାଡିହା ଯାଇ ହାଣିଥିବା ଯୁବକକୁ ଖୋଜିବାରେ ଲାଗିଛି। ଘଟଣାଟି ସ୍ଥାନୀୟ ଅଞ୍ଚଳରେ ବେଶ ଚର୍ଚ୍ଚା ପାଲଟିଛି।

## କେନ୍ଦୁଝର ପୁଲିସର ବଡ଼ ଆକ୍ସନ୍ ଏନ୍‌କାଉଣ୍ଟରରେ ଅଭିଯୁକ୍ତ ମହମ୍ମଦ ନାଫିସ ଆହତ

କେନ୍ଦୁଝର: କୁଖ୍ୟାତ ଲୁଟେରା ମହମ୍ମଦ ନାସିଫଙ୍କୁ ଏନ୍‌କାଉଣ୍ଟର କରାଯାଇଛି। ନାସିଫର ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଧରଣୀଧର ମେଡିକାଲରେ କଲେଜରେ ଭର୍ତ୍ତି କରାଯାଇଛି। ମେଡିକାଲ ପରିସରରେ ସଶସ୍ତ୍ର ପୁଲିସ ବାହିନୀ ଜଗି ରହିଛନ୍ତି। ତେବେ ଏମ୍‌ଡି ନାସିଫର ନାଁରେ କେନ୍ଦୁଝର ଏବଂ ମୟୂରଭଞ୍ଜର ବିଭିନ୍ନ ଥାନାରେ ଏକାଧିକା ମାମଲା ରହିଛି। ସୂଚନା ଅନୁଯାୟୀ, ସୋମବାର ସକାଳେ ଚମ୍ପୁଆର ପତଳା ଜଙ୍ଗଲ ନିକଟରେ ପୁଲିସ୍ ଏକାଧିକ ଚୋରି ଏବଂ ଅପରାଧ ମାମଲାର ମାଷ୍ଟରମାଇଣ୍ଡ ଏମ୍‌ଡି ନାସିଫରକୁ ଧରିବାକୁ ଚେଷ୍ଟା କରୁଥିଲା । ନାସିଫର ପୁଲିସ ଦେଖି ଖସିଯିବାକୁ ଉଦ୍ୟମ କରିଥିଲା। ସେ ପୁଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି କରି କରିଥିଲା । ଜବାବରେ ପୁଲିସ ତାକୁ ଗୁଳି କରିଥିଲା । ତାର ଡାହାଣ ଗୋଡରେ ଗୁଳି ବାଜିଛି । ନାସିଫ୍‌କୁ ଧରଣୀଧର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

୨୧ ବର୍ଷ ମାମଲାର ଘଟିଲା ଅନ୍ତ

## ଝିଆଣିଆ ସତ୍ତ୍ୱ ଉପରେ କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ଭଦ୍ରକ(ନିପ୍ର): ଝିଆଣିଆ ସତ୍ତ୍ୱ ଉପରେ ଭଦ୍ରକର ଅତିରିକ୍ତ ବରିଷ୍ଠ ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ସ୍ୱର୍ଗତଃ ଭାଗୀରଥି ସାହୁଙ୍କର କନ୍ୟା ସ୍ୱର୍ଗତଃ ବାସନ୍ତୀ ବେହେରାଙ୍କ ଝିଅ ନିଜର ଭାଗ ୧/୪ ଅଂଶ ନେବା ପାଇଁ ଏକ ବଂଟନ ମକଦ୍ଦମା (ନଂ ୧୭୧/୨୦୦୫) ଆଗତ କରିଥିଲେ। ମାତ୍ର ଏଥିପୂର୍ବରୁ ବାସନ୍ତୀ ବେହେରାଙ୍କ ଭାଇ ଉମ୍ବରୁଧର ସାହୁ, ଭଉଣୀ ଓ ନିଜର ଭାଗ ବିକ୍ରମବୀର ଖେମକାଙ୍କୁ ଚଞ୍ଚକତା ପୂର୍ବକ ବିକ୍ରୟ କରିଦେଇଥିଲେ। ଯାହାକୁ ଭଦ୍ରକର ଅତିରିକ୍ତ ବରିଷ୍ଠ ଅଦାଲତ ବିଚାର କରି ଉକ୍ତ ଦଲିଲରୁ ମୃତ ବାସନ୍ତୀଙ୍କ ନ୍ୟାର୍ଯ୍ୟଦାବି ଅର୍ଥାତ୍ ୧/୪ ଅଂଶ ତାଙ୍କର କନ୍ୟା ରଶ୍ମିତା ବେହେରା, ସସ୍ମିତା ବେହେରା ଓ ତାଙ୍କର ସ୍ୱାମୀ କାଳନ୍ଦୀ ବେହେରାଙ୍କୁ ଦେବାକୁ ଗତ ଜୁନମାସ ୨୪ ତାରିଖରେ ରାୟ ପ୍ରଦାନ କରିଥିଲେ। ଏହି ମୋକଦ୍ଦମା ଦୀର୍ଘ ୨୧ ବର୍ଷ ଧରି ଚାଲିଥିବାବେଳେ ଅଦାଲତ ଗତମାସ ଉକ୍ତ ରାୟ ପ୍ରକାଶ କରିଛନ୍ତି। ଏହି ରାୟ ପ୍ରକାଶ ପାଇବା ପରେ ମୃତ ବାସନ୍ତୀଙ୍କର କନ୍ୟା ଓ ସ୍ୱାମୀ ଅଦାଲତଙ୍କୁ ବଧେଇ ଜଣାଇଛନ୍ତି। ବାଦିଙ୍କ ତରଫରୁ ଓକିଲ ଜଗତବନ୍ଧୁ ଅଗସ୍ତି, ବିଶ୍ୱଭୂଷଣ ଅଗସ୍ତି, ଶୁଭଲକ୍ଷ୍ମୀ ପୋଥାଳ ଓ ପୂଜା ପ୍ରିୟଦର୍ଶନୀ ଦାସ ମାମଲା ପରିଚାଳନା କରୁଥିଲେ।

ଶାବଳରେ ଆକ୍ରମଣ ମାମଲା

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସଦର ଥାନା ସମ୍ମୁଖରେ ଧାରଣା

କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଚାନ୍ଦୋଳ ବଜାରରେ ଜଣେ ଗ୍ରୋସରୀ ବ୍ୟବସାୟୀଙ୍କ ଉପରେ ଶାବଳରେ ଆକ୍ରମଣ ହୋଇଥିବା ଅଭିଯୋଗକୁ ନେଇ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଗୁରୁତର ଆହତ ବ୍ୟବସାୟୀ ଶଶିକାନ୍ତ ଦାସ ବର୍ତ୍ତମାନ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା




ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଏପର୍ଯ୍ୟନ୍ତ ଅଭିଯୁକ୍ତ ଗିରଫ ହୋଇନଥିବା ଅଭିଯୋଗ କରି ପରିବାର ସଦସ୍ୟ ଓ ଗ୍ରାମବାସୀ କେନ୍ଦ୍ରାପଡ଼ା ସଦର ଥାନା ସମ୍ମୁଖରେ ଧାରଣାରେ ବସି ନ୍ୟାୟ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ଚାନ୍ଦୋଳ ନରଣପଡ଼ା ଗ୍ରାମର ଶଶିକାନ୍ତ ଦାସ ଚାନ୍ଦୋଳ ବଜାରରେ ଏକ ଗ୍ରୋସରୀ ଦୋକାନ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ, ଗତ ୫ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ନୀଳାଦ୍ରି ଦାସ ନାମକ ଜଣେ ଯୁବକ ଶାବଳରେ ଶଶିକାନ୍ତଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ସେ ନିକଟସ୍ଥ କେନାଲକୁ ଖସିପଡ଼ିଥିବା ପରିବାର ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ପ୍ରଥମେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ନିଆଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ଅବନତି ଘଟିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିବାବେଳେ ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ଘଟଣା ପରେ ଶଶିକାନ୍ତଙ୍କ ସ୍ତ୍ରୀ ସଂଘମିତ୍ରା ଦାସ କେନ୍ଦ୍ରାପଡ଼ା ସଦର ଥାନାରେ ଲିଖିତ ଏତଲା ଦାଖଲ କରିଥିଲେ। ତେବେ ବାରମ୍ବାର ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଏବଂ ଅଭିଯୁକ୍ତ ଏପର୍ଯ୍ୟନ୍ତ ଖୋଲାଖୋଲି ବୁଲୁଥିବା ଅଭିଯୋଗ କରି ପରିବାର ଲୋକେ ପୋଲିସର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫକରି କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ପରିବାର ସଦସ୍ୟ ଓ ଗ୍ରାମବାସୀ କେନ୍ଦ୍ରାପଡ଼ା ସଦର ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ଶୀଘ୍ର ଦୋଷୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ ନ କରାଗଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଇନ୍ସପେକ୍ଟର ବିଉଟି ମହାନ୍ତିଙ୍କ ମୃତ୍ୟୁ ମାମଲାରେ କଟକ ଡିସିପିଙ୍କ ପ୍ରତିକ୍ରିୟା

## ଯାଞ୍ଚ କରାଯାଉଛି ସୋସିଆଲ୍ ମିଡିଆ ଚାଟ୍

କଟକ(ନିପ୍ର): ଚାଉଳିଆଗଞ୍ଜ ଥାନା ଇନ୍ସପେକ୍ଟର ବିଉଟି ମହାନ୍ତିଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାକୁ ନେଇ ତଦନ୍ତକୁ ଆହୁରି ତ୍ୱରାନ୍ୱିତ କରିଛି କମିଶନରେଟ୍ ପୁଲିସ। ମାମଲାର ପ୍ରତ୍ୟେକ ଦିଗକୁ ଗୁରୁତ୍ୱର ସହ ଅନୁଧ୍ୟାନ କରାଯାଉଥିବା ବେଳେ କଟକ ଡିସିପି ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି। ଡିସିପିଙ୍କ




ସୂଚନା ଅନୁଯାୟୀ, ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ଦୁଇଜଣ ଆଇଆଇସି, ଜଣେ ଏସିପି ଏବଂ ଜଣେ ଅତିରିକ୍ତ ଡିସିପିଙ୍କୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଛି। କୌଣସି ଦିଗକୁ ଅଣଦେଖା ନକରି ସମସ୍ତ ସମ୍ଭାବ୍ୟ ଦିଗରୁ ତଦନ୍ତ ଚାଲିଥିବା ସେ କହିଛନ୍ତି। ପୁଲିସ ପକ୍ଷରୁ ବିଉଟି ମହାନ୍ତିଙ୍କ ସ୍ୱାମୀ ଏବଂ ତାଙ୍କର ଦୁଇ ଭଉଣୀଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣା ସମ୍ପର୍କରେ ପରିବାର ସଦସ୍ୟଙ୍କଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଉଛି। ତେବେ ଏପର୍ଯ୍ୟନ୍ତ ପରିବାର ପକ୍ଷରୁ କୌଣସି ଲିଖିତ ଅଭିଯୋଗ ଦାଖଲ ହୋଇନଥିବା ଡିସିପି ସ୍ପଷ୍ଟ କରିଛନ୍ତି। ତଦନ୍ତର ଅଂଶ ସ୍ୱରୂପ ମୃତ ଆଇଆଇସିଙ୍କ ମୋବାଇଲ୍ ଫୋନର ହ୍ୱାଟ୍ସଆପ୍ ଚାଟ୍, ଅନ୍ୟାନ୍ୟ ସୋସିଆଲ୍ ମିଡିଆ ଚାଟ୍ ଓ ଡିଜିଟାଲ୍ କମ୍ୟୁନିକେସନ୍‌କୁ ଯାଞ୍ଚ କରାଯାଉଛି। ସେ ଶେଷଥର କାହା ସହ ଫୋନରେ କଥା ହୋଇଥିଲେ, ତାହାର କଲ୍ ଡିଟେଲ୍ସ ମଧ୍ୟ ଯାଞ୍ଚ କରାଯିବ ବୋଲି ଡିସିପି କହିଛନ୍ତି। ଏହାଛଡ଼ା ବିଉଟି ମହାନ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟର କାରବାର ଓ ଆର୍ଥିକ ନେଣଦେଣ ସମ୍ପର୍କିତ ତଥ୍ୟ ମଧ୍ୟ ଯାଞ୍ଚ କରାଯାଉଛି। ମୋବାଇଲ୍ ଫୋନକୁ ବୈଜ୍ଞାନିକ ଯାଞ୍ଚ ପାଇଁ ଫରେନ୍ସିକ୍ ଲ୍ୟାବକୁ ପଠାଯାଇଥିବା ବେଳେ ସେଠାରୁ ମିଳିବାକୁ ଥିବା ରିପୋର୍ଟ ତଦନ୍ତରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସାବ୍ୟସ୍ତ ହୋଇପାରେ ବୋଲି ପୁଲିସ ଆଶା ରଖିଛି। ଡିସିପି କହିଛନ୍ତି ଯେ, ମାମଲାର ପ୍ରତ୍ୟେକ ଦିଗକୁ ଅତ୍ୟନ୍ତ ସତର୍କତାର ସହ ଅନୁସନ୍ଧାନ କରାଯାଉଛି। ଫରେନ୍ସିକ୍ ରିପୋର୍ଟ, ଡିଜିଟାଲ୍ ତଥ୍ୟ ଏବଂ ଅନ୍ୟାନ୍ୟ ତଦନ୍ତ ନିର୍ଯ୍ୟାସ ସାମ୍ନାକୁ ଆସିବା ପରେ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ବର୍ତ୍ତମାନ ସୁଦ୍ଧା ତଦନ୍ତ ଜାରି ରହିଥିବାରୁ କୌଣସି ନିଷ୍କର୍ଷରେ ପହଞ୍ଚିବା ଅତିଶୀଘ୍ର ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ଜାତୀୟ ମାନବାଧିକାର କମିସନରେ ମାମଲା

କଟକ : ଚାଉଳିଆଗଞ୍ଜ ଥାନାର ଆଇଆଇସି ଭାବେ କାର୍ଯ୍ୟରତ ମହିଳା ପୁଲିସ ଅଧିକାରୀ ବିୟୁଟି ମହାନ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର ଧରିଛି । ଏହି ଘଟଣାରେ ତାଙ୍କ ପରିବାର ପକ୍ଷରୁ ହତ୍ୟାର ଅଭିଯୋଗ ଉଠିଥିବା ବେଳେ ମାମଲା ଏବେ ଜାତୀୟ ମାନବାଧିକାର କମିସନ (ଏନଏଚଆରସି)ରେ ପହଁଚିଛି । 'ନ୍ୟାୟ ପାଇଁ ଲଢେଇ ପରିବାର' ନାମକ ସଂଗଠନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏନଏଚଆରସିରେ ମାମଲା ଦାୟର କରିଛନ୍ତି । ଏନଏଚଆରସି କେସ୍ ନମ୍ବର ୧୫୪୬୧/୨୦୨୬ ରେ ଦାୟର ହୋଇଥିବା ଏହି ଆବେଦନରେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି । ସେହିପରି, ବିୟୁଟି ମହାନ୍ତିଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ ମଧ୍ୟ କମିଶନଙ୍କ ନିକଟରେ ଆବେଦନ କରାଯାଇଛି । ଏହି ସମ୍ବେଦନଶୀଳ ମାମଲାରେ କଟକ ଡିସିପି, କଟକ ପୁଲିସ କମିସନର, ଓଡ଼ିଶା ପୁଲିସ ଡିଜି, ରାଜ୍ୟ ଗୃହ ସଚିବ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି । ବିୟୁଟି ମହାନ୍ତିଙ୍କ ମୃତ୍ୟୁ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆଣିବା ଏବଂ ନ୍ୟାୟ ପ୍ରଦାନ ପାଇଁ ଏହି ମାମଲାରେ ଜାତୀୟ ମାନବାଧିକାର କମିଶନଙ୍କ ହସ୍ତକ୍ଷେପ ଦାବି କରାଯାଇଛି।

## ଯାତ୍ରୀବାହୀ ଅଟୋ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଆସିକା(ନିପ୍ର): ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ଖଡଭାଗ ପେଟ୍ରୋଲ ପମ୍ପ ନିକଟରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ଯାତ୍ରୀବାହୀ ଅଟୋ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଅଟୋ ଚାଳକଙ୍କ ସମେତ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖଡଭାଗ ଗ୍ରାମର ୬୦ ବର୍ଷୀୟ ଆର. ତାରା ରେଡ୍ଡୀ। ପ୍ରକାଶ ଥାଉକି ତାରା ବିଲକୁ ଔଷଧ ପକାଇବାକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାଗ୍ରସ୍ତ ଅଟୋରେ ଧନୁତର ଗ୍ରାମର ଜଣେ ଗର୍ଭବତୀ ମହିଳା ସମେତ ତିନିଜଣ ଯାତ୍ରା କରୁଥିଲେ। ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ ଆହତଙ୍କୁ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଅଣା ଯାଇଥିଲା। ଏଠାରେ କାର୍ଯ୍ୟରତ ଡାକ୍ତର ଆର. ତାରା ରେଡ୍ଡୀଙ୍କୁ ମୃତ ଘୋଷଣା କରିଥିବା ବେଳେ ଅଟୋ ଚାଳକ ଓ ଦୁଇ ଯାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣା ସ୍ଥାନରେ ଆସିକା ପୋଲିସ ପହଞ୍ଚି ଦୁର୍ଘଟଣାର କାରଣ ନେଇ ତଦନ୍ତ ଆରମ୍ଭ କରିଛି।

